

**ଆକ୍ସନ ମୋଡ୍‌ରେ ଯୋଗୀ ସରକାର** ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 94 ଭାଗ ୩୪ | ସଂଖ୍ୟା ୯୪

Thursday 25 June 2026 | Page 8 Rs. 5.00

● ଭୁବନେଶ୍ୱର ଗୁରୁବାର, ୨୫ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଭୁଶୁଡ଼ିଲା ନିର୍ମାଣାଧୀନ କୋଠା

### ୫ ମୃତ



କୋଲକାତା,୨୪।୬(ସଂଚାର ବ୍ୟୁରୋ): ବୁଧବାର କୋଲକାତାର ତାରତାଲା ଅଞ୍ଚଳରେ ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ଭୁଶୁଡ଼ି ପଡ଼ିବାରୁ ୫ ଜଣଙ୍କ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ୨୦ ଜଣ ଶ୍ରମିକ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୨୫ ଜଣଙ୍କୁ ଷ୍ଟିଲ୍ ରଡ଼ କାଟି ସିମେଣ୍ଟ ଗଦା ଭିତରୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ହସ୍ପିଟାଲକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି।

ଭାରତୀୟ ସେନା, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ), ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏସଡିଆରଏଫ), ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀର କର୍ମକର୍ତ୍ତାମାନେ ପହଞ୍ଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟକୁ ବ୍ୟାପକ କରିଛନ୍ତି। ସିମେଣ୍ଟ, ବାଲି, କଂକ୍ରିଟ୍, ଷ୍ଟିଲ ରଡ଼ର ଭଗ୍ନସ୍ତୂପ ତଳେ ଡଜନେରୁ ଅଧିକ ଚାପି ହୋଇ ରହିଛନ୍ତି। ଭଗ୍ନସ୍ତୂପ ତଳୁ କାନ୍ଦବୋବାଳି, ଆର୍ତ୍ତ ଚିତ୍କାର ଶୁଣାଯାଉଥିବାରୁ ଶ୍ରମିକମାନେ ଜୀବିତ ଥିବା ଉଦ୍ଧାରକାରୀ ଦଳ ଆଶା କରିଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ତୁରନ୍ତ ➢ପୃଷ୍ଠା-୬

### ଭୁବନେଶ୍ୱରରେ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ ବୈଠକ

# ସାମୁଦ୍ରିକ ସୁରକ୍ଷା ପ୍ରଗତିର ପ୍ରବେଶ ପଥ

- ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଜାତୀୟ ସ୍ତରର ବୈଠକ
- ବ୍ଲୁ-ଇକୋନୋମିର ବିକାଶ ପାଇଁ ଜଳପଥର ସୁରକ୍ଷା ଜରୁରୀ
- ଗଞ୍ଜାମରେ ତିଆରି ହେଉଛି ଗଭୀର-ସମୁଦ୍ର ବନ୍ଦର
- ସାମୁଦ୍ରିକ ନୀତିକୁ ସୁଦୃଢ଼ କରିବ ପାରାଦୀପ ସିପ ବିଲ୍ଡିଂ କ୍ଲଷ୍ଟର୍




ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଓ ଅନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନଠାରେ ୧୪ଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ରାଜ୍ୟର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଓ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିମିର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ➢ପୃଷ୍ଠା-୬

# କିଏ ଖାଇଗଲା ଏଲଇଡି ଟଙ୍କା ?

- ବିଜେଡି ଶାସନରେ ଷ୍ଟ୍ରିଟ ଲାଇଟରେ ବଡ଼ ଦୁର୍ନୀତି
- ୩ ଜିଲ୍ଲାର ୫୦ଟି ସ୍ଥାନରେ ଚାଲିଛି ଭିଜିଲାନ୍ସ ଚଢ଼ାଉ
- ୮୧ଜଣିଆ ଜୁମ୍ବୋ ଟିମ୍‌ର ଏକକାଳୀନ ଚଢ଼ାଉ



ଯାଜପୁର,୨୨୪।୬(ସଂଚାର ବ୍ୟୁରୋ): ବିଜେଡି ଶାସନ କାଳରେ ସରକାରୀ ଅର୍ଥ ହରିଲୁଟ୍ ଓ ଦୁର୍ନୀତି ବିରୋଧରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ୨୪ଟି ଟିମ୍ ଏକକାଳୀନ ଚଢ଼ାଉ କରିଛି। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ପ୍ରତି ପଞ୍ଚାୟତରେ ଏଲଇଡି ଷ୍ଟ୍ରିଟ ଲାଇଟ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ ଧରଣର ଚଢ଼ାଉ ଆରମ୍ଭ ହୋଇଛି।

ରାଜ୍ୟ ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ଅଧୀନରେ ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ଗାଁରେ 'ଟର୍ଣ୍ଣ-କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲଇଡି ଷ୍ଟ୍ରିଟ ଲାଇଟ ସ୍ଥାପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୨୧ ଏପ୍ରିଲ ୧୨ ତାରିଖରେ ଏହି ଏଲଇଡି ଷ୍ଟ୍ରିଟ ଲାଇଟ ସ୍ଥାପନ ସଂକ୍ରାନ୍ତ ଟେଣ୍ଡର ଜାରି ହୋଇଥିଲା। ତେବେ ଏହି ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀରେ ବ୍ୟାପକ ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଦୁର୍ନୀତି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ୨୪ଟି ଟିମ ଗଠନ କରି ଭିଜିଲାନ୍ସ ୩ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ ଓ ତଦନ୍ତ ଜାରି ରଖିଛି।

ଭିଜିଲାନ୍ସର ସୂଚନାନୁସାରେ, ଏହି ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ ପ୍ରତି ୧୦ଟି ଏଲଇଡି ଲାଇଟର କ୍ଲଷ୍ଟର ପାଇଁ ଆବଶ୍ୟକ ହେଉଥିବା ଏନର୍ଜି ମିଟର, ୫୦୦ ମିଟର କେବଲ, ଏମସିସିବି, ଆଇ ହୁକ୍, ସସପେନସନ୍ କ୍ଲାମ୍ପ, ଡେଡ୍ ଆଣ୍ଡ କ୍ଲାମ୍ପ ଓ ଫଟୋ ସୁଇଚ୍ ଟାଇମର ଭଳି ଗୁରୁତ୍ୱପୂର୍ଣ୍ଣ ଉପକରଣ ସ୍ଥାପନ କରା ନ ଯାଇ ନକଲି ବିଲ୍ ପ୍ରସ୍ତୁତ ହୋଇଥିଲା। ଆଉ ଏ ବାବଦରେ ସରକାରୀ ପାଣ୍ଠିକୁ ଆତ୍ମସାତ କରାଯାଇଥିଲା। ଏହି ଦୁର୍ନୀତିକୁ ନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଭିଜିଲାନ୍ସ ➢ପୃଷ୍ଠା-୬

### ବଦଳିବ ରାସନ ବ୍ୟବସ୍ଥା

## ପରିବାର ନୁହେଁ, ସଦସ୍ୟ ଅନୁସାରେ ମିଳିବ ରାସନ



- ମୁଣ୍ଡ ପିଛା ମାସିକ ୭ କିଲୋ ଶସ୍ୟ ଦିଆଯିବ
- ମାସିକ ସୀମା ୩୫ କିଲୋ ଟପିବ ନାହିଁ

ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଦେଶର ସାର୍ବଜନୀନ ବଣ୍ଟନ ପ୍ରଣାଳୀ (ପିଡିଏସ) ଓ ରାସନ ବ୍ୟବସ୍ଥାରେ ଏକ ବଡ଼ ଧରଣର ସଂସ୍କାର ଆଣିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଏଥିପାଇଁ 'ଜାତୀୟ ଖାଦ୍ୟ ସୁରକ୍ଷା ବିଲ୍ ୨୦୨୬'ର ଏକ ଖସଡ଼ା ଜାରି କରାଯାଇଛି। ଏହି ବିଲ୍ ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ଅଧୀନରେ ରାସନ ବଣ୍ଟନ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନର ପ୍ରସ୍ତାବ ରଖିଛି। ସରକାରଙ୍କ ଅନୁଯାୟୀ, ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଏବଂ ବଣ୍ଟନ ପ୍ରଣାଳୀକୁ ନ୍ୟାୟସଙ୍ଗତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

ବର୍ତ୍ତମାନର ନିୟମ ଅନୁଯାୟୀ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ମାସିକ ୩୫ କିଲୋଗ୍ରାମ ଶସ୍ୟ ଯୋଗାଇ ଦିଆଯାଉଛି। କିନ୍ତୁ ନୂତନ ପ୍ରସ୍ତାବରେ ଏହାକୁ ପରିବର୍ତ୍ତନ କରି ପ୍ରତି ବ୍ୟକ୍ତି ପିଛା ମାସିକ ୭ କିଲୋଗ୍ରାମ ଶସ୍ୟ ଦେବାକୁ କୁହାଯାଇଛି। ତେବେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଗୋଟିଏ ପରିବାରକୁ ମିଳୁଥିବା ସର୍ବାଧିକ ଶସ୍ୟର ସୀମା ମାସିକ ୩୫ କିଲୋଗ୍ରାମ ହିଁ ରହିବ। ଅର୍ଥାତ୍ ପରିବାରର ସଦସ୍ୟ ସଂଖ୍ୟା ଅନୁଯାୟୀ ରାସନ ମିଳିବ, କିନ୍ତୁ ତାହା ମୋଟ ୩୫ କିଲୋରୁ ଅଧିକ ହେବ ନାହିଁ।

ସରକାରଙ୍କ ମତରେ, ବର୍ତ୍ତମାନର ବ୍ୟବସ୍ଥାରେ ପରିବାରର ଆକାର ଆଧାରରେ ଶସ୍ୟ ବଣ୍ଟନରେ ଅସମାନତା ଦେଖାଦେଉଛି। ଛୋଟ ପରିବାରଗୁଡ଼ିକରେ ପ୍ରତି ବ୍ୟକ୍ତିଙ୍କୁ ଅଧିକ ଶସ୍ୟ ମିଳୁଥିବା ବେଳେ ବଡ଼ ପରିବାରରେ ଏହା କମ୍ ହେଉଛି। ଏହି ଅସନ୍ତୁଳନକୁ ଦୂର କରିବା ଓ ସମସ୍ତ ହିତାଧିକାରୀଙ୍କୁ ସମାନ ଆଧାରରେ ସୁବିଧା ଯୋଗାଇବା ପାଇଁ ଏହି ନୂତନ ବ୍ୟବସ୍ଥା ପ୍ରସ୍ତାବିତ କରାଯାଇଛି।

ଏହି ନୂତନ ➢ପୃଷ୍ଠା-୬

### ପାଠ୍ୟପୁସ୍ତକ ତ୍ରୁଟିର ତନାଘନା

## ଏସସିଇଆରଟି ଅଧିକାରୀଙ୍କୁ ପଚରାଉଚରା



**ବଡ଼ କାର୍ଯ୍ୟାନୁଷ୍ଠାନ ସମ୍ଭାବନା**


ଭୁବନେଶ୍ୱର, ୨୪।୬ (ସଂଚାର ବ୍ୟୁରୋ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତରେ ହଜାର ହଜାର ତ୍ରୁଟି ପ୍ରସଙ୍ଗକୁ ନେଇ ରାଜ୍ୟ ଉଠୁଛି ପଡୁଛି। ଲୋକସେବା ଭବନରୁ ଆରମ୍ଭ କରି ନିପଟ ମଫସଲ ପର୍ଯ୍ୟନ୍ତ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିବାଦ ଭିତରେ ଆଜି ଏସସିଇଆରଟି କାର୍ଯ୍ୟାଳୟରେ ତନାଘନ କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚସ୍ତରୀୟ କମିଟି। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍. ତିରୁମାଳା ନାୟକ, କମିଟି ସଦସ୍ୟ ବିଜୟ କେତନ ଉପାଧ୍ୟାୟ ଓ ସ୍ମିତା ପାଣି ପ୍ରାୟ ଏକ ଘଣ୍ଟା କାଳ ରହି ଛାନଭିନ୍ କରିଛନ୍ତି। ଏସସିଇଆରଟି ନିର୍ଦ୍ଦେଶିକା, ଉପନିର୍ଦ୍ଦେଶକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀଙ୍କୁ ଏହି ତ୍ରୁଟି ସମ୍ପର୍କରେ କମିଟିର ସଦସ୍ୟମାନେ ପଚରାଉଚରା କରିଛନ୍ତି। କାର୍ଯ୍ୟାଳୟରୁ ବାହାରିବା ସମୟରେ ତଦନ୍ତ କମିଟି ପୁସ୍ତକ ପ୍ରକାଶନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଫାଇଲ୍ ମଧ ନିଜ ସାଙ୍ଗରେ ନେଇଛନ୍ତି।

ଏସସିଇଆରଟିରେ ତନାଘନା ପରେ ଉନ୍ନୟନ କମିସନଙ୍କ କାର୍ଯ୍ୟାଳୟରେ ହୋଇଛି ବୈଠକ। ଉଚ୍ଚସ୍ତରୀୟ କମିଟିର ସଦସ୍ୟ, ଗଣଶିକ୍ଷା ବିଭାଗ ସଚିବ, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ, ଏସସିଇଆରଟି ନିର୍ଦ୍ଦେଶିକା ମଧୁସ୍ମିତା ସାହୁ ଓ ଅଧିକାରୀଙ୍କ ସହ ପୂରା ଘଟଣା ନେଇ ➢ପୃଷ୍ଠା-୬

### ଲକ୍ଷ୍ନୌ ଅଗ୍ନିକାଣ୍ଡ ପରେ ପଶିଲା ଚେତା

## ସମସ୍ତ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରରେ ଅଡିଟ୍ ନିର୍ଦ୍ଦେଶ

**୧୫ ଦିନରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବେ ଜିଲ୍ଲାପାଳ**



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଲକ୍ଷ୍ନୌରେ ୧୫ ଛାତ୍ରଛାତ୍ରୀ ପୋଡ଼ି ମୃତ୍ୟୁବରଣ କରିବା ପରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ଙ୍କ ଚେତା ପଶିଛି। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଅଗ୍ନି ନିରାପତ୍ତା ପ୍ରସ୍ତୁତିର କଡ଼ା ସମୀକ୍ଷା ଏବଂ ଅଡିଟ୍ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ନୂତନ ଶିକ୍ଷାବର୍ଷ ଆରମ୍ଭ ସମୟରେ ସୁରକ୍ଷା ନିୟମର କୌଣସି ପ୍ରକାର ସାଲିସକୁ ବରଦାସ୍ତ କରାଯିବନି ବୋଲି ଓସଡମା ପକ୍ଷରୁ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଅଧ୍ୟକ୍ଷମାନଙ୍କୁ ଏକ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ପେସିଆଲ ରିଲିଫ କମିଶନର (ଏସ୍ଆରସି) ଓ ଓସଡମାର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଗୁରୁତ୍ୱାରୋପ କରିଛନ୍ତି ଯେ ଛାତ୍ରଛାତ୍ରୀ, ପ୍ରଶିକ୍ଷାର୍ଥୀ, ଶିକ୍ଷକ ଓ ସହଯୋଗୀ କର୍ମଚାରୀଙ୍କ ସୁରକ୍ଷା ସର୍ବୋପରି। ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବାରୁ ଓଡ଼ିଶା ଅଗ୍ନି ପ୍ରତିରୋଧ ଓ ଅଗ୍ନି ନିରାପତ୍ତା ସମ୍ପର୍କିତ ସବୁ ସୁରକ୍ଷା ନିୟମାବଳୀର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କ୍ଷେତ୍ର ପରିଦର୍ଶନ ଓ ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ଦ୍ଦେଶନାମା ଅନୁଯାୟୀ, ଭିତ୍ତିଭୂମିଗତ ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ କ୍ୟାମ୍ପସରେ ବ୍ୟାପକ ଯାଞ୍ଚ ଅଭିଯାନ ଆରମ୍ଭ କରିବେ। ଅଧିକ ବିପଦପୂର୍ଣ୍ଣ ବହୁତଳ ବିଶିଷ୍ଟ କୋଠା ଓ ଜନଗହଳିପୂର୍ଣ୍ଣ ସହରାଞ୍ଚଳ ଉପରେ ବିଶେଷ ଧ୍ୟାନ ଦିଆଯିବ। ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଯୁଗ୍ମ ଯାଞ୍ଚ ଦଳ ବର୍ତ୍ତମାନର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଓ ଏନଓସିର ବୈଧତାକୁ ଯାଞ୍ଚ କରିବେ। ଶର୍ଟ ସର୍କିଟ୍ ➢ପୃଷ୍ଠା-୬

## ଲୋକାଲ୍ ଟ୍ରେନ୍‌ରେ ଛୁରୀ ଭୁସି ହତ୍ୟା

ମୁମ୍ବାଇ, ୨୪।୬:ମୁମ୍ବାଇରେ ଏକ ଚଳନ୍ତା ଲୋକାଲ ଟ୍ରେନ୍‌ରେ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଛି। ମୃତ ଯୁବକଙ୍କ ନାଁ ମୟଙ୍କ ଲୋହର। ସେ ଚର୍ଚଗେଟ୍-ନଲ୍ଲସପୋରା ଫାଷ୍ଟ ଲୋକାଲ୍ ଟ୍ରେନ୍‌ରେ ଯାତ୍ରା କରୁଥିବାବେଳେ ତାଙ୍କର ଗୋରେଗାଓଁ ଏବଂ କାନ୍ଦିଭଲି ମଧ୍ୟରେ ରୋଶନ ସୁବର୍ନଙ୍କ ସହ ବଚସା ହୋଇଥିଲା। ରୋଶନ ଛୁରୀ ଭୁସି ମୟଙ୍କଙ୍କୁ ହତ୍ୟା କରିବା ପରେ ସ୍ଥାନ ଛାଡ଼ି ପଳାଇଥିଲା। ପରେ ପୁଲିସ ତାକୁ ମୁମ୍ବାଇର କୁର୍ଲା ଅଞ୍ଚଳରୁ ଗିରଫ କରିଛି। ବୋରିଭଲି ରେଳବାଇ ପୁଲିସର ବରିଷ୍ଠ ପୁଲିସ ଇନ୍ସପେକ୍ଟର ଦତ୍ତ ଖୁପ୍ରେକର କହିଛନ୍ତି, ଗୋରୋଗାଓଁ ଏବଂ କାନ୍ଦିଭଲି ମଧ୍ୟରେ ୨ ଜଣ ଯାତ୍ରୀ ବର୍ଷା ଯୋଗୁ ଟ୍ରେନ୍ ଡୋର୍ ବନ୍ଦ କରିବାକୁ ନେଇ ପରସ୍ପର ମଧ୍ୟରେ ଯୁକ୍ତିତର୍କ କରିଥିଲେ। ଖବର ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ମର ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଭାରତୀୟଙ୍କୁ କ୍ଷମା ମାଗିଲେ ବାଂଲାଦେଶୀ ୱେଟର

ରୋମ୍, ୨୪।୬: ଇଟାଲୀର ଏକ ରେସ୍ତୋରାଁରେ ଭାରତୀୟ ମହିଳା ପର୍ଯ୍ୟଟକମାନଙ୍କ ସହ ଘଟିଥିବା ଏକ ବିବାଦର ଭିଡିଓ ସୋସିଆଲ ମିଡିଆରେ ଭାରି ଚର୍ଚ୍ଚାର ବିଷୟ ହୋଇଛି। ଭିଡିଓରେ ଜଣେ ବାଂଲାଦେଶୀ ୱେଟର ଭାରତ ଓ ଭାରତୀୟମାନଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ କରୁଥିବା ଦେଖାଯାଇଛି। ପରେ ମହିଳାମାନଙ୍କ ଦୃଢ଼ ପ୍ରତିବାଦ ଓ ପୁଲିସ ହସ୍ତକ୍ଷେପ ପରେ ସେ କ୍ଷମା ମାଗିବାକୁ ବାଧ ହୋଇଥିଲେ। ଏହି ଭିଡିଓଟି ଭାରତୀୟ ଇନ୍‌ଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସର ଖୁସି ଦୁବେ ମଙ୍ଗଳବାର ସେୟାର କରିଥିଲେ। ଭିଡ଼ିଓରେ ୱେଟର ଅଶ୍ଳୀଳ ଭାଷା ବ୍ୟବହାର କରିବା ସହ ଭାରତୀୟମାନଙ୍କୁ ଲକ୍ଷ୍ୟ କରି ଅପମାନଜନକ ମନ୍ତବ୍ୟ କରିଥିଲେ। ଏହାର ପ୍ରତିବାଦରେ ମହିଳାମାନେ ତାଙ୍କୁ ଭାଷା ଓ ବ୍ୟବହାରରେ ସଂଯମ ରଖିବାକୁ କହିଥିଲେ। ସେମାନେ ଜଣାଇଥିଲେ ଯେ, ମହିଳାମାନଙ୍କୁ ସମ୍ମାନ ଦେବା ଉଚିତ ଏବଂ କୌଣସି ଦେଶ କିମ୍ବା ଜାତୀୟତାକୁ ଅପମାନ କରିବା ଗ୍ରହଣଯୋଗ୍ୟ ନୁହେଁ।

## ପାସପୋର୍ଟ ନାଗରିକତ୍ୱର ପ୍ରମାଣ ନୁହେଁ

ନୂଆଦିଲ୍ଲୀ, ୨୪।୬: ପାସପୋର୍ଟ ଏକ ଟ୍ରାଭେଲ ଡକ୍ୟୁମେଣ୍ଟ। ଏହା ଭାରତୀୟ ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଚତୁର୍ଦ୍ଦଶ ପାସପୋର୍ଟ ସେବା ଦିବସ ଅବସରରେ କୁହାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏ ମନ୍ତବ୍ୟ ଦେଶବ୍ୟାପୀ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ବିତର୍କ ସୃଷ୍ଟି କରିଛି। ବାସ୍ତବରେ ନାଗରିକତ୍ୱର ପ୍ରମାଣ କ'ଣ ବୋଲି 'ଏକ୍ସ'ରେ ପ୍ରଶ୍ନ ଉଠିଛି। ୟୁଜରମାନେ ପ୍ରଶ୍ନ ଉଠାଇଛନ୍ତି ଯେ, କିଛିଦିନ ତଳେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କୀତ ଏକ ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟ ଆଧାର କାର୍ଡକୁ ନାଗରିକତାର ପ୍ରମାଣ ଭାବରେ ଗ୍ରହଣ କରାଯିବନି ବୋଲି ରାୟ ଦେଇଥିଲେ।

# କମାଣ ଧରିବେ କେନ୍ଦ୍ରାପଡ଼ା ଝିଅ

**ଆଜି ସୁଜାତାଙ୍କ ରାଜନୀତି ପ୍ରବେଶ**

**ସାଢ଼େ ୧୧ରେ ଶଙ୍ଖ ଭବନରେ ପହଞ୍ଚିବେ, ୧୨ଟାରେ ନବୀନ କରିବେ ଘୋଷଣା**



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ବିଜେଡି ରାଜନୀତିର ମଙ୍ଗ ଧରିବେ କେନ୍ଦ୍ରାପଡ଼ାର ଝିଅ ସୁଜାତା। ଗୁରୁବାର ବିଧିବଦ୍ଧ ଭାବେ ସୁଜାତା ବିଜେଡିରେ ଯୋଗଦେବାକୁ ଯାଉଥିବାରୁ ରାଜନୈତିକ ମହଲରେ ଏଭଳି ଆଲୋଚନା ଜୋର୍ ଧରିଛି। ସୁଜାତା ବିଜେଡିରେ ଯୋଗଦେଲେ ଦଳ କେବଳ ଶକ୍ତିଶାଳୀ ହେବନାହିଁ, ବିରୋଧୀଙ୍କ ମହିଳା କାର୍ଡ ସମେତ ଓଡ଼ିଆ ଅସ୍ମିତାର ମଧ ଜୋରଦାର ମୁକାବିଲା କରିବ ବୋଲି କୁହାଯାଉଛି।

୨୦୨୪ ନିର୍ବାଚନରେ ବିଜେଡି ପରାଜୟ ବରଣ କରିବା ପରଠାରୁ ଦଳ ଭିତରେ ବିକଳ୍ପ ଖୋଜା ଚାଲିଥିଲା। ବିଶେଷକରି ନବୀନଙ୍କ ମାର୍ଗଦର୍ଶନରେ ଆଉ ଜଣେ କେହି ବିଜେଡିର ମଙ୍ଗ ଧରିବାକୁ ମତ ପ୍ରକାଶ ପାଇଆସୁଥିଲା। ଏହାକୁ ନେଇ ଦଳର ବରିଷ୍ଠଙ୍କଠାରୁ କନିଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ଏକମତ ଥିଲେ। ଏଥିପାଇଁ ଶଙ୍ଖ ଭବନଠାରୁ ଆରମ୍ଭ କରି ନବୀନ ନିବାସ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଥିଲା। ତେବେ ସୁଜାତା ବିଜେଡିରେ ଯୋଗଦେବାର ଖବର ଆସିବା ପରେ ଏବେ ବିଜେଡିରେ ନୂଆ ଯୁଗର ଆରମ୍ଭ ବୋଲି କୁହାଯାଉଛି। ମିଳୁଥିବା ସୂଚନାନୁଯାୟୀ, ସୁଜାତା ଆସନ୍ତାକାଲି ଜଣେ ସାଧାରଣ କର୍ମୀ ଭାବେ ଦଳରେ ମିଶିବେ। ପରବର୍ତ୍ତୀ ସମୟରେ ନବୀନ ତାଙ୍କୁ ବଡ଼ ଦାୟିତ୍ୱ ଦେଇପାରନ୍ତି।

ବିଜେଡି ସଭାପତି ନବୀନ ପଟ୍ଟନାୟକ ୧୯୯୭ରୁ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିବା ବେଳେ ନିରବଚ୍ଛିନ୍ନ ଭାବେ ୨୫ ବର୍ଷ ଧରି ଓଡିଶାର ମୁଖ୍ୟମନ୍ତ୍ରୀ ରହିଆସିଥିଲେ। ନବୀନଙ୍କ ଶାସନ କାଳରେ ଯଦିଓ ଅମଲାତନ୍ତ୍ରୀମାନେ କ୍ଷମତାଶାଳୀ ହୋଇଥିଲେ, କିନ୍ତୁ ରାଜନୈତିକ ନିଷ୍ପତ୍ତି ନବୀନ ନିଜ ପାଖରେ ରଖିଥିଲେ। ଦଳରେ ଯେତେବେଳେ ବି ଦାୟିତ୍ୱ ହସ୍ତାନ୍ତର କଥା ଉଠେ, ନବୀନ ଅତି ହାଲୁକା ଭାବେ ତାହାକୁ ଟାଳିଦେଉଥିଲେ। ହେଲେ ନବୀନଙ୍କ ବୟସ ବଢ଼ିବା ସହ ବିଜେଡି ବିରୋଧୀ ଦଳରେ ବସିବା ପରେ ଦଳ ଦାୟିତ୍ୱ ଆଉ ଜଣେ କେହି ସମ୍ଭାଳିବାକୁ ମତ ପ୍ରକାଶ ପାଉଥିଲା।

ତେବେ ଦୀର୍ଘଦିନର ବିଚାର ଆଲୋଚନା ପରେ ସୁଜାତା ଏବେ ବିଜେଡିରେ ଯୋଗଦେଉଥିବାରୁ ତାଙ୍କର ପ୍ରଶାସନିକ ଅଭିଜ୍ଞତା ଓ ସ୍ୱାମୀ ଭିକେ ପାଣ୍ଡିଆନ୍‌ଙ୍କ ରାଜନୈତିକ ଅଭିଜ୍ଞତା ଯୋଗୁଁ ସେ ବିଜେଡିକୁ ବାଟ ➢ପୃଷ୍ଠା-୬

### ଫୁଟବଲ କଲେକ୍ଟରରୁ ଷ୍ଟ୍ରାଟେଜି ମେକର

ଶାନ୍ତ, ଶିକ୍ଷିତ ଓ ସେବାପରାୟଣ ଅଫିସର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଲେଡି ଶ୍ରୀରାମ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ପରେ ସେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରୁ ଅନ୍ତର୍ଜାତୀୟ ରାଜନୀତିରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିଲେ। ତାଙ୍କ ପ୍ରଶାସନିକ କ୍ୟାରିୟର ମାଓ ପ୍ରଭାବିତ ସୁନ୍ଦରଗଡ଼ ଜିଲ୍ଲାରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ସେ ଅନେକ ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ୨୦୦୫ରେ, ସେ 'ଗତିଶୀଳତା ହିଁ ସଶକ୍ତିକରଣ' ସ୍ଲୋଗାନ ଦେବା ସହ ହାଇସ୍କୁଲର ଛାତ୍ରୀମାନଙ୍କ ପାଇଁ ସାଇକେଲ ବଣ୍ଟନ ଯୋଜନା ଆରମ୍ଭ କରିଥିଲେ। ୨୦୦୬ରେ ସେ ସୁନ୍ଦରଗଡ଼ରେ ମଧ୍ୟାହ୍ନଭୋଜନ ଯୋଜନାରେ ଅଣ୍ଡା ସାମିଲ କରିଥିଲେ। ଡାଲି କିମ୍ବା ତେଲର ପରିମାଣ ବଢ଼ାଇବା ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କ ଭୋଜନରେ ଅଣ୍ଡା ସାମିଲ କରାଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ସମଗ୍ର ରାଜ୍ୟରେ ଲାଗୁ କରାଯାଇଥିଲା। ସୁନ୍ଦରଗଡ଼ରେ ସେ 'ଫୁଟବଲ କଲେକ୍ଟର' ଭାବେ ମଧ ବେଶ୍ ଜଣାଶୁଣା ଥିଲେ। କାରଣ ସେ ମାଓବାଦୀପ୍ରବଣ ଅଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା, ବିଶେଷକରି ଫୁଟବଲ ଏବଂ ହକିକୁ ପ୍ରୋତ୍ସାହିତ କରିଥିଲେ। ତାଙ୍କର ସବୁଠାରୁ ଉଲ୍ଲେଖନୀୟ ଅବଦାନ ➢ପୃଷ୍ଠା-୬

# ଶତାଧିକ ଟ୍ରକରେ ବେଆଇନ ବାଲି ଠୁଳ

- ରାତିରେ ଚାଲାଣ ହେଉଛି ବାଲି
- ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ



**କେନ୍ଦ୍ରାପଡ଼ା, ୨୪।୬(ସଂଚାର ବ୍ୟୁରୋ)ः** ସରକାରଙ୍କ ରାଜସ୍ୱ ଆଇନକୁ ସଂପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରାଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶତାଧିକ ଟ୍ରକ ବାଲି ଠୁଳ କରାଯାଇ ରାତିରେ ଚୋରା ଚାଲାଣ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ତହସିଲ ଏବଂ କୁଦାନଗରି ଥାନା ଅଧିନ ବିଲବଲରାମପୁର ଗ୍ରାମର ଚଗଲା ଓରଫ ସମୀରରଞ୍ଜନ ବିଶ୍ୱାଳ ବିଲବଲରାମପୁର ଘାଟ ଠାରୁ ମାତ୍ର ଏକଶହ ମିଟର ଦୂର ସଖୀବଟ ମହାପୁରୁଷ ନିକଟ ମାର୍ଶାଘାଇ କେନାଲ ବନ୍ଧ ନିକଟରେ ଶତାଧିକ ଟ୍ରିପ ବାଲି ଠୁଳ କରି ରଖିଛି। ସେହି ବାଲିକୁ ରାତିରେ ବେଆଇନ ଭାବେ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସେ ରାତିରେ ମିବାବୁ ପୋକଲିନ ମେସିନ ସାହାଯ୍ୟରେ ସେହି ବାଲିକୁ ଚାଲାଣ କରୁଛି। ସେହି ମେସିନଟି ସଦର ଥାନା ପକ୍ଷରୁ ୫ଦିନ ପୂର୍ବରୁ ଜବତ କରାଯାଇଥିଲେବି ପୋଲିସର ସହାୟତା ଯୋଗୁଁ ତାହା ରିଲିଜ ହୋଇଯାଇଛି। ଚଗଲା ଜଣେ ଅସାମାଜିକ ଯୁବକ ହୋଇଥିବା ବେଳେ ତା ବିରୋଧରେ ୯ରୁ ଊର୍ଦ୍ଧ୍ୱ ସଂଗୀନ ଅପରାଧୀକ ମାମଲା ଜିଲ୍ଲାର ବିଭିନ୍ନ ଥାନାରେ ରହିଛି। ସେ ଜଣେ ଜମି ମାଫିଆ, ବାଲି ମାଫିଆ ଏବଂ ମଦ ମାଫିଆ ହୋଇଥିବା ବେଳେ ପୋଲିସର ସହଯୋଗ ହେତୁ ତା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଚଗଲାର ବିଭିନ୍ନ ଥାନା ଓ ଖଣି କାର୍ଯ୍ୟାଳୟ ସହ ସୁସମ୍ପର୍କ ରହିଥିବାରୁ ତା ବିରୋଧରେ ଯେତେ ଅଭିଯୋଗ କରାଗଲେଲବି କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

# ବିଜେପି ବୁଥ ସଭାପତିଙ୍କୁ ନିର୍ମମ ହତ୍ୟା

## ଆଇନ-ଶୃଙ୍ଖଳା ବିଫଳତା ନେଇ ଉଠିଲା ପ୍ରଶ୍ନ



**ମହାକାଳପଡା, ୨୪।୬(ସଂଚାର ବ୍ୟୁରୋ)ः** ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଜଣେ ବିଜେପି କର୍ମୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସୂଚନା ମୁତାବକ ରାମନଗର ଗ୍ରାମର ବିଜେପିର ୧୯୭ ନମ୍ବର ବୁଥ ସଭାପତି ତପନ ଦାସଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣା ପରେ କେବଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇନାହିଁ, ବରଂ ସ୍ଥାନୀୟ ପ୍ରଶାସନ ଓ ପୋଲିସର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠିଛି। ଘଟଣାରେ ଅଭିଯୁକ୍ତ ସଞ୍ଜୟ ମଣ୍ଡଳଙ୍କୁ ଜମ୍ମୁ ମେରାଇନ ଥାନା ପୋଲିସ ଗିରଫ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ସେ ଦୀର୍ଘଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇ ଆସୁଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରିବା, ବାଇକ ଚାଳକଙ୍କୁ ହଇରାଣ କରିବା ଏବଂ ଅଯଥା ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇପଡ଼ିଥିଲା। ତଥାପି ଏସବୁ ଘଟଣାକୁ ଗୁରୁତ୍ୱ ଦିଆଯାଇନଥିବାରୁ ଶେଷରେ ଏକ ନିର୍ଦ୍ଦୋଷ ଜୀବନ ଚାଲିଗଲା ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ସଞ୍ଜୟ ମଣ୍ଡଳ ଘର ନିକଟରେ ଏକ ଭୋଜି ଚାଲିଥିବା ସମୟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏହାକୁ ଦେଖି ତପନ ଦାସ ପରିସ୍ଥିତିକୁ ଶାନ୍ତ କରିବା ଏବଂ ସଞ୍ଜୟଙ୍କୁ ବୁଝାଇବା ପାଇଁ ଆଗକୁ ଆସିଥିଲେ। କିନ୍ତୁ ସାମାନ୍ୟ କଥାକାଟାକଟିରୁ ଘଟଣା ହିଂସାତ୍ମକ ରୂପ ନେଇଥିଲା। ସଞ୍ଜୟ ହଠାତ୍ ଉତ୍ତ୍ୟକ୍ତ ହୋଇ ଏକ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତପନ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। କିନ୍ତୁ ଏତିକିରେ ଆକ୍ରମଣକାରୀଙ୍କ ରାଗ ଶାନ୍ତ ହୋଇନଥିଲା। ପରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦିଆଯାଇଥିଲା, ଯାହାଫଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଜମ୍ମୁ ମେରାଇନ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶେଷରେ ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଚାଲିଛି।ତେବେ ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି—ଯଦି ସଞ୍ଜୟ ମଣ୍ଡଳଙ୍କ ବିରୋଧରେ ପୂର୍ବରୁ ଏତେ ଅଭିଯୋଗ ଥିଲା, ତେବେ ପୋଲିସ କିମ୍ବା ପ୍ରଶାସନ କାହିଁକି ତାଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ ପଦକ୍ଷେପ ନେଇନଥିଲା ? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅବହେଳା ହିଁ ଶେଷରେ ଜଣେ ରାଜନୈତିକ କର୍ମୀଙ୍କ ଜୀବନ ନେଇଛି।ଘଟଣାକୁ ନେଇ ରାମନଗର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ, ଆଇନ-ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ହେଉଥିବା ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଅପରାଧୀମାନଙ୍କ ମନରେ ପୋଲିସର ଭୟ ନ ଥିବାରୁ ଏଭଳି ଘଟଣା ବଢ଼ୁଛି ବୋଲି ଅଞ୍ଚଳବାସୀ କହିଛନ୍ତି।

# ନାବାଳିକା ଅସଦାଚରଣ ମାମଲା, ୩ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ୨୪।୬(ସଂଚାର ବ୍ୟୁରୋ)ः** ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ସେସନ୍ସ ତଥା ପୋକ୍ସ କୋର୍ଟ ଆସାମୀ ମଳୟ କୁମାର ବେହେରାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଆସାମୀଙ୍କୁ ୫ ହଜାର ଟଙ୍କା ଜୋରିମାନା ଦଣ୍ଡ ଦେଇଛନ୍ତି। ଜୋରିମାନା ଅନାଦେୟ ଆସାମୀ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ବିଚାରପତି ପ୍ରଜ୍ଞା ପରମିତା ରାଉଳ ରାୟରେ ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୪ ମସିହା ନଭେମ୍ବର ୧ ତାରିଖରେ ମହାକାଳପଡ଼ା ଥାନା ଅଳରେ ଜନୈକ ନାବାଳିକାଙ୍କୁ କଟକ ଜିଲ୍ଲା ନିଆଳି କିସଲା ଗ୍ରାମର ମଳୟ କୁମାର ବେହେରା ନାମକ ଗାଡି ଚାଳକ ଅସଦାଚରଣ କରିଥିଲେ। ଏ ସଂପର୍କରେ ପିଡିତା ତାଙ୍କ ପିତାମାତା ଓ ସଂପର୍କୀୟ ମଉସାଙ୍କୁ ଅବଗତ କରାଇଥିଲେ। ନଭେମ୍ବର ୫ ତାରିଖରେ ପିଡିତାଙ୍କ ସଂପର୍କୀୟ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ମହାକାଳପଡ଼ା ପୋଲିସ ଏକ ମାମଲା ରୁଜୁ କରି ଆସାମୀ ମଳୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜିଆର କେସ ନଂ. ୮୮/୨୦୨୪ ରୁଜୁ କରାଯାଇ ମାମଲାର ବିଚାର ଚାଲିଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସମ୍ବର୍ଦ୍ଧନା ଉତ୍ସବ



**କେନ୍ଦ୍ରାପଡ଼ା, ୨୪।୬(ସଂଚାର ବ୍ୟୁରୋ)ः** କେନ୍ଦ୍ରାପଡା ବ୍ଲକ ଅଧିନ କଂସାର-ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୁରାତନ ଛାତ୍ର ସଂସଦ ସଭାପତି ଫକୀର ଚରଣ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓ.ଏଫ. ଏସ. ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ ରବିନ୍ଦ୍ରନାଥ ପଣ୍ଡା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିଜୟ କେତନ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ମେଧାବୀ ଛାତ୍ରୀ ପୂଜାରିଣୀ ନାୟକ ଓ ଛାତ୍ର ବିଶ୍ୱଜିତ ବିଶ୍ୱାଳଙ୍କୁ ଶ୍ରୀ ପଣ୍ଡାଙ୍କ ପ୍ରଦ ପ୍ରୋତ୍ସାହନ ରାଶି, ପ୍ରଶଂସାପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଗଗନବିହାରୀ ମନ୍ତ୍ରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବସନ୍ତ କୁମାର ଓଝା ଅତିଥି ପରିଚୟ, କୋଷାଧ୍ୟକ୍ଷ ମୁରଲୀଧର ପାତ୍ର ସ୍ୱାଗତ ଭାଷଣ ଓ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପରମାନନ୍ଦ ସେଠୀ, ଖଗେଶ୍ୱର ମହାପାତ୍ର, ରବିନ୍ଦ୍ରନାଥ ମହାପାତ୍ର, କୈଳାସ ଚନ୍ଦ୍ର ଲେଙ୍କା, ଦାମୋଦର ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ବେହେରା, ସନ୍ତୋଷ ନାୟକ, ରବିନ୍ଦ୍ର ବେହେରା, ଚତୁର୍ଭୁଜ ପଣ୍ଡା, କ୍ଷେତ୍ରବାସୀ ବିଶ୍ୱାଳଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ

# ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**ମହାକାଳପଡା, ୨୨।୬(ସଂଚାର ବ୍ୟୁରୋ)ः** ମହାକାଳପଡା ବ୍ଲକ୍ ସ୍ଥିତ ରାମଚଣ୍ଡି ବିଜୟାନନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି ସ୍ଥାନୀୟ ଅଭିଭାବକମାନେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଦରଖାସ୍ତ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଭିନ୍ନ ଗୁରୁତର ଅଭିଯୋଗ ଆଣି ଘଟଣାର ନିରପେକ୍ଷ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଗତ ୨୨ ଜୁନ ୨୦୨୬ ତାରିଖରେ ଦାଖଲ ହୋଇଥିବା ଏହି ଦରଖାସ୍ତରେ ଅଭିଭାବକମାନେ ୮ଟି ମୁଖ୍ୟ ଅଭିଯୋଗ ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରେ ନାମାଙ୍କନ ଫି ବାବଦରେ ଅଧିକ ଅର୍ଥ ଆଦାୟ କରି ରସିଦରେ କମ ଟଙ୍କା ଦର୍ଶାଇବା, ଜାଲ ବିଲ ମାଧ୍ୟମରେ ସରକାରୀ ଅର୍ଥ ଆତ୍ମସାତ କରିବା ଏବଂ ବିଦ୍ୟାଳୟ ନାମରେ ମିଥ୍ୟା ସାମଗ୍ରୀ କ୍ରୟ ଦେଖାଇ ଅର୍ଥ ଉଠାଇବା ଭଳି ଅଭିଯୋଗ ରହିଛି।ଏହାଛଡା ବିଦ୍ୟାଳୟ କୋଷରୁ ବ୍ୟକ୍ତିଗତ ଖର୍ଚ୍ଚ କରାଯାଉଥିବା, କେତେକ ଶିକ୍ଷକ ନିୟମିତ ଉପସ୍ଥିତ ନ ରହି ମଧ୍ୟ ସମ୍ପୂର୍ଣ୍ଣ ଦରମା ନେଉଥିବା, ଗେଷ୍ଟ ଟିଚର ନିଯୁକ୍ତିରେ ଅନିୟମିତତା ଓ ଆର୍ଥିକ କାରବାରରେ ଦୁର୍ନୀତି ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ଅଭିଭାବକମାନେ ଆହୁରି ଦର୍ଶାଇଛନ୍ତି ଯେ, ବିଦ୍ୟାଳୟର ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ଅଚଳ ହୋଇପଡ଼ିଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ଚାଉଳରେ ବ୍ୟାପକ ଅନିୟମିତତା ଓ ହେରଫେର ହୋଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଶିକ୍ଷାମୂଳକ କାର୍ଯ୍ୟକ୍ରମ ନାମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରୁ ୩୦୦ ଟଙ୍କା ଲେଖାଏଁ ଆଦାୟ କରାଯାଇଥିଲେ ମଧ୍ୟ ପ୍ରକୃତରେ ମାତ୍ର ୧୦୦ ଟଙ୍କା ଖର୍ଚ୍ଚ କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଅଭିଭାବକମାନଙ୍କ କହିବା ଅନୁସାରେ, ଏହି ସବୁ ଅଭିଯୋଗ ସମ୍ପର୍କରେ ପୂର୍ବରୁ ବାରମ୍ବାର ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

# ଭଦ୍ରକରୁ ସେଣ୍ଟ୍ରାଲ୍ ହାଉସ୍ ଅଫ୍ ପାର୍ଲାମେଣ୍ଟ



**ଭଦ୍ରକ,୨୨।୬(ସଂଚାର ବ୍ୟୁରୋ)ः** ଭଦ୍ରକରୁ ଦିଲ୍ଲୀ ସେନଟ୍ରାଲ ହାଉସ୍ ଅଫ ପାର୍ଲାମେଣ୍ଟ ଯାଏ ପହଞ୍ଚି ସେଠାରୁ ସଫଳତାର ପ୍ରମାଣ ପତ୍ର ପାଇବାର ଗୌରବ ଅର୍ଜନ କରିଛନ୍ତି ଅତିନ୍ଦ୍ର ବାରିକ୍। ଅତିନ୍ଦ୍ର ବାରିକଙ୍କ ଘର ଭଦ୍ରକ ବ୍ଲକ ପରସିଙ୍ଗା ପଞ୍ଚାୟତ ସ୍ଥିତ ପଥରଆଡ଼ି ଗ୍ରାମରେ। ପ୍ରଥମେ ଜିଲ୍ଲାସ୍ତରରେ ପରେ ରାଜ୍ୟସ୍ତର ଶେଷରେ ଜାତୀୟସ୍ତରରେ ନିଜର ଦକ୍ଷତା ଓ ଜ୍ଞାନର ପରିପ୍ରକାଶ କରି ସଫଳତା ସାଉଁଟିଛନ୍ତି ଅତିନ୍ଦ୍ର। କେନ୍ଦ୍ର ସରକାରଙ୍କ ଯୁବ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିକଶିତ ଭାରତ ଉପରେ ଆଧାରିତ ଏକ ପ୍ରତିଯୋଗିତାରେ ରାଜ୍ୟରୁ ୩ ଜଣ ଛାତ୍ର ଚୟନ ହୋଇଥିଲେ। ସାରା ଦେଶରୁ ମୋଟ ୧୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଭଦ୍ରକର ଅତିନ୍ଦ୍ର ନିଜ ମତ ରଖିଥିଲେ। ନାରୀ ଶକ୍ତି ବନ୍ଦନ ବିଷୟରେ ତାଙ୍କର ବକ୍ତବ୍ୟ ଏତେ ବଳିଷ୍ଠ ଓ ପ୍ରଭାବଶାଳୀ ଥିଲା ଯେ ୧୫୦ ଜଣଙ୍କ ମଧ୍ୟରୁ ଅତିନ୍ଦ୍ର ଶ୍ରେଷ୍ଠ ପ୍ରମାଣିତ ହୋଇ କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ପଥରଆଡ଼ି ନିବାସୀ ସ୍ୱର୍ଗତ ଅରୂପ ବାରିକ ଓ ମା ମିନାକ୍ଷୀ ବାରିକଙ୍କ ଏକମାତ୍ର ପୁତ୍ର ଅତିନ୍ଦ୍ର ଭବିଷ୍ୟତରେ ଜଣେ କୃଷି ବୈଜ୍ଞାନିକ ହେବେ ବୋଲି ନିଜ ଶିକ୍ଷା ଜାରି ରଖିଛନ୍ତି। ତେବେ ଅତିନ୍ଦ୍ରଙ୍କ ସଫଳତା ଭଦ୍ରକ ଜିଲ୍ଲା ପାଇଁ ନିଶ୍ଚୟ ଭାବେ ଗର୍ବ ଓ ଗୌରବ ଆଣିବା ସହ ଛାତ୍ର ଓ ଯୁବସମାଜ ପାଇଁ ଏର ପ୍ରେରଣା ସାଜିଛି।

# ସରକାର ପ୍ରଚାର ନକରି ବାସ୍ତବ ବିକାଶ କରନ୍ତୁ ବିଧାୟକ




**ପଟ୍ଟାମୁଣ୍ଡାଇ, ୨୨।୬(ସଂଚାର ବ୍ୟୁରୋ)ः** ରାଜ୍ୟର ବିଜେପି ସରକାର କେବଳ ମିଛ ପ୍ରଚାରରେ ମାତି ସାରା ଓଡିଶାରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଆୟୋଜନ କରି ଓଡିଶାବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକରେ ଆୟୋଜିତ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି । ବିଧାୟକଶ୍ରୀ ସାହୁ କହିଲେ ଅତ୍ୟଧିକ ଦରଦାମ ସାଙ୍ଗକୁ ଗ୍ୟାସ ଦର ବୃଦ୍ଧି ଯୋଗୁଁ ସୁଭଦ୍ରା ଚୁଲି ମୂଳେ କାନ୍ଦୁଥିବାବେଳେ ଅଙ୍ଗନବାଡି ସି ଆର ପ, ଏମ ବି କେ ମାନେ ଦରମା ନପାଇ ହନ୍ତସନ୍ତ ହେଉଥିବାବେଳେ ନିଟ ପରୀକ୍ଷା ପ୍ରଶ୍ନ ପତ୍ର ଲିକ ଯୁବଛାତ୍ର ମାନଙ୍କୁ କନ୍ଦାଇଛି । ପ୍ରାଥମିକ ଶିକ୍ଷାରେ ଭୁଲ ବହି ପ୍ରକାଶ ଶିଶୁ ମାନଙ୍କଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି । ଶ୍ରମିକ କାର୍ଡ ନଥିବାରୁ ଦାଦନ ଶ୍ରମିକର ମୃତ୍ୟୁ ହେଲେ ସହାୟତା ମିଳୁନାହିଁ । ପ୍ରତ୍ୟେକ ଦିନ ୧୫ଜଣ ନାରୀ ବଳାତ୍କାରର ଶିକାର ହେଉଛି । ବୃଦ୍ଧ ବୃଦ୍ଧା ଠିକ ସମୟରେ ଭତ୍ତା ପାଉନାହାନ୍ତି । ଆୟୁଷ୍ମାନ କାର୍ଡ ନେଇ ରୋଗୀ ହସ୍ପିଟାଲରେ ଚିକିତ୍ସା ପାଉନାହିଁ । ଓଡିଶାର ୧୭ଲକ୍ଷ ଲକ୍ଷପତି ଦିଦିଙ୍କ ପଟ୍ଟାମୁଣ୍ଡାଇ ବ୍ଲକରେ ଗୋଟିଏ ଦିଦି ନରହିବା ସରକାରଙ୍କ ମିଛ ପ୍ରଚାରକୁ ପ୍ରମାଣିତ କରିଛି । ରାଜ୍ୟ ସରକାର ମିଛ ପ୍ରଚାରରେ ନମାତି ବାସ୍ତବ ବିକାଶ କରନ୍ତୁ ବୋଲି ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ସରକାରଙ୍କ ବିଭିନ୍ନ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ । ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ ବ୍ଲକରେ କାର୍ଯ୍ୟକରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କ ରେ ସୂଚନା ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ, ସି ଡି ପି ଓ ଲକ୍ଷ୍ମୀମଣି ସିଂ ଓ ମତ୍ସ୍ୟ ଅଧିକାରିଣୀ ହରପ୍ରିୟା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ନିଶାମୁକ୍ତ ଭାରତ ପାଇଁ ଦସ୍ତଖତ ଅଭିଯାନ

**କେନ୍ଦ୍ରାପଡ଼ା,୨୨।୬(ସଂଚାର ବ୍ୟୁରୋ)ः** ଯୁବପିଢ଼ିଙ୍କୁ ନିଶାଠାରୁ ଦୂରରେ ରଖିବା ପାଇଁ ରାଜ୍ୟ ସରକାରଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପେକ୍ଷୀରେ କେନ୍ଦ୍ରାପଡ଼ା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନଶାମୁକ୍ତ ଭାରତ ଶପଥ କାର୍ଯ୍ୟକ୍ରମ ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ନିଜେ ଦସ୍ତଖତ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗୁରୁବାର (ଆଜି) ଏକ ବିରାଟ ଶୋଭାଯାତ୍ରା ତିନିମୁହାଣୀ ରାମମନ୍ଦିରଠାରୁ ବାହାରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ଯାଇ ସେଠାରେ ଏକ ସଚେତନତା ସଭାର ଆୟୋଜନ ରହିଛି। ଆୟୋଜିତ ଏହି ଦସ୍ତଖତ ଅଭିଯାନରେ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଡେପୁଟି କଲେକ୍ଟର ଶୁଭଦର୍ଶନୀ ଦାସଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**ଢେଙ୍କାନାଳ,୨୨।୬(ସଂଚାର ବ୍ୟୁରୋ)ः** ଢେଙ୍କାନାଳରେ ଆସନ୍ତା ମାସ ୧୬ ତାରିଖ ଗୁରୁବାର ଦିନ ଶ୍ରୀଶ୍ରୀ ବଳଦେବଜୀଉ ବିଜେଙ୍କର ରଥଯାତ୍ରା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ ରଥଯାତ୍ରା ସମୟରେ ଗାଡ଼ି ପାର୍କିଂ ଓ ଟ୍ରାଫିକ ନିୟନ୍ତ୍ରଣର ସୁ ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରିଥିଲେ। ଚିକିତ୍ସା ସେବା ଓ ଆମ୍ବୁଲାନସ ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ଓ ଅଗ୍ନିଶମ ବିଭାଗ ଓ ପୌରପାଳିକା ପକ୍ଷରୁ ଯାତ୍ରାରେ ଜନସାଧାରଣଙ୍କ ଉପରେ ଜଳ ସିଞ୍ଚନର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଉତ୍ସାହପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହ ରଥଟଣା କାର୍ଯ୍ୟ ଶେଷ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ଶ୍ରୀ ପଦ୍ମ ଚରଣ ସାହୁ ସ୍ୱାଗତ ଭାଷଣ ଦେଇ ରାଜପୁରୋଧାଙ୍କ ଦ୍ୱାରା ନିର୍ଘଣ୍ଟ କାର୍ଯ୍ୟସୂଚୀ ଅନୁଯାୟୀ ରଥ ଯାତ୍ରା ଶେଷ କରାଯିବ ବୋଲି ପ୍ରକାଶ କରିଥିଲେ। ଦେବୋତ୍ତର ନିରୀକ୍ଷକ ଶ୍ରୀ ପ୍ରଦ୍ୟୁମ୍ନ ତ୍ରିପାଠୀ ରଥଯାତ୍ରା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ।

# ପଳସୁଧା ପଞ୍ଚାୟତରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ




**ଗରଦପୁର,୨୪।୬(ସଂଚାର ବ୍ୟୁରୋ)ः** ରାଜ୍ୟ ସରକାରଙ୍କ ଜନମୁଖୀ ଅଭିଯାନ ଫବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ଅଧୀନରେ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସହ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମାଞ୍ଚଳରେ ସୁଶାସନକୁ ସୁଦୃଢ଼ କରିବା ଏବଂ ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସ୍ତରରେ ଆୟୋଜନ କରାଯାଇଥିଲା। ଗରଦପୁର ବ୍ଲକର ପଳଶୁଧା ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ହିତାଧିକାରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସରପଞ୍ଚ ଶ୍ରୀରାଧା ବନଜା ବାସିନୀ ଜେନା, ପିଇଓ ଅଜୟ ପ୍ରଧାନ, ସମିତି ସଭ୍ୟା ନର୍ଗୀସ ବେଗମ, ବିପିସି କୈଳାସ ସାହୁ, ଏଡିଇଓ ମଣ୍ଡଳ ଓ ସରପଞ୍ଚଙ୍କ ପ୍ରତିନିଧି ତ୍ରିଲୋଚନ ଜେନା ସିଏଚଓ କାଞ୍ଚନବାଳା ରାଉତ, ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଶୁଭଦ୍ରା ଶକ୍ତି ସମାବେଶ ଓ ଶୁଭଦ୍ରା ଶକ୍ତି ସମ୍ବାଦ ସମ୍ପର୍କରେ ହିତାଧିକାରୀ ମାନଙ୍କୁ ଅବଗତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯାଇ ନୂତନ ଯୋଜନା ଓ ସରକାରୀ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଗ୍ରାମାଞ୍ଚଳରେ ଉନ୍ନୟନର ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଜନସାଧାରଣଙ୍କ ଅଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ଫଳପ୍ରସୂ ହେବ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ।

- କେନ୍ଦ୍ରାପଡାରେ ପୁଣି ଫେରିଲା ଭାଇଗିରି

# ଆରଡି ଡିଭିଜନରେ ଜେଇଙ୍କୁ ମାଡ

**କେନ୍ଦ୍ରାପଡ଼ା, ୨୪।୬(ସଂଚାର ବ୍ୟୁରୋ)ः** ଦୀର୍ଘ ଦିନର ବ୍ୟବଧାନ ପରେ କେନ୍ଦ୍ରାପଡା ଜିଲ୍ଲା ଅଶାନ୍ତ ହେବାକୁ ଯାଉଛି। ପୂର୍ବ ଅପେକ୍ଷା ଜିଲ୍ଲା ବାସୀ ଆସୋସ୍ତ ହୋଇଥିବା ସମୟରେ ବର୍ତ୍ତମାନ କିନ୍ତୁ ତାହା ବଦଳିବାକୁ ଲାଗିଲାଣି। କାରଣ ଜିଲ୍ଲାରେ ପୁନର୍ବାର ଭାଇଗିରୀ ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ଜୋର୍ ଧରିଲାଣି। ପୂର୍ବରୁ ଆତଙ୍କ ସୃଷ୍ଟି କରିଥିବା କିଛି ଅସାମାଜିକ ବ୍ୟକ୍ତି ଏବେ ନିଜର ପତିଆରା ବୃଦ୍ଧି କରିବାକୁ ଧମକ ଚମକ ଦେବା ସହ ଭୟଭୀତ ମଧ୍ୟ କରାଉଥିବା ଜାଣିବାକୁ ମିଳିଛି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠି ଏହି ନିଜ ସଂଗଠନ କୁ ପୁନର୍ବାର ସକ୍ରିୟ କରୁଥିବା ସମୟରେ ପୋଲିସ କୌଣସି ସୂଚନା ପାଉନଥିବା ଆହୁରି ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଗୋଷ୍ଠୀ ଙ୍କ ଅସାମାଜିକ କାର୍ଯ୍ୟକଳାପ ଏତେ ଭୟଙ୍କର ଯେ କେହି ମୁହଁ ଖୋଲିବାକୁ ସାହସ ମଧ୍ୟ ଯୁଟାଉନାହାଁନ୍ତି। ଯାହାର ଉଦାହରଣ ଆଜି ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ସହରର ଇଛାପୁର ସ୍ଥିତ ଆର.ଡି. (ଗ୍ରାମ୍ୟଉନ୍ନୟନ ବିଭାଗ) ଡିଭିଜନ କାର୍ଯ୍ୟାଳୟରେ ଜଣେ ଠିକାଦାର ଜନୈକ ଜେଇଙ୍କୁ ମାଡ ମାରିଛନ୍ତି। ଠିକାକାମକୁ ନେଇ ପ୍ରଥମେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଠିକାଦାର ଜଣକ ଜେଇଙ୍କୁ ମାଡ ମାରିଥିଲେ। ଘଟଣା ଘଟିବା ପରେ ଆର.ଡି. କାର୍ଯ୍ୟାଳୟର କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହି ପରିସ୍ଥିତିକୁ ଶାନ୍ତ କରିଥିଲା। ମାଡ ଖାଇଥିବା ଜେଇ ଏନେଇ ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ଟେଲିଫୋନରେ ଜଣାଇଥିଲେ। ଫଳରେ ଥାନାଧିକାରୀ ଘଟଣାକୁ ଗୁରୁତର ସହ ନେଇଥିଲେ। ହେଲେ ଏନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି।

# କେନ୍ଦ୍ରାପଡ଼ାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ

**କେନ୍ଦ୍ରାପଡା, ୨୪।୬(ସଂଚାର ବ୍ୟୁରୋ)ः** କେନ୍ଦ୍ରାପଡ଼ା ସର୍କିଟ ହାଉସଠାରେ ଆଜି ଓଡ଼ିଶା ରାଜ୍ୟ ମହିଳା କମିସନଙ୍କ ପକ୍ଷରୁ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଅଦାଲତରେ ଓଡ଼ିଶା ରାଜ୍ୟ ମହିଳା କମିସନର ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଦସ୍ୟା ପ୍ରତିଭା ଶତପଥୀ, ସଦସ୍ୟା କଳ୍ପନା ମଲ୍ଲିକ ଏବଂ କାଉନସିଲର ବନ୍ଦନା ମହାନ୍ତି ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ଶୁଣାଣି କରିଥିଲେ।ଶିବିର ଅଦାଲତରେ ମୋଟ ୩୬ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ୩୧ଟି ମାମଲାର ଶୁଣାଣି ସମ୍ପନ୍ନ ହୋଇଥିଲା। ଶୁଣାଣି ହୋଇଥିବା ମାମଲାମାନଙ୍କ ମଧ୍ୟରୁ ୯ଟି ମାମଲାର ଆପୋଷ ସମାଧାନ ହୋଇଥିବା ବେଳେ ୩ଟି ମାମଲାର ତଦନ୍ତ ନିମନ୍ତେ ପୋଲିସ ପ୍ରଶାସନକୁ ପ୍ରେରଣ କରାଯାଇଛି। ସେହିପରି ୨ଟି ମାମଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ଏବଂ ୨ଟି ମାମଲା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପଠାଯାଇଛି। ଗୋଟିଏ ମାମଲାକୁ ଅନ୍ୟାନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଛି। ଅବଶିଷ୍ଟ ୧୪ଟି ମାମଲାର ପୁନଃ ଶୁଣାଣି ନିମନ୍ତେ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ ଜାରି କରିବା ପାଇଁ ଆଦେଶ ଦିଆଯାଇଛି।

### ଏସପି ଅଫିସ ସମ୍ମୁଖରେ ସରପଞ୍ଚ ଚାମେଲିଙ୍କ ଧାରଣା

# ଅତିରିକ୍ତ ଏସପିଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ



**କେନ୍ଦ୍ରାପଡ଼ା, ୨୪।୬(ସଂଚାର ବ୍ୟୁରୋ)ः** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବ୍ଲକ ପ୍ରଶାସନ ମଧ୍ୟରେ ହୋଇଥିବା ବିବାଦ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରପଞ୍ଚ ଚାମେଲି ଓଝା ଆଜି କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଧାରଣା ସ୍ଥଳକୁ ଆସି ଚାମେଲିଙ୍କ ସହିତ ଆଲୋଚନା କରି ତିନିଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ସରପଞ୍ଚ ଚାମେଲି ଓଝା ଧାରଣା ପ୍ରତ୍ୟାହାର କରିଥିଲେ। ଚଳିତ ମାସ ୧୧ ତାରିଖରେ ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରୁଥିବା ସମୟରେ ବିରୋଧୀ ଗୋଷ୍ଠୀର କେତେକ ଯୁବକ ତାଙ୍କ ସହିତ ଗଣ୍ଡଗୋଳ କରିଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଚାମେଲି ବିଡିଓ ଏବଂ ମହାକାଳପଡ଼ା ପୋଲିସ ନାମରେ ଅଭିଯୋଗ ଆଣିଥିବା ବେଳେ ବିଡିଓ ଏବଂ ମହାକାଳପଡ଼ା ପୋଲିସ ତାଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଗିରଫ କରି ନଥିବାରୁ ଚାମେଲି ଏହାର ପ୍ରତିବାଦ କରିଥିଲେ।

# ପାକିସ୍ତାନ ବିରୋଧରେ ବଢ଼ୁଛି ଅସନ୍ତୋଷ

ପାକିସ୍ତାନ-ଅଧୀନ କାଶ୍ମୀର (ପିଓକେ)ରେ ସାମ୍ପ୍ରତିକ ସମୟରେ ଯେଉଁ ପ୍ରବଳ ଅସନ୍ତୋଷ ଓ ବିଦ୍ରୋହର ସ୍ୱର ଜୋର ଧରୁଛି, ତାହା କେବଳ ଏକ ସ୍ଥାନୀୟ ଘଟଣା ନୁହେଁ। ଏହା ପାକିସ୍ତାନର ଦୀର୍ଘଦିନର ଶୋଷଣମୂଳକ ନୀତିର ଏକ ଅବଶ୍ୟମ୍ଭାବୀ ପରିଣାମ। ଗିଲଗିଟ-ବାଲ୍ଟିସ୍ତାନରୁ ମୁଜାଫରାବାଦ ପର୍ଯ୍ୟନ୍ତ ସାଧାରଣ ଜନତା ରାସ୍ତାକୁ ଓହ୍ଲାଇ ପଡ଼ିଛନ୍ତି। ସେମାନେ ପାକିସ୍ତାନୀ ସେନା ଓ ପ୍ରଶାସନର ଅତ୍ୟାଚାର, ଅର୍ଥନୈତିକ ଶୋଷଣ ଏବଂ ସ୍ୱାୟତ୍ତତାର ଦାବିକୁ ସ୍ପଷ୍ଟ ଭାବେ ପ୍ରକାଶ କରୁଛନ୍ତି। ଏହି ଆନ୍ଦୋଳନ ପାକିସ୍ତାନର କାଶ୍ମୀର ନୀତିର ପ୍ରକୃତ ଚେହେରାକୁ ଉନ୍ମୋଚିତ କରିଦେଇଛି।

ପିଓକେ ଜନତା ଦଶକ ଧରି ପାକିସ୍ତାନର ଔପନିବେଶିକ ଶାସନ ଭୋଗୁଛନ୍ତି। ସେମାନଙ୍କର ପ୍ରାକୃତିକ ସମ୍ପଦ - ଜଳ, ଖଣିଜ ଓ ଭୂମିକୁ ପାକିସ୍ତାନ ନିଜ ସ୍ୱାର୍ଥରେ ବ୍ୟବହାର କରୁଛି, କିନ୍ତୁ ସ୍ଥାନୀୟ ଉନ୍ନୟନ ପାଇଁ କିଛି ନୁହେଁ। ବିଦ୍ୟୁତ ଉତ୍ପାଦନ କରି ପାକିସ୍ତାନ ପଞ୍ଜାବ ଓ ଅନ୍ୟାନ୍ୟ ପ୍ରଦେଶକୁ ଯୋଗାଇ ଦେଉଛି, ଅଥଚ ପିଓକେର ଗ୍ରାମଗୁଡ଼ିକରେ ବିଦ୍ୟୁତ ସଙ୍କଟ ଲାଗି ରହିଛି। ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଅଭାବ ଏତେ ପ୍ରବଳ ଯେ ଯୁବକମାନେ ବେକାରୀ ଓ ହତାଶାରେ ଭୁଗୁଛନ୍ତି। ଏହା ସହିତ ପାକିସ୍ତାନୀ ସେନାର ନିର୍ଯ୍ୟାତନା, ଜବରଦସ୍ତି ଭର୍ତ୍ତି ଓ ଅଦୃଶ୍ୟ କରିଦେବାର ଘଟଣା ସାଧାରଣ ହୋଇଯାଇଛି। ସାମ୍ପ୍ରତିକ ଆନ୍ଦୋଳନରେ ମହିଳାମାନେ ମଧ୍ୟ ସାମିଲ ହୋଇ ସେମାନଙ୍କ ସନ୍ତାନଙ୍କ ଫେରସ୍ତ ଦାବି କରୁଛନ୍ତି।

ଭାରତର କାଶ୍ମୀର ସହିତ ତୁଳନା କଲେ ପରିସ୍ଥିତି ଆହୁରି ସ୍ପଷ୍ଟ ହୁଏ। ୨୦୧୯ ପରେ ଜମ୍ମୁ-କାଶ୍ମୀରରେ ଆର୍ଥିକ ଉନ୍ନୟନ, ପର୍ଯ୍ୟଟନ, ଶିକ୍ଷା ଓ ଯୋଗାଯୋଗ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଆସିଛି, ତାହା ପିଓକେର ଲୋକଙ୍କ ମନରେ ପ୍ରଶ୍ନ ଉଠାଇଛି, କାହିଁକି ଆମେ ପାକିସ୍ତାନ ଅଧୀନରେ ଏତେ ଦୁଃଖ ଭୋଗୁଛୁ? ପାକିସ୍ତାନ ନିଜ ଅର୍ଥନୈତିକ ସଙ୍କଟ ସତ୍ତ୍ୱେ ମଧ୍ୟ ପିଓକେରେ ହଜାର ହଜାର ସୈନ୍ୟ ମୁତୟନ ରଖିଛି ଏବଂ ଭାରତ ବିରୋଧୀ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପୋଷଣ କରୁଛି। ଏହି ଆତଙ୍କବାଦ ନୀତିର ପ୍ରଥମ



ଶିକାର ହେଉଛନ୍ତି ପିଓକେର ନିରୀହ ଜନତା।

ପାକିସ୍ତାନୀ ପ୍ରଶାସନ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ଗୁଳି ଚଳାଉଛି, ନେତାମାନଙ୍କୁ ଗିରଫ କରିଛି ଏବଂ ଇଣ୍ଟରନେଟ ସେବା ବନ୍ଦ କରିଛି। କିନ୍ତୁ ଏହି ଦମନାତ୍ମକ କାର୍ଯ୍ୟ ଆନ୍ଦୋଳନକୁ ଆହୁରି ବଳବତ୍ତର କରୁଛି। ଆନ୍ତର୍ଜାତିକ ମାନବିକ ଅଧିକାର ସଂଗଠନଗୁଡ଼ିକ ମଧ୍ୟ ପିଓକେର ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହା ସ୍ପଷ୍ଟ ହେଉଛି ଯେ ପାକିସ୍ତାନ କାଶ୍ମୀରକୁ କେବଳ ଏକ ଭୂରାଜନୈତିକ ହାତିଆର ଭାବେ ବ୍ୟବହାର କରୁଛି, ସେଠାରେ ବାସ କରୁଥିବା ଲୋକଙ୍କ ଆଶା-ଆକାଂକ୍ଷାକୁ ଗୁରୁତ୍ୱ ଦେଉନାହିଁ।

ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ପିଓକେ ସମେତ ସମଗ୍ର କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତ କେବଳ ସୈନ୍ୟ ଶକ୍ତି ଦ୍ୱାରା ନୁହେଁ, ବରଂ ଉନ୍ନୟନ ଓ ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ କାଶ୍ମୀର ସମସ୍ୟାର ସମାଧାନ ଚାହୁଁଛି। ପିଓକେର ଜନତାର ଏହି କଣ୍ଠସ୍ୱର ଦେଖାଉଛି ଯେ ଧର୍ମ ଓ ଭାଷାର ନାମରେ ପାକିସ୍ତାନ ଯେଉଁ ଦ୍ୱି-ରାଷ୍ଟ୍ର ସିଦ୍ଧାନ୍ତର ଆଧାରରେ କାଶ୍ମୀରକୁ ଅଧିକାର କରିବାକୁ ଚେଷ୍ଟା କରୁଛି, ତାହା ପୁରାପୁରି ଭ୍ରଷ୍ଟ। ପିଓକେର ଲୋକମାନେ ଏବେ ନିଜ ଭାଗ୍ୟ ନିଜେ ନିର୍ଦ୍ଧାରଣ କରିବାକୁ ଚାହୁଁଛନ୍ତି।

ଏହି ଆନ୍ଦୋଳନ ପାକିସ୍ତାନୀ ସ୍ଥାପନାକୁ ଏକ ବଡ଼ ଚ୍ୟାଲେଞ୍ଜ ପ୍ରଦାନ କରୁଛି। ଯଦି ପାକିସ୍ତାନ ନିଜ ନୀତିରେ ପରିବର୍ତ୍ତନ ଆଣି ନକରେ, ତେବେ ଏହି ଅସନ୍ତୋଷ ଆହୁରି ବିସ୍ତାର ଲାଭ କରିବ। ଆନ୍ତର୍ଜାତିକ ସମାଜକୁ ଏହି ସତ୍ୟକୁ ବୁଝିବାକୁ ପଡ଼ିବ ଯେ କାଶ୍ମୀର ସମସ୍ୟାର ମୂଳ ହେଉଛି ପାକିସ୍ତାନର ଆତଙ୍କବାଦ ଓ ଶୋଷଣ। ଭାରତ ସର୍ବଦା ଶାନ୍ତିପୂର୍ଣ୍ଣ ସମାଧାନର ପକ୍ଷରେ ଥିଲା ଏବଂ ରହିବ। କିନ୍ତୁ ପିଓକେର ଜନତାର ଏହି ଉଠାଣି ଦେଖାଇଦେଉଛି ଯେ ସତ୍ୟ ଏବଂ ନ୍ୟାୟ ଶେଷରେ ଜୟଲାଭ କରେ।

ପିଓକେର ଏହି ଘଟଣା ଭାରତୀୟ ନାଗରିକଙ୍କୁ ମଧ୍ୟ ସ୍ମରଣ କରାଇଦେଉଛି ଯେ କାଶ୍ମୀର କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଭାରତର ଅଖଣ୍ଡତା ଓ ଲୋକଙ୍କ ଇଚ୍ଛାର ପ୍ରତୀକ। ଆମେ ଆଶା କରୁଛୁ ଯେ ପିଓକେର ଜନତାର ଦୁଃଖ ଶୀଘ୍ର ସମାପ୍ତ ହେବ ଏବଂ ସେମାନେ ମୁକ୍ତ ଓ ସମୃଦ୍ଧ ଜୀବନ ପାଇବେ।

# ଭାରତୀୟ କ୍ରିକେଟ୍‌ରେ ବର୍ଣ୍ଣବୈଷମ୍ୟ





## ବରୁଣ କୁମାର ମହାପାତ୍ର

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଊନବିଂଶତମ ସଂସ୍କରଣ ଶେଷ ହୋଇଥିଲେ ମଧ୍ୟ ଭାରତୀୟ ଖେଳାଳି ଅର୍ଶଦୀପ ସିଂଙ୍କ ଏକ ରିଲ୍‌ସକୁ ନେଇ ଏବେ ବି ଚର୍ଚ୍ଚା ଜାରି ରହିଛି। ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ ପାଇଁ ଖେଳୁଥିବା ଦ୍ରୁତ ବୋଲର ଅର୍ଶଦୀପ ସିଂ ଏକ ଲିଗ୍ ମ୍ୟାଚ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସର ବ୍ୟାଟର୍ ତିଳକ ବର୍ମାଙ୍କ ପ୍ରତି ବିବାଦୀୟ ଆକ୍ଷେପ କରିଥିଲେ। ସେ ପୁଣି ଏହାର ଭିଡ଼ିଓ (ରିଲ୍‌ସ) କରିଥିଲେ। ଅର୍ଶଦୀପ ସାଧାରଣତଃ ନିଜ ସାଥୀ ଖେଳାଳି ଏବଂ ପ୍ରତିପକ୍ଷ ଖେଳାଳିଙ୍କ ସହ ହାଲ୍‌କା ଓ ମଜାଳିଆ ରିଲ୍‌ସ କରନ୍ତି। କିନ୍ତୁ ତିଳକ ବର୍ମାଙ୍କୁ ନେଇ କରିଥିବା ତାଙ୍କ ରିଲ୍‌ସକୁ କ୍ରିକେଟ୍ ପ୍ରଶଂସକ ସହଜରେ ଗ୍ରହଣ କରିପାରିନଥିଲେ।

ଉକ୍ତ ଚର୍ଚ୍ଚିତ ରିଲ୍‌ସରେ ଅର୍ଶଦୀପ ତିଳକଙ୍କୁ ତାଙ୍କ ରୂପ ଓ ବର୍ଣ୍ଣ ନେଇ ଖୋଲାଖୋଲି ତାଚ୍ଛଲ୍ୟ କରିଥିଲେ। ସେହି ରିଲ୍‌ସରେ ଦେଖିବାକୁ ମିଳୁଛି ଏକ ହୋଟେଲ୍ ଲବିରେ ଅର୍ଶଦୀପ ତାଙ୍କର ଜଣେ ପଞ୍ଜାବ କିଙ୍ଗ୍‌ସ ସାଥୀ ଖେଳାଳି ନମନ ଧୀର୍‌ଙ୍କ ସହ ବସି କଥା ହେଉଛନ୍ତି। ସେତିକିବେଳେ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର ତିଳକ ବର୍ମାଙ୍କୁ ଦେଖି ଅର୍ଶଦୀପ ତାଙ୍କୁ "ଓୟେ ଅନ୍ଧେରା" ବୋଲି ଡ଼ାକୁଛନ୍ତି। ତିଳକଙ୍କ ଶ୍ୟାମଳ ବର୍ଣ୍ଣକୁ ଇଙ୍ଗିତ କରି ଅର୍ଶଦୀପ୍ ଏଭଳି ତାଙ୍କୁ ସମ୍ବୋଧନ କରିଥିଲେ। ତିଳକ ନିକଟକୁ ଆସିବା ପରେ ପୁଣି ଅର୍ଶଦୀପ ତାଙ୍କୁ ପଚାରିଛନ୍ତି, "ସନ୍‌ସ୍କ୍ରିନ ନହିଁ ଲଗାୟା?" ଏହାପରେ ଅର୍ଶଦୀପ ତାଙ୍କ ପାଖରେ ବସିଥିବା ନମନ୍ ଧୀର୍ ଓ ତିଳକ ବର୍ମାଙ୍କ ବର୍ଣ୍ଣକୁ ତୁଳନା କରିଛନ୍ତି ଏବଂ ନମନ ଧୀରଙ୍କ ଉଦ୍ଦେଶ୍ୟରେ କହିଛନ୍ତି "ୟେ ହୈ ଅସଲି ନୂର"। 'ନୂର' ଅର୍ଥ ଚମକ, ତେଜ। ଅର୍ଥାତ୍ ନମନ ଧୀରଙ୍କ ବର୍ଣ୍ଣ ଗୋରା ହୋଇଥିବାରୁ ତାଙ୍କୁ 'ଅସଲି ନୂର' ବୋଲି କହି ଅର୍ଶଦୀପ, ତିଳକ ବର୍ମାଙ୍କୁ ଆହୁରି ନ୍ୟୁନ କରିବାକୁ ଚାହିଁଥିଲେ। କିନ୍ତୁ ତିଳକ ବର୍ମା ସଂଯମ ଅବଲମ୍ବନ ପୂର୍ବକ ଏହାକୁ ହାଲୁକାରେ ନେଇଥିଲେ। ଏଥିପାଇଁ ସେ ପ୍ରଶଂସାର ପାତ୍ର ହୋଇଥିବା ବେଳେ ଅର୍ଶଦୀପଙ୍କ ଏଭଳି ମାନସିକତା କିନ୍ତୁ କ୍ରିକେଟ୍ ପ୍ରଶଂସକଙ୍କୁ ଚକିତ କରିଥିଲା।

ଉଭୟ ଅର୍ଶଦୀପ ସିଂ ଓ ତିଳକ ବର୍ମା ଆଇପିଏଲ୍‌ରେ ପ୍ରତିପକ୍ଷ ହୋଇଥିଲେ ବି ଭାରତୀୟ ଦଳ ପାଇଁ ଏକାଠି ଖେଳନ୍ତି। ପରସ୍ପରକୁ ଥଟ୍ଟାମଜା କରିବା ସ୍ୱାଭାବିକ କଥା। କିନ୍ତୁ ଥଟ୍ଟାମଜା ଛଳରେ ଜଣଙ୍କର ରୂପବର୍ଣ୍ଣକୁ ଆକ୍ଷେପ କରି ତାକୁ ହେୟ ମନେ କରିବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଶଦୀପଙ୍କ ଏହି ରିଲ୍‌ସ ପୁଣି ଏକ ପ୍ରମାଣ ଯେ ଭାରତୀୟ କ୍ରିକେଟ୍‌ରେ ବର୍ଣ୍ଣବୈଷମ୍ୟ ରହିଛି ଏବଂ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କୋହଳ ମନୋଭାବ ପୋଷଣ କରାଯାଉଛି। ଏହା କେବଳ ଗୋଟିଏ ଉଦାହରଣ ନୁହେଁ।

ଅର୍ଶଦୀପ-ତିଳକ ଘଟଣାର ଠିକ୍ ମାସକ ପୂର୍ବରୁ ପୂର୍ବତନ ସ୍ପିନର ଲକ୍ଷ୍ମଣ ଶିବରାମକ୍ରିଷ୍ଣନ ସାଂଘାତିକ ଅଭିଯୋଗ ଆଣିଥିଲେ। ନିଜ ବର୍ଣ୍ଣ ପାଇଁ ସେ କିପରି ଅନେକ ଥର ଉପହସିତ ହୋଇଥିଲେ ତାହା ଶିବରାମକ୍ରିଷ୍ଣନ ଏକ ସାକ୍ଷାତକାର ବେଳେ ପ୍ରକାଶ କରିଥିଲେ। ନିଜ କ୍ୟାରିୟରର ଉନ୍ମେଷ କାଳରେ ହିଁ ଶିବରାମକ୍ରିଷ୍ଣନ ବର୍ଣ୍ଣବୈଷମ୍ୟର ଶିକାର ହୋଇଥିଲେ। ତାମିଲନାଡୁ ଦଳ ପାଇଁ ନେଟ୍ ବୋଲର ଥିବାବେଳେ ଶିବରାମକ୍ରିଷ୍ଣନଙ୍କୁ କିଛି ବରିଷ୍ଠ ଖେଳାଳି 'କାରୁପା (କାଳିଆ)' ବୋଲି ଡ଼ାକୁଥିଲେ ତ ଆଉ କିଏ ତାଙ୍କୁ ସେମାନଙ୍କର ଜୋତା ସଫା କରିବାକୁ କହୁଥିଲେ। ଭାରତୀୟ ଦଳ ପାଇଁ ଖେଳିବା ବେଳେ ମଧ୍ୟ ତାଙ୍କ ବର୍ଣ୍ଣକୁ ନେଇ ଶିବରାମକ୍ରିଷ୍ଣନଙ୍କୁ ତାଚ୍ଛଲ୍ୟ କରୁଥିଲେ କିଛି ଖ୍ୟାତନାମା ଖେଳାଳି। ଭାରତୀୟ ଦଳ ତରଫରୁ ଯେତେବେଳେ ତାଙ୍କ ୧୭ତମ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା, ତତ୍କାଳୀନ ଅଧିନାୟକ ଏକ କେକ୍ ବରାଦ ଦେଇଥିଲେ। ସଂଯୋଗ ବଶତଃ ସେହି କେକ୍‌ର ରଙ୍ଗ ଥିଲା 'ଡାର୍କ ଚକୋଲେଟ୍'। ଏହାକୁ ଦେଖି ଜଣେ ଜଣାଶୁଣା ଖେଳାଳି କହିଥିଲେ, "କଳା ବର୍ଣ୍ଣର ଟୋକା (ଶିବରାମକ୍ରିଷ୍ଣନ) ପାଇଁ ଠିକ୍ ରଙ୍ଗର କେକ୍ ମଗାଯାଇଛି"। ଏଭଳି ବର୍ଣ୍ଣଗତ ଟିପ୍ପଣୀ ଶିବରାମକ୍ରିଷ୍ଣନଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା। କିନ୍ତୁ ଦଳରେ ନୂଆ ହୋଇଥିବାରୁ ସେ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ଭାଷ୍ୟକାର ଭାବେ ମଧ୍ୟ ସେ ବର୍ଣ୍ଣବୈଷମ୍ୟର ଶିକାର ହୋଇଥିଲେ। ତାଙ୍କ ରୂପବର୍ଣ୍ଣ କ୍ୟାମେରା ଅନୁକୂଳ ହୋଇନଥିବାରୁ ତାଙ୍କୁ ମ୍ୟାଚ୍ ପରବର୍ତ୍ତୀ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିବାକୁ ସୁଯୋଗ ଦିଆଯାଉନଥିଲା ବୋଲି ସଙ୍ଗିନ୍ ଅଭିଯୋଗ ଆଣିଥିଲେ ଶିବରାମକ୍ରିଷ୍ଣନ।

ପୂର୍ବତନ ବ୍ୟାଟର ଅଭିନବ ମୁକୁନ୍ଦଙ୍କ କ୍ଷେତ୍ରରେ ବି ଏମିତି ଘଟିଥିଲା। ଆମ ଦେଶର ଅନେକ କ୍ରିକେଟ୍ ଖେଳାଳି ନିଜ ଦଳୀୟ ସାଥୀଙ୍କ ବ୍ୟତୀତ ବିଦେଶୀ ଖେଳାଳିଙ୍କ ପ୍ରତି ମଧ୍ୟ ଏହିଭଳି ଆଚରଣ କରୁଥିବା ଅଭିଯୋଗ ହୋଇଆସୁଛି। ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ଡାରେନ ସାମି ଆଇପିଏଲ୍‌ରେ ଖେଳିବା ବେଳେ ଭାରତୀୟ ଖେଳାଳିଙ୍କ ଦ୍ୱାରା ବର୍ଣ୍ଣବୈଷମ୍ୟର ଶିକାର ହୋଇଥିଲେ ବୋଲି ଅଭିଯୋଗ କରିଥିଲେ। ଭାରତୀୟ କ୍ରିକେଟ୍‌ରେ ଏପରି କୁତ୍ସିତ ସଂସ୍କୃତିର ପ୍ରଚଳନ ଜାରି ରହିଥିଲେ ବି ଏହାକୁ ରୋକିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ନଥିବା ମନେହୁଏ। ଏଭଳି କିଛି ଘଟଣା ସାମ୍ନାକୁ ଆସୁଥିବାବେଳେ ବହୁତ କିଛି କଥା ଅନ୍ତରାଳରେ ରହିଯାଉଛି। ବର୍ଣ୍ଣବୈଷମ୍ୟର ଶିକାର ଖେଳାଳି କାର୍ଯ୍ୟାନୁଷ୍ଠାନ ଭୟରେ ନତୁବା କ୍ୟାରିୟର ପ୍ରଭାବିତ ହେବା ଆଶଙ୍କା କରି ଏଭଳି ଘଟଣାକୁ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବାକୁ ସାହସ କରିପାରନ୍ତି ନାହିଁ। ଶିବରାମକ୍ରିଷ୍ଣନ ଓ ମୁକୁନ୍ଦଙ୍କ ଭଳି କିଛି ଖେଳାଳି ଅବସର ନେବା ପରେ ନିଜ ତିକ୍ତ ଅନୁଭୂତିକୁ ଲୋକଲୋଚନକୁ ଆଣନ୍ତି।

ଭାରତୀୟ ଦଳ ଯେବେ ବିଦେଶ ଗସ୍ତରେ ଯାଏ (ବିଶେଷକରି ଇଂଲଣ୍ଡ, ଅଷ୍ଟ୍ରେଲିଆ), ପ୍ରତିପକ୍ଷ ଖେଳାଳି ଏବଂ ସମ୍ପୃକ୍ତ ଦେଶର ଦର୍ଶକଙ୍କ ଠାରୁ ବର୍ଣ୍ଣବୈଷମ୍ୟର ଶିକାର ହେବାର ଅନେକ ନଜିର ରହିଛି। ସେତେବେଳେ ଭାରତୀୟ ବୋର୍ଡ ଏବଂ ଆମ ଦେଶର ଗଣମାଧ୍ୟମ ଏହାର ଦୃଢ଼ ପ୍ରତିବାଦ କରନ୍ତି। ସେହି ଦେଶ ଗୁଡ଼ିକ ସହ ଖେଳ ସମ୍ପର୍କ ତୁଟାଇବାକୁ ଦାବି କରନ୍ତି। ତେବେ ଆମ ଦଳ ଭିତରେ ଏବଂ ଆମ ନିଜ ଖେଳାଳିମାନେ ଯଦି ପରସ୍ପରକୁ ରୂପବର୍ଣ୍ଣ ଆଧାରରେ ଏଭଳି ଆଚରଣ କରନ୍ତି, ସେତେବେଳେ ଆମେ ଏହାକୁ ସେଭଳି ଗମ୍ଭୀରତାର ସହ ନେଇ ନଥାଉ। ବର୍ଣ୍ଣବୈଷମ୍ୟ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିସିସିଆଇର ନିୟମ ରହିଛି। କିନ୍ତୁ ତାହାକୁ କଡ଼ାକଡ଼ି ପାଳନ କରାଯାଉ ନାହିଁ। ପରିଣାମସ୍ୱରୂପ ଏଭଳି ଘୃଣ୍ୟ ଆଚରଣ କରିବାକୁ ଖେଳାଳିଙ୍କ ସାହସ ବଢ଼ିଯାଉଛି। ଏହା 'ସାମାନ୍ୟ' ଓ 'ଥଟ୍ଟା' ବୋଲି କହି ଏଡ଼ାଇ ଦିଆଯାଏ। ଅର୍ଶଦୀପ ସିଂଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ଏହାର ସଦ୍ୟତମ ଉଦାହରଣ। ଭାରତୀୟ କ୍ରିକେଟ୍ ବୋର୍ଡ ଏବଂ ଆମ ଖେଳାଳିଙ୍କୁ ମନେ ରଖିବାକୁ ହେବ ଯେ ବର୍ଣ୍ଣବୈଷମ୍ୟ ବିରୋଧ ସଂଗ୍ରାମରେ ଭାରତ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। ବର୍ଣ୍ଣବୈଷମ୍ୟ ନୀତି ପାଇଁ ଯେତେବେଳେ ଦକ୍ଷିଣ ଆଫ୍ରିକାକୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବାସନ୍ଦ କରାଯାଇଥିଲା, ଭାରତ ଏହାର ଦୃଢ଼ ସମର୍ଥନ କରିଥିଲା। ତିନି ଦଶନ୍ଧିର ବାସନ୍ଦ ପରେ ଦକ୍ଷିଣ ଆଫ୍ରିକା ଯେବେ ୧୯୯୧ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଲା, ଭାରତ ହିଁ ପ୍ରଥମ ଦଳ ଭାବେ ସେହି ଦଳକୁ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ପାଇଁ ଆମନ୍ତ୍ରଣ କରିଥିଲା। ତା'ଛଡ଼ା କ୍ରିକେଟର ଖେଳାଳିଙ୍କୁ ଅନେକ ଯୁବ ପ୍ରଶଂସକ ନିଜର ଆଦର୍ଶ ମାନନ୍ତି। ତେଣୁ ସେମାନେ ନିଜ ଆଚରଣ ପ୍ରତି ଯତ୍ନବାନ ହେବା ଉଚିତ। ନଚେତ୍ ସମାଜକୁ ଭୁଲ୍ ସନ୍ଦେଶ ଯାଇପାରେ।

**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର**

# ସନ୍ତାନ ସୁଖ ପାଇଁ ବିବାହ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଆହାର, ନିଦ୍ରା, ଭୟ, ମୈଥୁନ, ଏ ଚାରୀ ସବୁ ଜୀବଙ୍କ ଜୀବନ କାଳ ସହଚର, ପ୍ରବୃତ୍ତି, ହେଲେ ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ ଦେଖି ସନ୍ତୋଷ ଭଗବାନ। ଏ ଭାଗବତ ବାଣୀ ଦର୍ଶାଉଛି କେବଳ ମନୁଷ୍ୟ ମାନଙ୍କର ଅନ୍ୟ ଜୀବଙ୍କ ଠାରୁ ଜୀବନ ଧାରଣ ଭିନ୍ନ। କାମନା ଚରିତାର୍ଥ ପାଇଁ, ପର ଅର୍ଥ, ପର ଶ୍ରମ ପର ଅଧିକାର, ପର ଦ୍ରବ୍ୟରୁ ଦୂରେଇ ନିଜ ବିଦଦତ୍ତା ଶ୍ରମ, ଶାସ୍ତ୍ର ନିର୍ଦ୍ଦେଶ, ଗୁରୁ, ଗୁରୁଜନ, ଆଦେଶ, ଧର୍ମୀୟ ପରମ୍ପରା, ସାମ୍ବିଧାନିକ ଧାରା, ଦେଶର ପେନାଲ କୋଡ଼ଧାରା ସହ ସାମାଜିକ ବ୍ୟବସ୍ଥା ମଧ୍ୟରେ ଶାରୀରିକ କ୍ଷମତା, ବଳ ବୟସ ଅନୁସାରେ ଅନେକ ଭୋଗ ସୁଖ କରାଯାଇପାରେ। ଭାରତୀୟ ଜ୍ୟୋତିଷ ବିଜ୍ଞମାନେ ରାଶି ଚକ୍ରରେ ଚାରି ଗୋଟି ଦ୍ୱିସ୍ୱ ରାଶି ସାତଯୋଡ଼ିଛନ୍ତି ଓ ଏକ ଦ୍ୱିସ୍ୱ ରାଶିରେ ମିଥୁନ ରାଶି ରହିଛି ଯେଉଁ ଏକ ନାରୀ ଏକ ପୁରୁଷ ଯୋଡ଼ି ରହିଛି। ପାଣି ବିନାପବିତ୍ରୀ କରଣ ନାହିଁ, ସ୍ନାନ ଶୌଚ ନାହିଁ, ନଦୀ, ପୋଖରୀ, ନାଳ ହ୍ରଦ ସମୁଦ୍ର ସବୁଠି ଜଳ ଗଙ୍ଗା ଯମୁନା ନର୍ମଦା ଗୋଦାବୀର ସିପ୍ରା ମହାନଦୀ, ଚିତ୍ରୋତ୍ପଳା, ପ୍ରାଚୀ ପ୍ରଭୃତି ପୁଣ୍ୟତୋୟା ନଦୀରେ ବିଭିନ୍ନ ଜଳ ଜୀବଙ୍କ ମଧ୍ୟରେ ମାଛ ବିହାର ରହିଛି, ଏଠାରେ ପୂଜା ଅର୍ଘ୍ୟ ତର୍ପଣ କରାଗଲେ ବି କେହି ବି ଏହାକୁ ମାଛ ଗାଧୁଆ, ଜଳ ମାଛ ମୂତ୍ର ପୁରୀଷ ପରିତ୍ୟକ୍ତ ଜଳ କହି ନଥାନ୍ତି। ଅନେକ ମାଛ ଦମ୍ପତ୍ତି ଖୁସିରେ ତାଙ୍କ ଭବିଷ୍ୟତ ଦର୍ଶନରେ ଏଥିରେ ବିଚରଣ କରୁଅଛନ୍ତି, ଜ୍ୟୋତିଷ ଜ୍ଞାନୀମାନେ କେବଳ ଏକ ମାଛ ଦମ୍ପତୀଙ୍କୁ ତାଙ୍କ ଡିମ୍ବକୁ ମଝିରେ ରଖି ପରସ୍ପର ଲାଞ୍ଜ ମୁଣ୍ଡ ଦିଗରେ ରହି ଭବିଷ୍ୟତକୁ ରକ୍ଷା କରୁଛନ୍ତି। ମୀନ କେତନ, ସୁସନ୍ତାନ, ନିରୋଗ ସନ୍ତାନ, ସବଳ ସନ୍ତାନ, ସେ ପୁଣି ବଂଶ ବୃଦ୍ଧି କରିପାରୁଥିବେ। କାମଦେବଙ୍କ ନାମ ମୀନକେତନ, ନହେଲେ ମକର କେତନ, କେତନ ଅର୍ଥ ପତାକା ଯହିଁରେ ଏହି ସଂକେତ ଦୃଶ୍ୟ, ମକର ବି ଏକ ଜଳ, ଜୀବ।

କାଳପୁରୁଷର ବାର ନମ୍ବର ରାଶିରେ ଆସେ ମୀନ ଆଉ ଦଶ ନମ୍ବର ରାଶିରେ ଆସେ ମକର ରାଶି। ମକରକୁ ସମୁଦ୍ର ଛାଗ କୁହାଯାଏ। ଛାଗ ଦୀର୍ଘାୟୁ ଜୀବ ନୁହେଁ ହେଲେ ତାର ପ୍ରଜନନ କ୍ରିୟା ସ୍ୱଳ୍ପ ଜୀବନରେ ବହୁ ବାର। ଛାଗ ପୁରୁଷଙ୍କ ମାଆ, ଭଉଣୀ ଜ୍ଞାନ କାମାତୁରା କାଳରେ ନଥାଏ। ଷଣ୍ଢ ଆଗରେ ଭାଗବତ ଜ୍ଞାନ ବୃଥା, ଗୋମାତା ଆମର ପୂଜ୍ୟ ବୃଷଭ ବି ପୂଜ୍ୟ କିନ୍ତୁ ବୃଷଭର ମାଆ ଭଉଣୀ ଜ୍ଞାନ ନାହିଁ। ଏହାଙ୍କର ଆଚରଣକୁ ଶାସ୍ତ୍ର ମାନ୍ୟତା ଦେଇ ନାହାଁନ୍ତି। ଧନୁ ଏକ ଦ୍ୱାତ୍ମିକ ବା ଦିସ୍ୱ ରାଶି ଏହା ଏକ ଅଶ୍ୱାରୋହୀ ହାତରେ ଧନୁ ଟଙ୍କାରିତ, ଅଶ୍ୱବଳରେ ରାଜା ମହାରାଜ ବଳବାନ, ଅଶ୍ୱାରୋହୀ ସେନା ପୋଲିସ ଏବେ ବି ଅଛନ୍ତି ଆମ ଠାକୁର ଜଗନ୍ନାଥ ବଳରାମଙ୍କ କଳା ଓ ଧଳା ଘୋଡ଼ା କଳ୍କୀ ଭଗବାନ ଘୋଡ଼ାରେ ହିଁ ଆରୋହୀ ମ୍ଳେଚ୍ଛ ସଂହାର କରିବେ। ଜଗନ୍ନାଥ ମନ୍ଦିରରେ ଦକ୍ଷିଣ ଦ୍ୱାରରେ ଧବମାନ ଅଶ୍ୱ ସ୍ଥିର ତାହା ଅଶ୍ୱ ଚିହ୍ନିତ ଦ୍ୱାର ଅଶ୍ୱ ଦ୍ୱାରା ଅଶ୍ୱ ଉପରେ ଆରୋହୀ ଅନେକ ଯୋଦ୍ଧା ବୀର ପୁରୁଷଙ୍କ ସ୍ମୃତି ମୂର୍ତ୍ତି ବିଭିନ୍ନ ସହରର ଛକ ମଣ୍ଡିତ କରୁଛି। ବାସେଳୀ ଏକଠାକୁରାଣୀ ଯାହା କୈବର୍ତ୍ତ ଜାତିର ଜାତୀୟ ଦେବତା ଅଶ୍ୱ ମୁଣ୍ଡ ରୂପେ ବର୍ଷ ଯାକ ପୂଜା ପାଆନ୍ତି। ଘୋଡ଼ା ନାଚ ଏକ ସାଂସ୍କୃତିକ ଅନୁଷ୍ଠାନ ବା ପର୍ବ। ଏକ ସୁସ୍ଥ ସବଳ ଘୋଡ଼ାର କାର୍ଯ୍ୟକାରୀ ଶକ୍ତିକୁ ଏକକ ରୂପେ ଯାନ୍ତ୍ରିକ ଶକ୍ତିରେ ବ୍ୟବହାର କରାଯାଉଛି, ବିଦ୍ୟୁତ ଶକ୍ତିର ୭୪୬ ୱାଟ ଏକକ ରେ ଏକ ହର୍ସ ପାୱାର ଧରାଯାଏ। ଘୋଡ଼ାକୁ ବାଜୀ କୁହାଯାଏ, ଆୟୁର୍ବେଦିକ ଶାସ୍ତ୍ରରେ ବାଜୀକରଣ ଏକ ଅଧ୍ୟାୟ, ଯାହା ଘୋଡ଼ାର ରମଣ ଶକ୍ତି ସଦୃଶ ଯୌବନକାଳକୁ ଅତୁଟ, ଦୀର୍ଘସ୍ଥାୟୀ ରଖିବା ପାଇଁ ଉଦ୍ଦିଷ୍ଟ ଭେଷଜ ପ୍ରୟୋଗ, ଏହା ଆଧୁନିକ ଚିକିତ୍ସା ବିଜ୍ଞାନରେ ସ୍ଥାନିତ ଅଛି। ଏକ ବନୌଷଧି ଅଶ୍ୱଗନ୍ଧା ଅଛି ଯାହା ଯୌବନକୁ ପୁରୁଷଙ୍କର ଦୀର୍ଘସ୍ଥାୟୀ ରଖିବା ପାଇଁ ଭେଷଜଜ୍ଞମାନେ ପ୍ରୟୋଗ କରନ୍ତି। ପୂର୍ବେ ପୁରୁଷ ମାନେ ବହୁ ବିବାହ କରିବା ଏକ ପରମ୍ପରା ଅନେକ ସମାଜ ଧର୍ମରେ ପୁଣି ବଡ଼ ପରିବାର ବାନ୍ଧି ଶତ୍ରୁ ମୁକାବିଲା ପାଇଁ ଏକ ଚିନ୍ତା ଥିଲା। ରାଜ ପରିବାରରେ ପୁରୁଷମାନେ ଅନେକ ବିବାହ କରିବା ପୁରାଣ, ଇତିହାସରେ ମିଳୁଛି।

ଅନେକରେ ଏକ ହେଉଛନ୍ତି ରାଜା, ଦଳପତି, ଶିକ୍ଷକ, ଡାକ୍ତର, ବିଚାରପତି ଏପରି ସନ୍ତାନ ପାଇଁ ଇଚ୍ଛା ପ୍ରକାଶ ସବୁ ଦମ୍ପତ୍ତି ଚାହିଁଲେ ବି ଅନେକ କ୍ଷେତ୍ରରେ ସ୍ୱପ୍ନ ସାର୍ଥକ ହୁଏନାହିଁ। ଉପାୟ ଖୋଜରେ ମୁହୂର୍ତ୍ତ ଜ୍ୟୋତିଷର ସାହାଯ୍ୟ ନିଆ ଯିବା ଧାର୍ଯ୍ୟ। ଆର୍ଯ୍ୟ ଋଷିମାନେ କରିଛନ୍ତି, କାମାତୁରା ସମ୍ବନ୍ଧକୁ ଜ୍ୟୋତିଷେ ଶାସ୍ତ୍ରର ଢ଼ାଞ୍ଚାରେ ନିୟନ୍ତ୍ରିତ କରି ଯୋଗ୍ୟ ମୁହୂର୍ତ୍ତ ଗୁଡ଼ିକ ଦମ୍ପତିମାନେ ବାଛି କାମରେ ଲଗାଇଲେ ଇପ୍ସିତ ସନ୍ତାନ ପାଇପାରନ୍ତି। କାମଧେନୁ କିଲ ଖାନାକୁ ଲୋକେ ଏବେ ବିକ୍ରୀ କରୁଛନ୍ତି, କଳ୍ପବଟ, ବାଞ୍ଛା ବଟ, ଅକ୍ଷୟ ବଟ ପରି ମୂଲ୍ୟବାନ ଗଛ ସବୁକୁ କାଟି ସଫା କଲାପରି, ଅନମୋଲ ଜ୍ୟୋତିଷ ଶାସ୍ତ୍ରକୁ ବିଲୁପ୍ତ ଲୋକେ କରିବାରେ ଲାଗିଗଲେଣି, କି କମ୍ପ୍ୟୁଟର ଯୁଗ ହେଲା ଶାସ୍ତ୍ରର ମର୍ମ ନ ଜାଣି ଅନେକ ସ୍ୱୟମ୍ଭୂ। ଆୟୁର୍ବେଦିକ ଶାସ୍ତ୍ର ସେହିପରି ଅବହେଳିତ ହୋଇ ଚାଲିଛି। ଯୁଗ ଇତି ଦିଗକୁ କାଳ ଭିଡୁଛି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,**
**ମୋବାଇଲ୍:୯୪୩୭୧୦୩୧୨୫୩**

# ପୁଞ୍ଜିପତିଙ୍କ ହାତରେ ଖାଦ୍ୟ ସୁରକ୍ଷା



## ଗୋପାଳ ମହାପାତ୍ର

ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଭାରତର କୃଷକ, ସରକାରୀ କ୍ରୟ ବ୍ୟବସ୍ଥା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ମଜଭୁତ ନେଟ୍‌ୱର୍କ ଉପରେ ଆଧାରିତ ଥିଲା। ମରୁଡ଼ି, ମହାମାରୀ, ଏବଂ ଆର୍ଥୀକ ସଙ୍କଟ ସମୟରେ ଏହି ବ୍ୟବସ୍ଥା କୋଟି କୋଟି ଲୋକଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇ ପାରୁଥିଲା। କିନ୍ତୁ ଏବେ ଭଣ୍ଡାରଣ (ଗଚ୍ଛିତ ରଖିବା) ଏବଂ ଯୋଗାଣ ବ୍ୟବସ୍ଥାରେ ଘରୋଇ କ୍ଷେତ୍ରର ଭାଗିଦାରୀ ବଢ଼ିବାରେ ଲାଗିଛି। ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଘରୋଇ କ୍ଷେତ୍ରକୁ ଚାଲିଯିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି। ତଥ୍ୟ ଅନୁସାରେ ଭାରତୀୟ ଖାଦ୍ୟ ନିଗମର ଓ୍ୟାରହାଉସିଙ୍ଗ୍ ଏବଂ ପରିବହନ ଯୋଜନା ବା ବ୍ୟବସ୍ଥାର ଏକ ବଡ଼ ଅଂଶ ଆଦାନୀ ଗ୍ରୁପ୍ ଏବଂ ତାର ସହଯୋଗୀ କମ୍ପାନୀ ହାତକୁ ଚାଲିଯାଇଛି। ଅଭିଯୋଗ ଅନୁସାରେ ଟେଣ୍ଡରର ସର୍ତ୍ତରେ ଏଭଳି ପରିବର୍ତ୍ତନ କେନ୍ଦ୍ର ସରକାର କରିଛନ୍ତି ଯାହା ଫଳରେ ପୂର୍ବରୁ ଥିବା "ଏକାଧିକାର ବିରୋଧି" ସୁରକ୍ଷା ପ୍ରାବଧାନକୁ ଦୁର୍ବଳ କରି ଦିଆଯାଇଛି ଓ ପରିଣାମ ସ୍ୱରୂପ କିଛି ଘରୋଇ କମ୍ପାନୀଙ୍କୁ ଓ୍ୟାର ହାଉସିଙ୍ଗ (ଭଣ୍ଡାରଣ) ଏବଂ ଯୋଗାଣ ପାଇଁ ଠିକା ମିଳିଯାଇଛି। ପାଖାପାଖି ୨୦ ହଜାର କୋଟି ଟଙ୍କାର ଏହି ଭଣ୍ଡାରଣ ଓ ଯୋଗାଣ ପରିଯୋଜନା ମଧ୍ୟରୁ ୧୬୫୦୦ କୋଟି ଟଙ୍କାରୁ ଅଧିକ ଠିକାକାମ ଆଦାନୀ ଗ୍ରୁପ୍ ଏବଂ ଲିପ ଇଣ୍ଡିଆ କମ୍ପାନୀ ସହ ଜଡ଼ିତ ସଂସ୍ଥା ମାନଙ୍କୁ ମିଳିଛି। ଏହା କେବଳ ଏକ ବ୍ୟବସାୟୀ ଗୋଷ୍ଠୀଙ୍କୁ ଦିଆଯାଇଥିବା ଟେଣ୍ଡର ବା ଠିକାର ପ୍ରସଙ୍ଗ ନୁହେଁ ବରଂ ଅସଲ ପ୍ରଶ୍ନ ହେଉଛି ଯେ କ'ଣ ଦେଶର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କିଛି ପୁଞ୍ଜିପତିଙ୍କ ଉପରେ ନିର୍ଭରଶୀଳ ହେବାକୁ ଯାଉଛି କି? ଯଦି ଏଭଳି ହୁଏ ତେବେ ଏହାର ଆର୍ଥୀକ, ସାମାଜିକ ଏବଂ ରାଜନୈତିକ ପରିଣାମ କ'ଣ ହେବ?

ଭାରତୀୟ ଖାଦ୍ୟ ନିଗମ ସ୍ଥାପନାର ଉଦେଶ୍ୟ ଥିଲା ଯେ କୃଷକ ମାନଙ୍କଠାରୁ ଖାଦ୍ୟ ଶଷ୍ୟ ନ୍ୟୁନତମ ସମର୍ଥନ ମୂଲ୍ୟରେ କ୍ରୟ କରିବା, ସୁରକ୍ଷିତ ଭାବେ ଏହାର ଭଣ୍ଡାରଣ କରି ଆବଶ୍ୟକ ଅନୁସାରେ ଲୋକଙ୍କ ପାଖରେ ପହଞ୍ଚାଇବା। ଏହି ପୁରାପୁରି ବ୍ୟବସ୍ଥାରେ ପ୍ରତିସ୍ପର୍ଦ୍ଧା ଏବଂ ବିବିଧତା ଥିଲା ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ। ଯଦି ଭଣ୍ଡାରଣ ବା ଓ୍ୟାରହାଉସ ମାନଙ୍କର ଗଚ୍ଛିତ ରଖିବା, ପରିବହନ ଏବଂ ବିତରଣର ବଡ଼ ଅଂଶ କିଛି ଘରୋଇ କମ୍ପାନୀଙ୍କ ହାତକୁ ଚାଲିଯାଏ ତେବେ ଭବିଷ୍ୟତରେ ଏହି ବ୍ୟବସ୍ଥା ଉପରୁ ସରକାରୀ ନିୟନ୍ତ୍ରଣ କମ୍ ହୋଇପାରେ ଏବଂ ଖାଦ୍ୟ ଯୋଗାଣ ବ୍ୟବସ୍ଥା ସମ୍ବେଦନଶୀଳ ହୋଇପାରେ। ଏହି ବ୍ୟବସ୍ଥାକୁ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯିବା ଉପରେ ଗୁରୁତର ଚର୍ଚ୍ଚା ଓ ଅଭିଯୋଗ ଉଠିବାର କାରଣ ହେଉଛି ଜଳବାୟୁ ସଙ୍କଟ କାରଣରୁ କୃଷିକ୍ଷେତ୍ର ଅବ୍ୟବସ୍ଥାରେ ଥିବାବେଳେ ଭଣ୍ଡାରଣ ଓ ଯୋଗାଣ ବ୍ୟବସ୍ଥାର ଅଧିକ ଭାଗ ଘରୋଇ କମ୍ପାନୀଙ୍କୁ ଦିଆଯାଇଛି। ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଅଳ୍ପ ବୃଷ୍ଟି, ଝଡ଼ତୋଫାନ, ଅସମୟରେ ବର୍ଷା ଏବଂ ହିଟ୍‌ୱେ୍ୟଭ ବା ଉତ୍ତାପ ବୃଦ୍ଧି କାରଣରୁ ଫସଲ ଉତ୍ପାଦନ ହ୍ରାସ ପାଇଛି।

ଭାରତର ପାଣିପାଗ ବିଭାଗ ଏବଂ କୃଷି ବିଶେଷଜ୍ଞ ମାନେ ଜଳବାୟୁ ପରିବର୍ତ୍ତନ କାରଣରୁ ପାଣିପାଗର ଅନିଶ୍ଚିତତାକୁ ନେଇ ଅନେକ ବାର ଚେତାବନୀ ଦେଇଛନ୍ତି। କେତେବେଳେ ଅଚାନକ ବର୍ଷା ତ ପୁଣି କେତେବେଳେ ଅନାବୃଷ୍ଟି ପୁଣି ଅତ୍ୟଧିକ ଗରମ କୃଷକଙ୍କ ପାଇଁ ସଙ୍କଟ ପାଲଟିଛି, ଏହି କାରଣରୁ ଉତ୍ପାଦନ ଖର୍ଚ୍ଚ ବଢ଼ୁଛି ଓ ଉତ୍ପାଦକତା ଉପରେ ଚାପ ପଡୁଛି। ଭାରତରେ ଏବେ ଖାଦ୍ୟାନ୍ନ ସଙ୍କଟ ଓ ମରୁଡ଼ି ଭଳି ସ୍ଥିତି ହେବ ବୋଲି ଆକଳନ ହୁଏତ ଭୁଲ ହୋଇପାରେ। ଭାରତ ପାଖରେ ଏବେ ବି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶଷ୍ୟ ମହଜୁଦ ରହିଛି। ଭାରତୀୟ ଖାଦ୍ୟନିଗମର ଗୋଦାମ ମାନଙ୍କରେ କୋଟି କୋଟି ଟନ ଖାଦ୍ୟଶଷ୍ୟ ସୁରକ୍ଷିତ ଭାବେ ରହିଛି। କିନ୍ତୁ ଚିନ୍ତାର ବିଷୟ ହେଉଛି ଯଦି ପାଣିପାଗ କାରଣରୁ କ୍ରମାଗତ ଭାବେ ଉତ୍ପାଦନ ପ୍ରଭାବିତ ହୁଏ ତେବେ ଅବ୍ୟବସ୍ଥା ସୃଷ୍ଟି ହେବ ନିଶ୍ଚୟ। ବିଶେଷଜ୍ଞ ମାନଙ୍କ ମତରେ ଖାଦ୍ୟଶଷ୍ୟର ସମ୍ପୂର୍ଣ୍ଣ ଭାବେ ଅଭାବ ପୂର୍ବରୁ ଦରଦାମ ବୃଦ୍ଧିର ପ୍ରଭାବ ଦେଖାଯାଇଥାଏ। ଉତ୍ପାଦନ କମିବା ସମୟରେ ଯଦି ଯୋଗାଣ ବ୍ୟବସ୍ଥା ଘରୋଇ ସଂସ୍ଥା ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ତେବେ ଖାଦ୍ୟଶଷ୍ୟର ମୂଲ୍ୟ ବଢ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏହା ଫଳରେ ଗରୀବ ଏବଂ ନିମ୍ନ ମଧ୍ୟମ ବର୍ଗ ଅଧିକ ଭାବେ ପ୍ରଭାବିତ ହେବେ।

ଖାଦ୍ୟଶଷ୍ୟ ସଙ୍କଟ ବେଳେ ଭାରତୀୟ ଖାଦ୍ୟ ନିଗମର ଭୂମିକା ମହତ୍ୱପୁର୍ଣ୍ଣ ହୋଇଥାଏ। ଦେଶକୁ ଭବିଷ୍ୟତର ଖାଦ୍ୟ ସଙ୍କଟରୁ ବର୍ତ୍ତିବା ପାଇଁ କେବଳ ଗୋଦାମ (ଓ୍ୟାରହାଉସ) ନିର୍ମାଣ ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ହେଉଛି କ୍ରୟ ପ୍ରଣାଳିରେ ପାରଦର୍ଶିତା, ଗଛିତ ବା ଭଣ୍ଡାରଣ ବ୍ୟବସ୍ଥା ପ୍ରତିସ୍ପର୍ଦ୍ଧି ହେବା ଉଚିତ୍। କୃଷକଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ଠିକ୍ ସମୟରେ ମିଳିବା ଏବଂ ବିତରଣ ପ୍ରଣାଳି ସୁନିୟୋଜିତ ହେବା ମଧ୍ୟ ଆବଶ୍ୟକ। ଘରୋଇ କମ୍ପାନୀ ହାତରେ ଏହି ବ୍ୟବସ୍ଥାକୁ ଟେକି ଦେବା ପ୍ରସଙ୍ଗରେ ସରକାରଙ୍କ ଯୁକ୍ତି ହେଉଛି ଘରୋଇ ନିବେଶ ଫଳରେ ଅତ୍ୟାଧୁନିକ ଗୋଦାମ, ଉତ୍ତମ ପରିବହନ ବ୍ୟବସ୍ଥା ମିଳିବା ସହ ଖାଦ୍ୟଶଷ୍ୟର କ୍ଷୟ କ୍ଷତି କମ୍ ହେବ। ଏହି ଯୁକ୍ତି ସମ୍ପୂର୍ଣ୍ଣ ଭୁଲ ନୁହେଁ। ଦେଶରେ ପ୍ରତିବର୍ଷ ହଜାର ହଜାର ଟନ ଖାଦ୍ୟ ଶଷ୍ୟ ନଷ୍ଟ ହୋଇଯାଉଛି ଏଣୁ ଆତ୍ୟାଧୁନିକ ଭଣ୍ଡାରଣ ବ୍ୟବସ୍ଥା ର ଆବଶ୍ୟକତା ରହିଛି। କିନ୍ତୁ ଘରୋଇ କମ୍ପାନୀଙ୍କ ପ୍ରଭୁତ୍ୱ ବଢ଼ିଲେ ପାରଦର୍ଶିତା ଏବଂ ଉତ୍ତରଦାୟୀତ୍ୱକୁ ନେଇ ପ୍ରଶ୍ନ ଉଠିବା ନିଶ୍ଚୟ। ଭାରତର ଖାଦ୍ୟ ସୁରକ୍ଷା କେବଳ ଖାଦ୍ୟ ଶଷ୍ୟର ଉତ୍ପାଦନର ପ୍ରଶ୍ନ ନୁହେଁ। ଏହା କୃଷକଙ୍କ ଆୟ, ସରକାରୀ କ୍ରୟ ବ୍ୟବସ୍ଥା, ସାର୍ବଜନୀନ ବିତରଣ ପ୍ରଣାଳୀ, ଭଣ୍ଡାରଣ ଢାଞ୍ଚା ଏବଂ ବଜାରର ପ୍ରତିସ୍ପର୍ଦ୍ଧା ସହ ଜଡ଼ିତ ପ୍ରସଙ୍ଗ ଅଟେ। ଯଦି ଏସବୁ ବ୍ୟବସ୍ଥା ମଧ୍ୟରେ ସନ୍ତୁଳନ ନରହେ ତେବେ ଅବ୍ୟବସ୍ଥା ଦେଖାଯିବ। ଯଦି ଉତ୍ପାଦନ ହ୍ରାସ ହୁଏ ଏବଂ ଭଣ୍ଡାରଣ ଏବଂ ବିତରଣ ବ୍ୟବସ୍ଥା ଘରୋଇ ନିୟନ୍ତ୍ରଣରେ ରହେ ତେବେ ଅବ୍ୟବସ୍ଥା ଅଧିକ ହେବ ନିଶ୍ଚୟ।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍:୯୪୩୮୪୮୫୦୯୪**



## ଧରାପଡ଼ିଲା ପାକିସ୍ତାନର ମିଛ

# ସୁରକ୍ଷିତ ଅଛି ଭାରତର ୩୬ ରାଫେଲ୍

ନୂଆଦିଲ୍ଲୀ, ୨୪।୬: ଭାରତୀୟ ବାୟୁସେନାର ସମସ୍ତ ୩୬ଟି ଯାକ 'ରାଫେଲ' ଯୁଦ୍ଧବିମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି ଏବଂ ଦେଶର ସେବାରେ ନିୟୋଜିତ ଅଛି। ପାକିସ୍ତାନ କରୁଥିବା ମିଛ ଦାବିର ପର୍ଦ୍ଦାଫାସ କରିଛି ଭାରତୀୟ ବାୟୁସେନାର ଦସ୍ତାବିଜ। ପାକିସ୍ତାନ ଦାବି କରିଥିଲା ଯେ, 'ଅପରେସନ ସିନ୍ଦୂର' ସମୟରେ ଭାରତର ଏକାଧିକ ରାଫେଲ ଯୁଦ୍ଧବିମାନକୁ ଗୁଳି କରି ଖସାଇ ଦେଇଛି। ମାତ୍ର ଭାରତୀୟ ବାୟୁସେନାର ଏକ ଦସ୍ତାବିଜ ସାମ୍ନାକୁ ଆସିବା ପରେ ପାକିସ୍ତାନର ଏହି ମିଛ ପଦାରେ ପଡ଼ିଛି।

ଭାରତୀୟ ବାୟୁସେନା ମୁଖ୍ୟାଳୟ ପକ୍ଷରୁ ଏକ 'ରିକ୍ୱେଷ୍ଟ ଫର ପ୍ରପୋଜାଲ' ବା ଟେଣ୍ଡର ଜାରି କରାଯାଇଛି। ଏହି ସରକାରୀ ଦସ୍ତାବିଜରେ ବାୟୁସେନାରେ କାର୍ଯ୍ୟରତ ସମସ୍ତ ୩୬ଟି ଯାକ ରାଫେଲ ଯୁଦ୍ଧବିମାନ ପାଇଁ ୫ ମାସିଆ 'ବ୍ରିଜ୍ ସପୋର୍ଟ' ପ୍ୟାକେଜ୍ ପାଇଁ ଆବେଦନ ଗ୍ରହଣ କରାଯାଇଛି। ଭାରତ ଫ୍ରାନ୍ସ ସରକାରଙ୍କ ସହ ଚୁକ୍ତି କରି ମୋଟ ୩୬ଟି ରାଫେଲ ବିମାନ କିଣିଥିଲା ଏବଂ ଆଜିର ସମୟରେ ମଧ୍ୟ ସେହି ସମସ୍ତ ୩୬ଟି ବିମାନ ବାୟୁସେନାରେ କାର୍ଯ୍ୟ କରୁଛି ।



ଏହି ଦସ୍ତାବିଜ ଜରିଆରେ ୩୬ଟି ରାଫେଲ ବିମାନର ରକ୍ଷଣାବେକ୍ଷଣ, ଲଜିଷ୍ଟିକ୍ସ ଏବଂ ବୈଷୟିକ ସହାୟତା ପାଇଁ ବିଡ୍ ଆହ୍ୱାନ କରାଯାଇଛି। ସେପ୍ଟେମ୍ବର ୨୦୨୬ ପରେ ମଧ୍ୟ ଏହି ଯୁଦ୍ଧବିମାନଗୁଡ଼ିକର କାର୍ଯ୍ୟଦକ୍ଷତା ଜାରି ରଖିବା ପାଇଁ ଏହି ବ୍ୟବସ୍ଥା କରାଯାଉଛି। ଏହି ୫ ମାସର ସପୋର୍ଟ ଅବଧି ମଧ୍ୟରେ ପ୍ରାୟ ୨,୨୫୦ ଘଣ୍ଟାର ଉଡ଼ାଣ ଯୋଜନା କରାଯାଇଛି। ଏକ ଦୀର୍ଘକାଳୀନ ସପୋର୍ଟ ଚୁକ୍ତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ, ରାଫେଲ ବିମାନଗୁଡ଼ିକର କାର୍ଯ୍ୟ ଯେପରି ବିନା କୌଣସି ବାଧାରେ ଚାଲିପାରିବ, ତାହା ନିଶ୍ଚିତ କରିବା ଏହି ବ୍ରିଜ୍ ସପୋର୍ଟର ମୂଳ ଉଦ୍ଦେଶ୍ୟ।

ଭାରତୀୟ ସେନା ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା । ଏହି ମିଶନର ନାଁ ଥିଲା 'ଅପରେସନ ସିନ୍ଦୂର'। ଏହି ଅପରେସନ ସମୟରେ ପାକିସ୍ତାନ ଦାବି କରିଥିଲା ଯେ, ଭାରତର ଅନେକ ରାଫେଲ ଯୁଦ୍ଧବିମାନକୁ ନଷ୍ଟ କରିଦେଇଛି। ମାତ୍ର ବାୟୁସେନାର ସରକାରୀ ଦସ୍ତାବିଜରୁ ଏହା ସ୍ପଷ୍ଟ ହୋଇଛି ଯେ, ଯଦି ଭାରତ କୌଣସି ଗୋଟିଏ ବି ରାଫେଲ ବିମାନ ହରାଇଥାନ୍ତା, ତେବେ ରକ୍ଷଣାବେକ୍ଷଣ ପାଇଁ ଜାରି ହୋଇଥିବା ଟେଣ୍ଡରରେ ବିମାନ ସଂଖ୍ୟା ୩୬ ରୁ କମ୍ ହୋଇଥାନ୍ତା। ଏଥିରୁ ସ୍ପଷ୍ଟ ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ମିଛ ।

# ପୁନର୍ବାର ଶପଥ ନେବେ ୨୦ କାଉନସିଲର



## ଶପଥ ବେଳେ ଅତିରିକ୍ତ ଶବ୍ଦ ଯୋଡ଼ିବା ମନା

ତିରୁଅନନ୍ତପୁରମ, ୨୪।୬: କେରଳ ହାଇକୋର୍ଟ ତିରୁଅନନ୍ତପୁରମ୍ କାଉନସିଲରଙ୍କ ଶପଥ ଗ୍ରହଣ ବିବାଦରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ରାୟ ଦେଇଛନ୍ତି ଯେ, ନିର୍ବାଚିତ କାଉନସିଲରମାନଙ୍କୁ ଆଇନ ଅନୁଯାୟୀ ଶପଥ ନେବାକୁ ପଡିବ। ତିରୁଅନନ୍ତପୁରମ ମୁନିସପାଲ କର୍ପୋରେସନର ୨୦ ଜଣ ବିଜେପି କାଉନସିଲରଙ୍କ ଦ୍ୱାରା ନିଆଯାଇଥିବା ଶପଥକୁ କୋର୍ଟ ଅବୈଧ ଘୋଷଣା କରିଛନ୍ତି। ଜଷ୍ଟିସ୍ ପି.ଭି. କୁହ୍ନିକ୍ରିଷ୍ଣନ୍ ତାଙ୍କ ରାୟରେ କହିଛନ୍ତି ଯେ, ଆଇନ ଅନୁଯାୟୀ ଶପଥ କେବଳ ଦୁଇଟି ଉପାୟରେ ନିଆଯାଇପାରିବ। ଈଶ୍ୱରଙ୍କ ନାମରେ କିମ୍ବା ସତ୍ୟନିଷ୍ଠା ପ୍ରତି ଜ୍ଞାନ ଭାବରେ। କୋର୍ଟ କହିଛନ୍ତି, ଶପଥ ନେବା ସମୟରେ କୌଣସି ନିର୍ଦ୍ଦିଷ୍ଟ ଦେବୀଦେବତା, ଭାରତ ମାତା, କୌଣସି ନେତା କିମ୍ବା ସହିଦଙ୍କ ନାମ ଯୋଡ଼ିବାର ଅନୁମତି ନାହିଁ।

କୋର୍ଟ କହିଛନ୍ତି, ଜଣେ ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ ହେଉଛି ସମ୍ବିଧାନକୁ ସମ୍ମାନ କରିବା, ଆଇନର ଶାସନ ପାଳନ କରିବା ଏବଂ ସଚ୍ଚୋଟତାର ସହ ଜନସାଧାରଣଙ୍କ ସେବା କରିବା। ତେଣୁ ଆଇନ ଦ୍ୱାରା ନିର୍ଦ୍ଧାରିତ ଠିକ୍ ଶୈଳୀରେ ଶପଥ ଗ୍ରହଣ କରାଯିବା ଉଚିତ୍। ଜଷ୍ଟିସ୍ କୁହ୍ନିକୃଷ୍ଣନ୍ କହିଛନ୍ତି, ନାଗରିକମାନଙ୍କର ଯେକୌଣସି ଦେବତାଙ୍କୁ ପୂଜା କରିବା କିମ୍ବା ଯେକୌଣସି ଧର୍ମ ପାଳନ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି। କିନ୍ତୁ ଆଇନ ଶପଥ ଶୈଳୀରେ କୌଣସି ଯୋଡିବା କିମ୍ବା ପରିବର୍ତ୍ତନକୁ ନିଷେଧ କରିଥାଏ।

## ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ନୂଆଦିଲ୍ଲୀ, ୨୪।୬: କେନ୍ଦ୍ର ସରକାରକୁ ଦୁଇ ବର୍ଷ ହୋଇଗଲାଣି। ସବୁବେଳେ ଦୁଇ ବର୍ଷ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇଥାଏ। ତେଣୁ ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ



ହୋଇପାରେ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱାଲେ। ସେ କହିଛନ୍ତି- ନୂଆ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଏ। କିଛି ମନ୍ତ୍ରୀଙ୍କୁ ପଦୋନ୍ନତି ମିଳିଥାଏ। କିଛି ମନ୍ତ୍ରୀଙ୍କୁ ମ୍ୟାନେଜ କରାଯାଇଥାଏ। ସବୁ ରାଜ୍ୟକୁ ବିଚାର କରି ଏବଂ ଆଗକୁ ଆସୁଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ସେହି ରାଜ୍ୟଗୁଡ଼ିକୁ ପ୍ରତିନିଧିତ୍ୱ ଦିଆଯିବାକୁ ବିଚାର ହୋଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧିକାର ଅଛି। ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ। ସେପଟେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅଦଳବଦଳ ଚର୍ଚ୍ଚା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନରେରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ଉଭୟଙ୍କ ସାକ୍ଷାତ ସମୟର ଫଟୋ ସେୟାର କରାଯାଇଛି। ପଦ୍ମ ପୁରସ୍କାର ପ୍ରଦାନ କରିବା ଲାଗି ଆୟୋଜିତ ସ୍ୱତନ୍ତ୍ର ସମାରୋହ ପରେ ପରେ ଉଭୟଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ହୋଇଥିଲା। ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ରାଜଧାନୀ ଦିଲ୍ଲୀ ରାଜନୀତିରେ ସରଗରମ ଆଲୋଚନା ଚାଲିଥିବା ବେଳେ ଉଭୟଙ୍କ ମଧ୍ୟରେ ସାକ୍ଷାତ ବିଶେଷ ଗୁରୁତ୍ୱ ବହନ କରୁଛି।

## ସୁଧ ସହ ୧୦୦ କୋଟି ଫେରାଇବେ ନୀରବ ମୋଦି



ଲଣ୍ଡନ, ୨୪।୬: ଭାରତରୁ ଫେରାର ଥିବା ନୀରବ ମୋଦୀଙ୍କୁ ଲଣ୍ଡନ ହାଇକୋର୍ଟରୁ ଏକ ବଡ଼ ଝଟ୍କା ଲାଗିଛି। କୋର୍ଟ ଏକ ଐତିହାସିକ ରାୟ ଶୁଣାଇ ନୀରବ ମୋଦୀଙ୍କୁ 'ବ୍ୟାଙ୍କ ଅଫ୍ ଇଣ୍ଡିଆ'ର ପ୍ରାୟ୧୦.୭ ମିଲିୟନ୍ ଡଲାର (ଭାରତୀୟ ମୁଦ୍ରାରେ୧୦୦ କୋଟି ଟଙ୍କାରୁ ଅଧିକ) ବକେୟା ରାଶି ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ଥିବା ନୀରବ ମୋଦୀଙ୍କ ବିରୋଧରେ ଏହି ରାୟ ଭାରତୀୟ ସରକାରୀ ବ୍ୟାଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ୨୦୧୨ ମସିହାରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦୁବାଇର କମ୍ପାନୀ 'ଫାୟାରଷ୍ଟାର୍ ଡାଇମଣ୍ଡ୍ ଏଫ୍‌ଜିଇ' କୁ ଏକ ଋଣ ଦେଇଥିଲା। ଋଣ ଦିଆଯିବାର ବର୍ଷକ ପରେ ନୀରବ ମୋଦୀ ଏକ 'ପର୍ସନାଲ ଗ୍ୟାରେଣ୍ଟି' ରେ ସ୍ୱାକ୍ଷର କରିଥିଲେ। ଏହାର ଅର୍ଥ ଯଦି କମ୍ପାନୀ ଋଣ ନଶୁଝେ, ତାହାକୁ ନୀରବ ମୋଦୀ ପରିଶୋଧ କରିବେ। ୨୦୧୮ ରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିବା ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ବକେୟା ରାଶି ଫେରସ୍ତ ମାଗିଥିଲା। କିନ୍ତୁ କମ୍ପାନୀ ଓ ନୀରବ ମୋଦୀଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନଥିଲା।

## ମୁମ୍ବାଇରେ ମୌସୁମୀ
## ୮ ଘଣ୍ଟାରେ ୨୦୦ ମିମି ବର୍ଷା




ମୁମ୍ବାଇ, ୨୪।୬: ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିବାର ଘୋଷଣା ପରେ ମୁମ୍ବାଇରେ ପ୍ରବଳ ବର୍ଷା ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଫଳରେ ମାତ୍ର ୮ ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ବୁଧବାର ସକାଳୁ ରାସ୍ତାଘାଟ ଜଳମଗ୍ନ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ପାଣିପାଗ ବିଭାଗ ଗୁରୁବାର ସକାଳ ଯାଏଁ ମୁମ୍ବାଇ ପାଇଁ'ୟେଲୋ ଆଲର୍ଟ'ଜାରି କରିଛି। ପ୍ରବଳ ବର୍ଷା, ଘଡ଼ଘଡ଼ି ଏବଂ ତୀବ୍ର ପବନର ଆଶଙ୍କା କରି ବୁଧବାର ଭୋର ୪ଟା ବେଳେ ମୁମ୍ବାଇ ଓ ପାଲଘର ଜିଲ୍ଲା ପାଇଁ ଏକ 'ରେଡ୍ ନାଓକାଷ୍ଟ' ୱାର୍ଣ୍ଣିଂ ଦିଆଯାଇଥିଲା। ତେବେ ପରିସ୍ଥିତିକୁ ଦେଖି ସକାଳ ୭ଟା ବେଳେ ଏହାକୁ ହ୍ରାସ କରି 'ଅରେଞ୍ଜ ଆଲର୍ଟ' କରାଯାଇଥିଲା। ଲଗାଣ ବର୍ଷା ଯୋଗୁଁ ଅନ୍ଧେରୀ ସବୱେ, ହିନ୍ଦମାତା ଜଙ୍କସନ୍, ଦାଦର, ଗାନ୍ଧୀ ମାର୍କେଟ, ମାଲାଡ ସବୱେ ଏବଂ କିଙ୍ଗ ସର୍କଲ ଜଙ୍କସନ୍ ଭଳି ତଳିଆ ଅଞ୍ଚଳରେ ପାଣି ଜମି ରହିଥିଲା, ଯାହା ଯୋଗୁଁ ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଦାଦର ଟିଟି ନିକଟରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାରେ ଥିବା ଏକ କାର୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଯାଇଥିବା ଖବର ମିଳିଛି।

## ୬ ମାସରେ ୮ ଲକ୍ଷ ଡ୍ରୋନ୍ ମାଡ଼

କିଭ୍,୨୪।୬: ଗତ ୬ ମାସରେ ୟୁକ୍ରେନ୍-ରୁଷ ଉପରେ ୮ ଲକ୍ଷରୁ ଅଧିକ ଡ୍ରୋନ୍ ଆଟାକ୍ କରିବାର ଦାବି କରାଯାଇଛି। ଏଥିରେ ରୁଷ ସୈନିକଙ୍କୁ ଖୋଜି ଖୋଜି ମାରୁଥିବା ଏଫ୍‌ପିଭି ଡ୍ରୋନ୍‌ରୁ ନେଇ ଲମ୍ବା ଦୂରଗାମୀ (୨୫୦୦ କିଲୋମିଟର) ପର୍ଯ୍ୟନ୍ତ ମାରିବା କ୍ଷମତା ରଖିଥିବା କାମେକାଜି ଡ୍ରୋନ୍ ରହିଛି। ନିଜେ ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରୀ ମାଇଖୋଲେ ଫେଡୋରୋଭ ଏହି ଦାବି କରିଛନ୍ତି। ଫେଡରୋଭଙ୍କ କହିବା ଅନୁସାରେ, ଚଳିତ ବର୍ଷ ଅର୍ଥାତ ଜାନୁଆରୀରୁ ନେଇ ଏପର୍ଯ୍ୟନ୍ତ ୟୁକ୍ରେନ୍ ସେନାର ଅଲଗା ଅଲଗା ଡ୍ରୋନ୍ ୟୁନିଟ୍ ରୁଷ ଉପରେ ଆକ୍ରମଣ କରିଥିଲା, ଯାହାକି ଯୁଦ୍ଧକ୍ଷେତ୍ରର ୯୦ ପ୍ରତିଶତ ଆକ୍ରମଣ। ଏକାକୀ ମଇ ମାସରେ ୧.୮୧ ଲକ୍ଷ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଫେଡରୋଭ ଏକ ଭିଡିଓ ସେୟାର କରି କହିଛନ୍ତି, ଯେଉଁଥିରେ ୟୁକ୍ରେନ୍ ଡ୍ରୋନ୍ ରୁଷର ସୈନିକଙ୍କଠାରୁ ନେଇ ଟ୍ୟାଙ୍କ ଓ ବଙ୍କରକୁ ଟାର୍ଗେଟ କରୁଥିବାର ଦେଖିବାକୁ ମିଳିଛି।

## ହର୍ମୁଜ୍ ଛାଡ଼ିଲେ ୧୧ ତୈଳ ଟ୍ୟାଙ୍କର

ନୂଆଦିଲ୍ଲୀ, ୨୪।୬: ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହର୍ମୁଜ ସାମୁଦ୍ରିକ ମାର୍ଗର ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ଜୁନ୍ ୧୭ରେ ଦୁଇ ଦେଶ ମଧ୍ୟରେ ଶାନ୍ତି ବୁଝାମଣା ହେବା ପରଠାରୁ ଏପର୍ଯ୍ୟନ୍ତ ୧୧ଟି ଭାରତୀୟ ଜାହାଜ ହୋର୍ମୁଜ୍ ଜଳପଥ ଦେଇ ଦେଶ ଅଭିମୁଖେ



ଯାତ୍ରାଆରମ୍ଭକରିଛନ୍ତି।ଅନ୍ୟପଟେଏବେବିଆଉ୧୦ଟିଜାହାଜସେଠାରେଅଟକିରହିଥିବା ବେଳେ ସେଗୁଡ଼ିକ ମଧ୍ୟ ଖୁବ୍ ଶୀଘ୍ର ଭାରତ ଅଭିମୁଖେ ବାହାରିବେ ବୋଲି ଜଣାପଡ଼ିଛି।

ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧିର ଜୟସ୍ୱାଲ ସୂଚନା ଦେଇ କହିଛନ୍ତି ଯେ, ଏହି ଜାହାଜଗୁଡ଼ିକରେ ବହୁ ପରିମାଣର ଅଶୋଧିତ ତୈଳ ଓ ସାର ରହିଛି। ଏଗୁଡ଼ିକ ଭାରତର ବିଭିନ୍ନ ବନ୍ଦରରେ ପହଞ୍ଚିବା ପରେ ଦେଶରେ ପେଟ୍ରୋଲିୟମ ଜାତ ଦ୍ରବ୍ୟ ଏବଂ ସାରର ଉପଲବ୍ଧତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ। ମୁଖପାତ୍ରଙ୍କ ସୂଚନା ଅନୁସାରେ, ହର୍ମୁଜରୁ ଜାହାଜଗୁଡ଼ିକ ବାହାରିବା ଆରମ୍ଭ କରିଥିବା ବେଳେ ୩ଟି ଭାରତୀୟ ଜାହାଜ ବାହାରୁ ହର୍ମୁଜର ପଶ୍ଚିମ ଭାଗକୁ ମଧ୍ୟ ପ୍ରବେଶ କରିଛନ୍ତି। ଭାରତ ଅଭିମୁଖେ ଆସୁଥିବା ୧୧ଟି ଜାହାଜ ମଧ୍ୟରୁ ୩ଟି ଭାରତୀୟ ଜାହାଜରେ ପ୍ରାୟ ୨.୮୫ ଲକ୍ଷ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ରହିଛି। ଏହା ବ୍ୟତୀତ ବିଦେଶରେ ପଞ୍ଜୀକୃତ ହୋଇଥିବା ଗୋଟିଏ ଏଲପିଜି ଓ ଗୋଟିଏ ଅଶୋଧିତ ତୈଳ ବାହୀ ଜାହାଜ ଭାରତ ଅଭିମୁଖେ ଆସୁଛି। ଅନ୍ୟ ୬ଟି ଜାହାଜରେ ସାର ଭର୍ତ୍ତି ହୋଇ ରହିଛି, ଯାହା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।

## ଲକ୍ଷ୍ନୌ ଅଗ୍ନିକାଣ୍ଡ: ଆକ୍ସନ ମୋଡ୍‌ରେ ଯୋଗୀ ସରକାର

ନୂଆଦିଲ୍ଲୀ, ୨୪।୬: ରାଜଧାନୀ ଲକ୍ଷ୍ନୌର ଅଲୀଗଞ୍ଜସ୍ଥିତ ଏକ କୋଚିଂ ସେଣ୍ଟରରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ପରେ ସମଗ୍ର ଉତ୍ତରପ୍ରଦେଶରେ ହଇଚଇ ସୃଷ୍ଟି ହୋଇଛି। ଏହି ଦୁର୍ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଡ଼ା ନିର୍ଦ୍ଦେଶ ଦେବା ପରେ, ସାରା ରାଜ୍ୟରେ କୋଚିଂ ସେଣ୍ଟର, ହସ୍ପିଟାଲ, ହୋଟେଲ, ଲାଇବ୍ରେରୀ ଏବଂ ବହୁତଳ ପ୍ରାସାଦଗୁଡ଼ିକର ସୁରକ୍ଷା ଯାଞ୍ଚ ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ପ୍ରାଥମିକ ଯାଞ୍ଚ ବେଳେ ଅଗ୍ନି ନିରାପତ୍ତା, ଜରୁରୀକାଳୀନ ପ୍ରସ୍ଥାନ ମାର୍ଗ , ବିଲ୍ଡିଂ କୋଡ୍ ଏବଂ ପଞ୍ଜୀକରଣ ସହ ଜଡ଼ିତ ଅନେକ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ରାଜ୍ୟ ସରକାର ଏହି ମାମଲାରେ 'ଜିରୋ ଟଲରାନ୍ସ' ନୀତି ଆପଣାଇ ଜିଲ୍ଲାପାଳ, ବିକାଶ କର୍ତ୍ତୃପକ୍ଷ, ପୋଲିସ, ଅଗ୍ନିଶମ ବାହିନୀ ଏବଂ ବିଦ୍ୟୁତ ସୁରକ୍ଷା ବିଭାଗକୁ




ମିଳିତ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସଙ୍ଗମ ନଗରୀ ପ୍ରୟାଗରାଜରେ ପ୍ରଶାସନର ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ପ୍ରୟାଗରାଜ ବିକାଶ କର୍ତ୍ତୃପକ୍ଷ ସିଭିଲ୍ ଲାଇନ୍ସରେ ଚାଲିଥିବା ପ୍ରସିଦ୍ଧ 'ଖାନ୍ ଗ୍ଲୋବାଲ୍ କ୍ଲାସେସ୍'କୁ ସିଲ୍ କରିଦେଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଯେଉଁ ବିଲ୍ଡିଂରେ ଏହି କୋଚିଂ ଚାଲିଥିଲା, ତାହାର ନକ୍ସା

### ୟୁପିରେ ୪୮ଟି କୋଚିଂ ସେଣ୍ଟର ସିଲ୍

କେବଳ ବ୍ୟବସାୟିକ ବ୍ୟବହାର ପାଇଁ ଅନୁମୋଦିତ ଥିଲା, ଯେତେବେଳେ କି କୋଚିଂ ସେଣ୍ଟର ଚଲାଇବା 'ସାମୁଦାୟିକ ସୁବିଧା' ଶ୍ରେଣୀଭୁକ୍ତ। ଆବଶ୍ୟକ ଜମି ବ୍ୟବହାର ଅନୁମତି ନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଏ ପର୍ଯ୍ୟନ୍ତ ୪୮ଟି କୋଚିଂ ସେଣ୍ଟର ଏବଂ ୩ଟି ହୋଟେଲକୁ ସିଲ୍ କରାଯାଇଛି। ଗୌତମବୁଦ୍ଧ ନଗର ପ୍ରଶାସନର ଏକ ମିଳିତ ଟିମ୍ ନୋଏଡ଼ାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ସେକ୍ଟର-୧୦୪ ସ୍ଥିତ 'ଓମ୍ କୋଚିଂ ସେଣ୍ଟର'ରେ ଯାଞ୍ଚ ବେଳେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ମାତ୍ର ଏକ ସଂକୀର୍ଣ୍ଣ ଗଳି ଥିବା ଜଣାପଡ଼ିଥିଲା।

# ଖାମେନିଙ୍କ ଅନ୍ତିମ ସଂସ୍କାରକୁ ମୋଦିଙ୍କୁ ନିମନ୍ତ୍ରଣ



ନୂଆଦିଲ୍ଲୀ, ୨୪।୬: ଆମେରିକା-ଇସ୍ରାଏଲ୍ ଏୟାର ଷ୍ଟ୍ରାଇକରେ ଇରାନର ପୂର୍ବତନ ସୁପ୍ରିମ୍ ଲିଡର୍ ଆୟାତୋଲ୍ଲା ଅଲି ଖାମେନିଙ୍କ ଫେବ୍ରୁଆରୀ ୨୮ରେ ମୃତ୍ୟୁ ହୋଇଥିଲା। ଏବେ ଚାରି ମାସ ପରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ, ଯାହା ଜୁଲାଇ ୫-୯ ଯାଏଁ ଚାଲିବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସକିୟାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ପଠାଇଛନ୍ତି।

ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣରେ ପ୍ରାଣ ହରାଇଥିବା ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ପାଇଁ ବିଭିନ୍ନ ସହରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ଥିବା ଇରାନୀ ଦୂତାବାସ ମଙ୍ଗଳବାର ରାଷ୍ଟ୍ରପତି ପେଜେସକିୟାନଙ୍କଠାରୁ ବୈଦେଶିକ ମନ୍ତ୍ରଣାଳୟକୁ ଏକ ଆନୁଷ୍ଠାନିକ ନିମନ୍ତ୍ରଣ ପଠାଇଛି। ଇରାନର ଦିବଂଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ଅନ୍ତିମ ସଂସ୍କାର ଜୁଲାଇ ୪ରେ ତେହେରାନରେ ଆରମ୍ଭ ହେବ ଏବଂ ୯ ତାରିଖରେ ତାଙ୍କ ଜନ୍ମସ୍ଥାନ ମଶାଦରେ ତାଙ୍କୁ କବର ଦିଆଯିବ। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଇରାନ ମଙ୍ଗଳବାର ଦିବଂଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ଅନ୍ତିମ ସଂସ୍କାର ପାଇଁ ରାଜଧାନୀ ତେହେରାନରେ ତିନି ଦିନିଆ ସାର୍ବଜନୀନ ଛୁଟି ଘୋଷଣା କରିଛି। ଆଇଆରଜିସି କମାଣ୍ଡର ହାସନ ହାସନଜାଦେହ କହିଛନ୍ତି, ଶହୀଦ ନେତାଙ୍କ ମର ଶରୀର ପାଇଁ ବିଦାୟ ସମାରୋହ ଜୁଲାଇ ୪-୫ରେ ତେହେରାନର ଗ୍ରାଣ୍ଡ ମୋସାଲାରେ ଅନୁଷ୍ଠିତ ହେବ।

## ଅରୁଣାଚଳ ପ୍ରଦେଶରେ ବନ୍ୟା ଓ ଭୂସ୍ଖଳନ
## ୩ ନିଖୋଜ, ୧୮ ଘର କ୍ଷତିଗ୍ରସ୍ତ




ଇଟାନଗର, ୨୪।୬: ଅରୁଣାଚଳ ପ୍ରଦେଶରେ ଗତ କିଛି ଦିନ ହେବ ଜାରି ରହିଥିବା ପ୍ରବଳ ବର୍ଷା ବୁଧବାର ସକାଳେ କେୟି ପାନିୟୋର୍ ଜିଲ୍ଲାରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଅତି ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ଯୋଗୁଁ ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୮ଟି ଆବାସିକ ଗୃହ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩ ଜଣ ଲୋକ ନିଖୋଜ ଥିବା ସୂଚନା ମିଳିଛି। ଏହା ସହିତ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ଏବଂ ଶତାଧିକ ଯାତ୍ରୀ ଅଧା ବାଟରେ ଫସି ରହିଛନ୍ତି।

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଚିବ ଦାନୀ ସୁଲୁଙ୍କ ସୂଚନା ଅନୁଯାୟୀ, ୟାଜାଲି ସର୍କଲ ଅନ୍ତର୍ଗତ ପୁସା ନିକଟରେ ଥିବା ନିପକୋ ପ୍ରୋଜେକ୍ଟ କଲୋନୀରେ ଏହି ଆକସ୍ମିକବନ୍ୟା ଦେଖାଦେଇଛି।

## ଅମରନାଥ ଯାତ୍ରାରେ ଅର୍ଦ୍ଧସାମରିକ ବାହିନୀ ମୁତୟନ

ନୂଆଦିଲ୍ଲୀ, ୨୪।୬: ଅମରନାଥ ଯାତ୍ରାର ପ୍ରସ୍ତୁତିର ଅଂଶ ସ୍ୱରୂପ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ)ର ୬୭୦ କମ୍ପାନୀ ମୁତୟନକୁ ଅନୁମୋଦନ କରିଛି। ଏହା ଚଳିତ ବର୍ଷ ତୀର୍ଥଯାତ୍ରା ପାଇଁ ଅର୍ଦ୍ଧସାମରିକ ବାହିନୀର ସର୍ବବୃହତ ମୁତୟନ ବୋଲି କୁହାଯାଉଛି। ସୂତ୍ର ଅନୁସାରେ, ଜାମ୍ମୁ-କାଶ୍ମୀର ପ୍ରଶାସନ



ସହିତ ସମନ୍ୱୟ ରଖି ଏହି ଅତିରିକ୍ତ ଫୋର୍ସ ମୁତୟନ କରାଯିବ। ବାଲତାଲ ଏବଂ ପହଲଗାମ ରୁଟ୍ ଉଭୟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ମୁତୟନ ଜୁନ୍ ୨୫ ତାରିଖ ପୂର୍ବରୁ ସମାପ୍ତ ହେବ। ଏହି ନିୟୋଜନରେ ବାଲତାଲ ଏବଂ ନନୱାନରେ ଥିବା ବେସ୍ କ୍ୟାମ୍ପ, ଜମ୍ମୁ ଯାତ୍ରୀ ନିବାସ, ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ, ପଠାନକୋଟ-ଜମ୍ମୁ ରାଜପଥ ଏବଂ ତୀର୍ଥଯାତ୍ରୀଙ୍କ ଦ୍ୱାରା ପ୍ରାୟତଃ ବ୍ୟବହୃତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଅନ୍ତର୍ଭୁକ୍ତ। ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରୋଡ୍ ଓପନିଂ ପାର୍ଟି(ଆରଓପି)ନିୟୋଜନ ଉପରେ ବିଶେଷ ଧ୍ୟାନ ଦିଆଯିବ। ଏହି ସମୟରେ, ଜମ୍ମୁ-ଶ୍ରୀନଗର ରେଳ କରିଡର ଏବଂ ରାଜପଥରେ କ୍ଷେତ୍ର ଡୋମିନେସନ୍ ପାଟ୍ରୋଲିଂ ଏବଂ ନିୟମିତ ନଜର ରଖାଯିବ। ଏଥର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନରେ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।

## ପାକିସ୍ତାନ ଭିତରକୁ ପଶିଗଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୪।୬: ଯାନ୍ତ୍ରିକ ତ୍ରୁଟି ପାଇଁ ପାକିସ୍ତାନ ସୀମା ଭିତରକୁ ପଶିଗଲା ଭାରତୀୟ ବିମାନ। ଗତ ସୋମବାର ରାତିରେ ଦିଲ୍ଲୀରୁ ଅମୃତସର ଯାଉଥିଲା ଏୟାର ଇଣ୍ଡିଆର ବିମାନ ଏଆଇ-୪୭୯। ଏହି ସମୟରେ ବିମାନଟି ମଝି ଆକାଶରେ ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ବିମାନଟି ଏହାର ନିର୍ଦ୍ଧାରିତ ମାର୍ଗରୁ ବିଚ୍ୟୁତ ହୋଇ ପାକିସ୍ତାନୀ ବାୟୁସୀମାରେ ପ୍ରବେଶ କରିଥିଲା। ପାକିସ୍ତାନ ବିମାନ ଟ୍ରାଫିକ୍ କର୍ତ୍ତୃପକ୍ଷଙ୍କ ଠାରୁ ଏକ ଚେତାବନୀ ପାଇବା ପରେ ପାଇଲଟ୍ ଏହା ବିଷୟରେ ଜାଣିବାକୁ ପାଇଥିଲେ, ଯାହା ପରେ ବିମାନଟି ୟୁ-ଟର୍ଣ୍ଣ ନେଇ ଭାରତୀୟ ବାୟୁସୀମାକୁ ଫେରି ଆସିଥିଲା। ଏହି ଘଟଣା ସାଧାରଣ ନୁହେଁ, କାରଣ ବିମାନ ଯେଉଁ ବାୟୁସୀମାରେ ପ୍ରବେଶ କରିଥିଲା ତାହା ବର୍ତ୍ତମାନ ଭାରତୀୟ ବିମାନ ପାଇଁ ସମ୍ପୂର୍ଣ୍ଣ ବନ୍ଦ ଅଛି । ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ ଏପ୍ରିଲ ୨୦୨୫ ଠାରୁ ଭାରତୀୟ ପଞ୍ଜିକରଣ ଥିବା ସମସ୍ତ ବିମାନ ପାଇଁ ଏହାର




ବାୟୁସୀମା ବନ୍ଦ କରିଦେଇଛି। ବାଣିଜ୍ୟିକ କିମ୍ବା ସାମରିକ, ଏହି ବାୟୁସୀମାକୁ ନୋଟାମ୍ ମାଧ୍ୟମରେ ପ୍ରତି ମାସରେ ବିସ୍ତାର କରାଯାଇଛି। ଏଆଇ-୪୭୯ ବିଚ୍ୟୁତ ହେବା ରାତିରେ ଏହି ବାୟୁସୀମା କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଜୁନ୍ ୨୪ ସକାଳ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଜୁନ୍ ୧୬ ରେ ଜାରି ହୋଇଥିବା ଏକ ନୂତନ ନୋଟାମ୍ ଏହାକୁ ଜୁଲାଇ ୨୪ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା।

## କେତନ ଅଗ୍ରୱାଲ ମୃତ୍ୟୁ ମାମଲା

# ସତ ମାନିଲେ ଭାବୀ ପତ୍ନୀ ସିୟା

ପୁଣେ, ୨୪।୬: ପୁଣେର ପ୍ରତିଷ୍ଠିତ ବ୍ୟବସାୟୀ କେତନ ଅଗ୍ରୱାଲ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ କେତନଙ୍କ ଭାବି ସ୍ତ୍ରୀ ସିୟା ଗୋୟଲ ଓ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ନିଜର ଦୋଷ ସ୍ୱୀକାର କରିଛନ୍ତି। ଲୋନାଭାଲା ଗ୍ରାମୀଣ ଥାନା ପ୍ରଭାରୀ ଦିନେଶ ତାୟଡେ ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛନ୍ତି।

ପୁଲିସର ଜେରା ବେଳେ ସିୟା କହିଛି ଯେ, ସେ କେତନଙ୍କୁ ଟ୍ରେକିଂ ବାହାନାରେ ଲୋହାଗଡ଼ ଦୁର୍ଗକୁ ନେଇଥିଲା। ସେଠାରେ ପୂର୍ବରୁ ତା' ପ୍ରେମିକ ଚେତନ ଲୁଚି ରହିଥିଲା। ସୁଯୋଗ ଦେଖି ଦୁହେଁ ମିଶି କେତନଙ୍କୁ ଗଭୀର ଖାଇ ଭିତରକୁ ଠେଲି ଦେଇଥିଲେ। କେତନଙ୍କର ଗୋଡ଼ ଖସିଯିବା ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି ଦୁହେଁ ପ୍ରଚାର କରିଥିଲେ।

ପୁଲିସ ତଦନ୍ତକୁ ଆହୁରି ଜୋରଦାର କରିବାକୁ ଚାହୁଁଛି। ତେଣୁ ଅଭିଯୁକ୍ତ ସିୟା ଓ ଚେତନଙ୍କୁ ଧରି



ପୁଣେ ପୁଲିସ ଲୋହାଗଡ଼ ଦୁର୍ଗକୁ ଯାଇପାରେ ବୋଲି ଶୁଣିବାକୁ ମିଳୁଛି। ସେଠାରେ ସେଦିନ କେମିତି ଓ କେଉଁ ପରିସ୍ଥିତିରେ ହତ୍ୟାକାଣ୍ଡ ଘଟାଗଲା ପୁଲିସ୍ ତାହାର 'ସିନ୍ ରି-କ୍ରିଏସନ୍' କରିବାକୁ ଯୋଜନା କରିଛି। ବର୍ତ୍ତମାନ ଦୁହିଁଙ୍କୁ ପୁଲିସ ଲକ୍‌ଅପ୍‌ରୁ ବାହାର କରି ଜେରା କରୁଛି। ଏହି ମାମଲାରେ ଆଗକୁ ଆହୁରି ଅନେକ

### ସିନ୍ ରି-କ୍ରିଏଟ୍ କରିବ ପୁଣେ ପୁଲିସ


ରୋଚକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଯଦି ସିୟା କେତନଙ୍କୁ ବିବାହ କରିବାକୁ ଚାହୁଁ ନଥିଲା, ତା'ହେଲେ ସେ ନିର୍ବନ୍ଧ ପୂର୍ବରୁ ମନା କାହିଁକି କରି ଦେଲାନି ବୋଲି ଜନସାଧାରଣରେ ପ୍ରଶ୍ନ ଉଠୁଛି।

ସୂଚନାଯୋଗ୍ୟ ଯେ, ସିଆ ପୂର୍ବରୁ ମଧ୍ୟ କେତନଙ୍କୁ ମାରିବାକୁ ଚେଷ୍ଟା କରିଥିଲେ। ସେ ପ୍ରଥମେ ମେ' ୩୧ ରେ ଓ ପରେ ଜୁନ୍ ୧୪ ରେ କେତନଙ୍କୁ ସେହି ଲୋହାଗଡ଼ ଦୁର୍ଗକୁ ନେଇଯାଇଥିଲେ। ସେତେବେଳେ ସେ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଆଶ୍ଚର୍ଯ୍ୟର କଥା କେତନଙ୍କ ମନରେ ସିଆଙ୍କ ପ୍ରତି କୌଣସି ସନ୍ଦେହ ଆସି ନଥିଲା।

କେତନ ଓ ସିଆଙ୍କର ନିର୍ବନ୍ଧ ସରିଯାଇଥିଲା। ଚଳିତ ବର୍ଷ ହିଁ ଦୁହିଁଙ୍କର ବିବାହ ହେବାର ଥିଲା। ଏଥିପାଇଁ ପରିବାର ପକ୍ଷରୁ ରାଜସ୍ଥାନର ଜୟପୁରରେ ଏକ ବିଳାସପୂର୍ଣ୍ଣ ମହଲକୁ ୧୭ କୋଟି ଟଙ୍କାରେ ବୁକ୍ କରାଯାଇଥିଲା। ବିବାହ ପୂର୍ବରୁ କେତନ ଓ ସିଆ ପ୍ରି-ୱେଡିଂ ଫଟୋସୁଟ୍ ପାଇଁ ବାଲି ଯିବାର ଯୋଜନା କରିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ କେତନଙ୍କ ପାସପୋର୍ଟ ହଠାତ୍ ଗାୟବ ହୋଇଯିବା ଯୋଗୁଁ ଏହି ଟ୍ରିପ୍ ବାତିଲ ହୋଇଯାଇଥିଲା। ଏହାପରେ ଜୁନ୍ ୧୮ ତାରିଖରେ କେତନ ନିଜ ଭାବି ପତ୍ନୀ ସିଆଙ୍କ ସହ ପୁଣେ ନିକଟସ୍ଥ ଐତିହାସିକ ଲୋହଗଡ଼ ଦୁର୍ଗକୁ ଟ୍ରେକିଂ ପାଇଁ ଯାଇଥିଲେ। ସେଠାରେ ସିଆ ଏକ ଯୋଜନାବଦ୍ଧ ଭାବେ କେତନଙ୍କୁ ଗଭୀର ଖାଇକୁ ଠେଲି ଦେଇଥିଲେ।

# ‘ବିକଶିତ ଗାଁ’ ଯୋଜନାରେ ଅନ୍ଧାର

- ଅସ୍ତରଙ୍ଗବ୍ଲକ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ ଦୁର୍ନୀତିର ଗୁମର କେବେ ଖୋଲିବ ?
- ଦଳୀୟ କର୍ମୀଙ୍କ ଘର ସାମ୍ନାରେ ଜଳୁଛି, ଗାଁ ଦାଣ୍ଡରେ ଅନ୍ଧାର;
- ନିମ୍ନମାନର ଲାଇଟରେ ଉଡିଲା ଲକ୍ଷ ଲକ୍ଷ ସରକାରୀ ଟଙ୍କା
- ଭିଜିଲାନ୍ସ ତଦନ୍ତ ହେଲେ ସତ ସାମ୍ନାକୁ ଆସିବ



କାକଟପୁର/ଅସ୍ତରଙ୍ଗ, ୨୪।୬ (ସଂଚାର ବ୍ୟୁରୋ): ‘ବିକଶିତ ଗାଁ ବିକଶିତ ଓଡିଶା’ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ୧୫ଗୋଟି ପଞ୍ଚାୟତ ରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଏବେ ଦୁର୍ନୀତିର ଜ୍ୱଳନ୍ତ ଉଦାହରଣ ପାଲଟିଛି। ଯୋଜନା ଆରମ୍ଭର କିଛି ମାସ ଭିତରେ ହିଁ ଅଧିକାଂଶ ଲାଇଟ ଅଚଳ ହୋଇପଡ଼ିଛି। ଗାଁ ଦାଣ୍ଡ, ସ୍କୁଲ ରାସ୍ତା, ମନ୍ଦିର ଛକ ଆଜି ବି ଅନ୍ଧାରରେ। କିନ୍ତୁ ଶାସକ ଦଳର କର୍ମୀଙ୍କ ଘର ସାମ୍ନାରେ ରାତି ସାରା ଆଲୁଅ ଜଳୁଛି। ବହୁ ଗାଁରେ ଅଭିଯୋଗ ହେଉଛି - ସର୍ବସାଧାରଣ ସ୍ଥାନ ଛାଡି ଦଳୀୟ କର୍ମୀ, ପଞ୍ଚାୟତ ପ୍ରତିନିଧିଙ୍କ ଘର ସାମ୍ନାରେ, ପୋଖରୀ ସୁରକ୍ଷା ପାଇଁ ଲାଇଟ ଲଗାଯାଇଛି। ଅନେକ ଜନବସତି ଅଞ୍ଚଳ ଅନ୍ଧାରରେ ପଡ଼ିଛି। ରାତିରେ ମହିଳା, ଛାତ୍ରଛାତ୍ରୀ ଯିବାଆସିବା କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ - ଲାଗିଥିବା ଏଲଇଡି ଲାଇଟ ଅତି ନିମ୍ନମାନର। ୨-୩ ମାସ ଭିତରେ ଖରାପ ହୋଇଯାଉଛି। କିଛି ଲାଇଟ ଲାଗିବା ଦିନଠାରୁ ଜଳୁନି। ସୋଲାର ପ୍ୟାନେଲ, ବ୍ୟାଟେରୀ ବି ନିମ୍ନମାନର। ଗୋଟିଏ ଲାଇଟ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ କାହା ପାଖରେ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଯୁବକ ଙ୍କୁ ଅଳ୍ପ ଅର୍ଥ ଦେଇ ଲକ୍ଷାଧିକ ଟଙ୍କାର ନିମ୍ନ ମାନର ସାମଗ୍ରୀ ଲାଗିଛି। ଯୋଜନାରେ ରକ୍ଷଣାବେକ୍ଷଣ ପାଇଁ ଅର୍ଥ ବ୍ୟବସ୍ଥା ଥିଲେ ବି ଖରାପ ଲାଇଟ ମରାମତି ହେଉନି। ଅଭିଯୋଗ କଲେ ବି ଠିକାଦାର କି ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି। ଏ ନେଇ ଗତ କିଛି ଦିନ ତଳେ ଖବର ପ୍ରକାଶିତ ହୋଇଥିଲା।ଫଳରେ ୭୦% ଲାଇଟ ଆଜି ଅଚଳ।

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କେବଳ ଷ୍ଟ୍ରିଟ ଲାଇଟ ପାଇଁ ଆନୁମାନିକ ୫୦ଲକ୍ଷ ପାଖାପାଖି ଖର୍ଚ୍ଚ ହୋଇଛି, କିନ୍ତୁ ସଠିକ ତଦନ୍ତ କଲେ କେତେ ଖର୍ଚ୍ଚ ହୋଇଛି ସାମ୍ନାକୁ ଆସିବ।ଗୋଟିଏ ସୋଲାର ଲାଇଟ ପିଛା ୧୦ ରୁ ୩୦ ହଜାର ଟଙ୍କା ବିଲ୍ କରାଯାଇଥିବା ଅନୁମାନ କରାଯାଉଛି।କିନ୍ତୁ ବଜାରରେ ସେହି ମାନର ଲାଇଟର ଦାମ ୮-୧୦ ହଜାରରୁ ଅଧିକ ନୁହେଁ। ତେବେ ବାକି ଟଙ୍କା କୁଆଡେ ଗଲା ? ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛ ଥିଲା କି ? ଗୁଣାତ୍ମକ ମାନ ଯାଞ୍ଚ କାହିଁକି ହେଲାନି ?ଲୋକାଲ ପିଲାଙ୍କୁ ଡାକି ଲାଇଟି ଲଗାଇ ପକେଟ ଗରମ କଲେ କି? ଗରିବ ଲୋକଙ୍କ ଟିକସ ଟଙ୍କାରେ ନିମ୍ନମାନର ଲାଇଟ କିଣି କିଏ ଲାଭବାନ ହେଲା ? ଦଳୀୟ କର୍ମୀଙ୍କ ଘର ଆଲୋକିତ କରିବା କଣ ଯୋଜନାର ଉଦ୍ଦେଶ୍ୟ ? ଅନ୍ଧାରରେ ଥିବା ଗାଁକୁ ଆଲୋକ କେବେ ମିଳିବ। ଭିଜିଲାନ୍ସ ବିଭାଗ ତଦନ୍ତ ଆବଶ୍ୟକତା ରହିଛି ଏହା ସହ ଜିଲ୍ଲାପାଳ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ୧୫ ଦିନ ଭିତରେ ରିପୋର୍ଟ ଦିଅନ୍ତୁ। ଖର୍ଚ୍ଚ ହୋଇଥିବା ଅର୍ଥର ସବିଶେଷ ତଥ୍ୟ ସାର୍ବଜନୀନ କରାଯାଉ। ନିମ୍ନମାନର ଲାଇଟ ଯୋଗାଇଥିବା ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରି ଟଙ୍କା ଆଦାୟ କରାଯାଉ। ସମ୍ପୃକ୍ତ ଯନ୍ତ୍ରୀ ଓ ବିଡିଓଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉ। ଅଚଳ ଲାଇଟ ସବୁକୁ ୭ ଦିନ ଭିତରେ ସଜଡା ଯାଉ। ‘ବିକଶିତ ଗାଁ’ ନାଁରେ ଅନ୍ଧାର ବିକ୍ରି ଚାଲିବ ନାହିଁ। ଗୁମର ଖୋଲିଲେ ଯାଇ ଆସିବ ପ୍ରକୃତ ବିକାଶର ଆଲୋକ।

● ଦୁର୍ଘଟଣାର ସ୍ଥଳ ପାଲଟିଛି ବୈତରଣୀ ରିଙ୍ଗ ରୋଡ଼

## ରାମ୍ପ ନିକଟରେ ଗତିବିଧି ନିୟନ୍ତ୍ରଣ ବୋର୍ଡ ଲଗାଇବାକୁ ଦାବି

ଆନନ୍ଦପୁର,୨୪।୬(ସଂଚାର ବ୍ୟୁରୋ): ଆନନ୍ଦପୁର ବୈତରଣୀ ରିଙ୍ଗ ରୋଡ଼ ପାଲଟିଛି ଦୁର୍ଘଟଣାର ସ୍ଥଳ। ଠିକାଦାରଙ୍କ ମନମାନି ଓ ବିଭାଗର ନୀରବତା ଯୋଗୁଁ ପ୍ରତିଦିନ ଘଟୁଛି ଦୁର୍ଘଟଣା। ରାସ୍ତା କାମ ଅଧାରେ ଛାଡ଼ି ଦିଆଯାଇଥିବା ବେଳେ ଆଜି ପୁଣି ଏକ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସହରର ବୈତରଣୀ ନଦୀ ବନ୍ଧ ଉପରେ ନିର୍ମିତ ରିଙ୍ଗ ରୋଡ଼ରେ ବଢ଼ି ଚାଲିଛି ଦୁର୍ଘଟଣା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଉଭୟ ପାର୍ଶ୍ୱରେ ପାଦଚଲା ପଥ ନିର୍ମାଣ କରାଯାଇନାହିଁ। ଏହା ସହିତ ରାସ୍ତା କଡ଼ରେ ବଢ଼ିଥିବା ଗଛଲତା ଓ ଜଙ୍ଗଲ ସଫା ନକରି ଠିକାଦାର କାମ ଶେଷ କରିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ଓ ଖବର ପ୍ରସାରଣ ସତ୍ତ୍ୱେ ମଧ୍ୟ ନା ଠିକାଦାର ନା ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉଥିବା ଅଭିଯୋଗ ହୋଇଛି। ଫଳରେ ପ୍ରତିଦିନ ଏହି ରିଙ୍ଗ ରୋଡ଼ରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଆଜି ମଧ୍ୟ ସହରାଞ୍ଚଳ ମେଡିକାଲ ନିକଟ ରାମ୍ପରେ ଏକ ବଲୋରୋ ଗାଡ଼ି ବନ୍ଧ ଉପରକୁ ଚଢ଼ୁଥିବା ବେଳେ ଏକ ବାଇକକୁ ଧକ୍କା ଦେଇଥିଲା। ଧକ୍କା ପରେ ବାଇକ ଚାଳକ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ଚିପ୍ସ ବୋଝେଇ ହାଇୱା ଟ୍ରକ ତଳେ ପଶିଯାଇଥିଲେ। ତେବେ କେହି ଆସିବା ପୂର୍ବରୁ ଚତୁରତାର ସହ ଘଟଣା ସ୍ଥଳରୁ ବାଲୋର୍ ଗାଡ଼ି ଟି ଚମ୍ପଟ୍ ମାରିଥିଲା। ଦୁର୍ଘଟଣାରେ ବାଇକରେ ଥିବା ଦୁଇ ଯୁବକ ଗୁରୁତର ଆହତ ହୋଇ ସହରାଞ୍ଚଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତ ଯୁବକମାନେ ଯାଜପୁର ଜିଲ୍ଲା ଡୁବୁରୀ ଅଞ୍ଚଳର ସିଦ୍ଧି କୁଲ୍ଲୀ (୧୯) ଘସା ବାରି (୨୨)ବୋଲି ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ଆନନ୍ଦପୁର ପୋଲିସ୍ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ରିଙ୍ଗ ରୋଡ଼ର ପ୍ରତ୍ୟେକ ରାମ୍ପ ନିକଟରେ ଗତି ନିୟନ୍ତ୍ରଣ ବୋର୍ଡ, ସତର୍କ ସୂଚନା ଫଳକ ଲଗାଇବା ସହ ରାସ୍ତା କଡ଼ରେ ଥିବା ଗଛଲତା ସଫା କରିବାକୁ ଦାବି କରିଛନ୍ତି।ସେପଟେ ଆନନ୍ଦପୁର ଉପଜିଲ୍ଲାପାଳ ଓ ପୌର ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜୋର ଧରିଛି।



## କୋଦାଳରେ ହାଣି ବୃଦ୍ଧକୁ ହତ୍ୟା



ବୋରିଗୁମ୍ମା,୨୪।୬(ସଂଚାର ବ୍ୟୁରୋ): ବୋରିଗୁମ୍ମା ଥାନା ଅନ୍ତର୍ଗତ ଝିଲିମିଲି ଗାଁରେ ଆଜି ସକାଳୁ ଏକ ହୃଦୟ ବିଦାରକ ଘଟଣା ଘଟିଛି। ବୃଦ୍ଧ ଜଣକୁ ସେହି ଗ୍ରାମର ଜଣେ ଯୁବକ କୋଦାଳରେ ହାଣି ଅତି ନିର୍ମମ ଭାବେ ହତ୍ୟା କରିଛି। ମୃତକ ହେଲେ, ୭୭ ବର୍ଷୀୟ ବୃଦ୍ଧ ସୋମନାଥ ଭତ୍ରା। ସୂଚନାନୁଯାୟୀ, ଝିଲିମିଲି ଗାଁ ର ବୃଦ୍ଧ ସମନାଥ ଭତ୍ରା ସକାଳୁ ଛେଳି ଚରାଇବାକୁ ଯିବା ସମୟରେ ଅଭିଯୁକ୍ତ ସେହି ଗ୍ରାମର ହରିହର ଭୂମିଆ ନାମକ ଯୁବକ ଏକ କୋଦାଳ ନେଇ ଜମିକୁ ଯିବି କହି ଘରୁ ବାହାରିଥିଲା। ଗାଁ ରାସ୍ତା ମଝିରେ ବୃଦ୍ଧ ସମନାଥ ପାଖରେ ପହଞ୍ଚି ଉତ୍କ୍ଷିପ୍ତ ହୋଇ ପାଖରେ ଥିବା କୋଦାଳରେ ପଛ ପଟୁ ଆକ୍ରମଣ କରିଥିଲା।ଘଟଣା ସ୍ଥଳରେହିଁ ତଳେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲେ। ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ହତ୍ୟାକାରୀ ଦୌଡିବାକୁ ଲାଗିଥିଲା କିନ୍ତୁ ଗ୍ରାମବାସୀ ହତ୍ୟାକାରୀ ହରିହରକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ବୋରିଗୁମ୍ମା ଥାନା ଏଏସଆଇ ଦ୍ରୋଣାଚାର୍ଯ୍ୟ ବାଘଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଁଚି ବୃଦ୍ଧଙ୍କ ମୃତ ଦେହ ଜବତ କରିବାସହ ଅଭିଯୁକ୍ତକୁ ଗିରଫ କରିଛି। ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ନବନିର୍ମାଣ ଜିଲ୍ଲା ସାଙ୍ଗଠନିକ ସମ୍ମିଳନୀ

## ଚାଷୀଙ୍କ ପାଇଁ ଆର୍ ପାର୍ ଲଢ଼େଇ ହେବ

ଖୋର୍ଦ୍ଧା,୨୪।୬(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସାଙ୍ଗଠନିକ ସମ୍ମିଳନୀ ବାଟ ମଙ୍ଗଳା ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ, ଯୁବ ଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ ଅତିଥି ଭାବେ ଯୋଗଦେଇ ଥିଲେ। ବୈଠକ ଆରମ୍ଭରେ ରାଜ୍ୟ ମହିଳା ନେତ୍ରୀ ମଧୁମିତା



ସାମଲ ଏବଂ ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ ବୈପ୍ଲବିକ ସଂଗୀତ ଗାନ କରିଥିଲେ। ପରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୃଷକମାନଙ୍କୁ ଉଦବୋଧନ ଦେଇ କହିଲେ ଯେ, ଆମେ କେବଳ ଧାନର ଦର୍ ବୃଦ୍ଧି କିମ୍ବା, ଚାଷୀଙ୍କ ପାଇଁ ଲଢେଇ କରୁନେ, ଆମେ ସମାଜରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏ ଲଢେଇ କରୁଛୁ। ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେଉଁ ମାନେ ଲଢେଇ କରିବେ, ସେମାନେ ବୈପ୍ଲବିକ ଭାବେ ବିଚାରରେ ଶାଣିତ ହେଲା ପରେ, ସେ ଯେକୌଣସି ଲଢେଇକୁ କାନ୍ଧରେ ବୋହି ଆଗକୁ ନେଇ ପାରିବ।

## ବିକାଶଧାରା ଓଡ଼ିଶାସାରା କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିରି,୨୪।୬(ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ର ବାଉଁଶବଣିଆ ପଞ୍ଚାୟତ ରେ ବିକାଶ ଧାରା ଓଡିଶା ସାରା. କାର୍ଯ୍ୟ କ୍ରମ ସ୍ଥାନୀୟ ସରପଞ୍ଚ. ଙ୍କ ନେତୃତ୍ୱ ରେ ତିନିଦିନ ବ୍ୟାପି ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟ ଉପରେ ଆଲୋଚନା ଓ ତୃଣ ମୁଳସ୍ତର ରେ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା, ରାସନ କାର୍ଡ ଓ ପିଏମ କିସାନଠାରୁ ଆରମ୍ଭକରି ସିଏମ କିସାନ କାର୍ଡ ମଧ୍ୟ ପ୍ରଦାନ କରାଯାଇଛି କ୍ଷଦୀର୍ଘ ତିନି ଦିନ ଧରି ଜନ କଲ୍ୟାଣ ଶିବିର ଅନୁଷ୍ଠିତ ହୋଇଥିବାର ଦେଖା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩ଦିନ ଧରି ବାଉଁଶ ବଣିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରଯୁକ୍ତ ନିରଞ୍ଜନ ବାରିକ ସଭାପତିତ୍ୱ କରିଥିଲେ। ମଞ୍ଚରେ ନାଏବ ସରପଞ୍ଚ ସୁପ୍ରଭା ପ୍ରଧାନ ମଞ୍ଚାସୀନ ଥିଲା ବେଳେ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ପତ୍ରୀ ସମସ୍ତ କାର୍ଯ୍ୟକୁ ସମ୍ପାଦନା କରିଥିଲେ। ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ଗୁଡ଼ିକ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିନ ଅର୍ଥାତ୍ ୨୩ ତାରିଖ ଦିନ ଔପଦା ବିପଣନ ନିରୀକ୍ଷକ (ଏମ୍ଆଇ) ଦୀପିକା ବେହେରା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ଗୁଡ଼ିକ ବଣ୍ଟନ କରିଥିଲେ। ସେହିପରି କୃଷି ଅଧିକାରୀ ନରୋତ୍ତମ ଦାସ କୃଷି ସମ୍ବନ୍ଧୀୟ ସମସ୍ତ ଯୋଜନା ସମ୍ବନ୍ଧରେ ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ପିଏମ୍ କିଷାନ୍ ଓ ସି ଏମ୍ କିଷାନ୍ ଯୋଜନାରେ ପଞ୍ଜୀକରଣ କରାଇ ଉପକୃତ ହେବାକୁ ପରାମର୍ଶ ଦେଇଥିଲେ। ଈଶ୍ୱରପୁର ପ୍ରାଥମିକ ଚିକିତ୍ସାଳୟର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ସୋଆର ମାନସିକ ରୋଗ ବିଭାଗ ଡାକ୍ତର ହେଲେ ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ



ଭୁବନେଶ୍ୱର,୨୪।୬(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଲଗ୍ନଜିତ ଦାଶ ଲୁଜାନ ସ୍ଥିତ ଆର୍ନ୍ତଜାତିକ ଅଲିମ୍ପିକ୍ କମିଟି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ମନୋନୀତ ହୋଇଛନ୍ତି। ଡାକ୍ତର ଦାଶ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ମାନଦଣ୍ଡକୁ ଭିତି କରି କ୍ରୀଡାବିତ୍ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଯୋଗ୍ୟତା ହାସଲ କରିଛନ୍ତି। ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ଅଧ୍ୟକ୍ଷ କିର୍ଷ୍ଟି କୋଭେନ୍ଟ୍ରି ଏବଂ ଏହାର ସ୍ୱାସ୍ଥ୍ୟ, ଭେଷଜ ଓ ବିଜ୍ଞାନ କମିଶନ ଚେୟାର ଡାକ୍ତର ରବିନ୍ ଇ. ମିଚେଲଙ୍କ ସ୍ୱାକ୍ଷର ଥିବା ଏହି ପ୍ରମାଣପତ୍ର ଡାକ୍ତର ଦାଶଙ୍କୁ ମିଳିଛି। ତାଙ୍କର ଏହି ସଫଳତା ପାଇଁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଫେସର ନାୟକଙ୍କୁ ଡାକ୍ତର ଦାଶ ସାକ୍ଷାତ୍ କରି ତାଙ୍କର ଆର୍ଶୀବାଦ ଗ୍ରହଣ କରିଛନ୍ତି। ଏହି ଅବସରରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ, କ୍ୟାମ୍ପସ୍ -୨ ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଉପସ୍ଥିତ ଥିଲେ।

ପୂର୍ବକୋର୍ଟ ଅଞ୍ଚଳରେ ଗୁଳିକାଣ୍ଡ ଘଟଣା

## ଦୁଇ ଅଭିଯୁକ୍ତ ଗିରଫ



କୋରେଇ,୨୪।୬ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତ ଏରିଆର ପୂର୍ବକୋଟ ଅଞ୍ଚଳରେ ଗୁଳି ଫାଇରିଙ୍ଗ କରି ଫେରାର ହୋଇଯାଇଥିବା ଦୁଇଜଣ ଅଭିଯୁକ୍ତଙ୍କୁ କୋରେଇ ଥାନା ଅଧିକାରୀ ଶ୍ରୀ ରାକେଶ ତ୍ରିପାଠୀ’ଙ୍କ ସ୍ପେଶାଲ ଟିମ୍ ଖୁବ୍ ଶୀଘ୍ର କରିନେଇଛନ୍ତି। ଏହି ଘଟଣା ଏବେ ଅଞ୍ଚଳରେ ଖେଳି ଯାଇଥିବା ଭୟର ବାତାବରଣକୁ ଦୁର କରିଦେଇଛି। ଘଟିଥିବା ଗୁଳି ଫାଇରିଙ୍ଗ ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ହେଲେ ଅର୍ଜୁନ ପ୍ରଧାନ ଓ ଭୋଳା ପ୍ରଧାନ। ଉଭୟ ଯଖପୁରା ଥାନା ରାବଣା ଦଶମାଣିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ଖବରର ସୂଚନା ମୁତାବକ ପୂର୍ବକୋଟ ଅଞ୍ଚଳର ଆହୁଲା ତରାର ସହ କୋଣସି କାରଣରୁ ଅର୍ଜୁନ ପ୍ରଧାନ ଓ ଭୋଳା ପ୍ରଧାନ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ଗତ ୨୧ତାରିଖ ଦିନ ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ତେଲେଙ୍ଗା ବସ୍ତି ହାଇସ୍କୁଲ ସମ୍ମୁଖରେ ଆହୁଲା ବାଇକ୍’ରେ ଯାଉଥିବା ବେଳେ ଅର୍ଜୁନ ଓ ଭୋଳା ୪ରାଉଣ୍ଡ ଗୁଳି ଫାଇରିଙ୍ଗ କରି ଆତଙ୍କ ସୃଷ୍ଟି କରି ଫେରାର ହୋଇଯାଇଥିଲେ। କୋରେଇ ଥାନାରେ ମାମଲା ସଂଖ୍ୟା ୨୩୩/୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରଖି ଫେରାର ଦୁଇ ଅଭିଯୁକ୍ତଙ୍କୁ ପୁରୀରୁ ଧରିଥିଲେ। ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଅତିରିକ୍ତ ଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନଙ୍କ ନିକଟରୁ ୨ଟି ବନ୍ଧୁକ, ଖୋକା, ୨ଟି ବାଇକ୍ ଓ ୨ଟି ମୋବାଇଲ ଜବତ କରାଯାଇଛି। ତେବେ ଏହି ଗୁଳିକାଣ୍ଡରେ ଅନ୍ୟ କାହାର ସମ୍ପୃକ୍ତି ଅଛିକିନାହିଁ ପୋଲିସ ପକ୍ଷରୁ ଏହାର ତଦନ୍ତ ଜାରି ରହିଥିବା ନେଇ ଆଇଆଇସି ଶ୍ରୀ ତ୍ରିପାଠୀ ଜଣାଇଛନ୍ତି।

## ହଷ୍ଟେଲରୁ ନାବାଳିକାର ଝୁଲନ୍ତା ଶବ ଉଦ୍ଧାର

ହିଞ୍ଜିଳିକାଟୁ,୨୪।୬(ସଂଚାର ବ୍ୟୁରୋ): ହିଞ୍ଜିଳି ଥାନା ଅନ୍ତର୍ଗତ ଗୋପିନାଥପୁର ଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାଳିକା ହଷ୍ଟେଲରେ ଜଣେ ନାବାଳିକା ଛାତ୍ରୀର ଆତ୍ମହତ୍ୟା କରିଥିବାର ଖବର ଚାଞ୍ଚଲ୍ୟ ଖେଳାଇଦେଇଛି। ନାବାଳିକାଙ୍କ ବେଗୁନିଆପଡ଼ା ନିକଟସ୍ଥ ତୋଟାପଡ଼ା ଗ୍ରାମ ହୋଇଥିବା ବେଳେ ସେ ନବମ ଶ୍ରେଣୀରେ ପଢୁଥିବା ନେଇ ଜଣାପଡ଼ିଛି। ନାବାଳିକା ଜଣକ ଖରା ଛୁଟିରେ ନିଜ ଗ୍ରାମକୁ ଯାଇଥିବା ବେଳେ ପରିବାର ଲୋକେ ଆଜି ହଷ୍ଟେଲକୁ ଆଣି ଛାଡି ଫେରୁଥିବା ବେଳେ ନାବାଳିକା ଜଣକ ଆତ୍ମହତ୍ୟା କରିଥିବା ନେଇ ଜଣାପଡ଼ିଛି। ହଷ୍ଟେଲ ରୁମରେ କେହି ନଥିବା ଦେଖି ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ପରେ ସ୍ଥାନୀୟ ବିଦ୍ୟାଳୟର କର୍ମଚାରୀ ଓ କିଛି ଛାତ୍ରୀ ମାନେ ଜାଣିବା ପରେ ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ। ଏହା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ତେବେ କେଉଁ କାରଣରୁ ନାବାଳିକା ଜଣକ ଜୀବନ ହାରିଛନ୍ତି, ତାହା ଜଣାପଡ଼ିନାହିଁ। ପୋଲିସ ମୃତ୍ୟୁର କାରଣ ଖୋଜିବା ସହ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ‘ମା କେ ନାମ ଏକ ପେଡ୍’ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ



ରାଇଘର,୨୪।୬ (ସଂଚାର ବ୍ୟୁରୋ): ରାଇଘର ଠାରେ ଗତକାଲି ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଚାଲିଥିବା ‘ମାଁ କେ ନାମ ଏକ ପେଡ଼’ ଅଭିଯାନ ଅନ୍ତର୍ଗତ ଆଜି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ସାଂସଦ ବଳଭଦ୍ର ମାଝୀ ଯିଏ ମଧ୍ୟ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ସନ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନପ୍ରତିନିଧି, ସରକାରୀ ଅଧିକାରୀ,ଶିକ୍ଷକ,ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ‘ମାଁ କେ ନାମ ଏକ ପେଡ଼’ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକ ନିଜ ମାଆଙ୍କ ନାମରେ ଅତି କମରେ ଗୋଟିଏ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବା। ଏହା କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ମାତୃଶକ୍ତି ପ୍ରତି ସମ୍ମାନ ଓ କୃତଜ୍ଞତାର ଏକ ଅନନ୍ୟ ପ୍ରତୀକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ବୃକ୍ଷ ହେଉଛି ଜୀବନର ଆଧାର।


## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

● ହସ୍ପିଟାଲରେ ଉତ୍ତେଜନା



ଗୋପ,୨୪।୬ (ସଂଚାର ବ୍ୟୁରୋ): ଗୋପ ଥାନା ଅଧିନସ୍ଥ ଓଡମ୍ବା ଗ୍ରାମର ଜଣେ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁକୁ ନେଇ ଗୋପ ହସ୍ପିଟାଲରେ ତୁମୁଳକାଣ୍ଡ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ ଗୋପ ଥାନା ଅଧିନସ୍ଥ ଓଡମ୍ବା ଗ୍ରାମର ସୁବାସ ସ୍ୱାଇଁ ନିଜ ଘରେ କାମ କରୁଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଗୋପ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଉତ୍ତ୍ୟକ୍ତ ଗ୍ରାମବାସୀ ଓ ପରିବାର ଲୋକେ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି କରିଥିଲେ। ମୃତ ସୁବାସ ସ୍ୱାଇଁଙ୍କ ପରିବାର ବର୍ଗଙ୍କ ଅଭିଯୋଗ ମୁତାବକ ପ୍ରଥମେ ଯୁବକଙ୍କୁ ମୃତ ଘୋଷଣା କରାଯାଇଥିଲା ବେଳେ ପରେ ତାଙ୍କୁ ସାଲାଇନ ଦେଇ ଚିକିତ୍ସା କରିଥିଲେ ବୋଲି ଅଭିଯୋଗ ହେଉଛି। ଏହାସହ ଆମ୍ବୁଲାନ୍ସ ନ ମିଳିବାରୁ ପରିବାର ଲୋକେ ବାଧ୍ୟ ହୋଇ ଏକ ବ୍ୟକ୍ତିଗତ ଗାଡ଼ିରେ ତାଙ୍କୁ ଭୁବନେଶ୍ୱର ନେଇଥିବା ଅଭିଯୋଗ କରିଛନ୍ତି।

## ଏସଆଇଆର୍ ଉପରେ ରାଜନୈତିକ ଦଳଗୁଡ଼ିକ ସହ ବୈଠକ



ସୁନ୍ଦରଗଡ଼,୨୪।୬ (ସଂଚାର ବ୍ୟୁରୋ): ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ ଅନ୍ତର୍ଗତ ପରିଗଣନା ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇତି ମଧ୍ୟରେ ଜିଲ୍ଲାର ସମସ୍ତ ୭ ଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରିଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ମଧ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହେଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଦଭାବନା ଭବନ ଠାରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜନୈତିକ ଦଳ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ତଳସରା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ମୋଟ ୧୪୬୪୫୪୭ ଜଣ ଭୋଟର ରହିଛନ୍ତି। ସେହିଭଳି ୧୩୭୬୯୧୨ ଗୋଟି (୯୪%) ପରିଗଣନା ଫର୍ମର ଡିଜିଟାଇଜେସନ ହୋଇଅଛି ଏବଂ ଅବଶିଷ୍ଟ ୬% କୁ ଅନୁପସ୍ଥିତ, ସ୍ଥାନାନ୍ତର, ମୃତ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରା ଯାଇଛି।

## ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ



ଫୁଲବାଣୀ,୨୪।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ରେ +୨ ଓ +୩ ଛାତ୍ର ଛାତ୍ରୀ ମାନଙ୍କୁ ନେଇଁ ଏକ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଫିରିଙ୍ଗିଆ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଆରମ୍ଭ କରିବା ସହ ଭୋଟର ମାନଙ୍କ ଦାୟିତ୍ୱ କର୍ତ୍ତବ୍ୟ ତଥା ଦେଶ ଗଠନ ରେ ଛାତ୍ର ଛାତ୍ରୀ ମାନଙ୍କ ଆବଶ୍ୟକତା ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ଯୋଗ୍ୟ ଭୋଟଦାତା ହିଁ ଭବିଷ୍ୟତ ନିର୍ମାଣ ରେ ରେ ସହାୟକ ହୋଇ ପାରିବେ ବୋଲି ମତ ଉପସ୍ଥାପନ କରିଥିଲେ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଡଃ ଚିତ୍ତରଞ୍ଜନ ମିଶ୍ର ପ୍ରାରମ୍ଭିକ କରିଥିବା ବେଳେ +୩ ସ୍ନାତକ ମହାବିଦ୍ୟାଳୟ ର ଅଧ୍ୟକ୍ଷ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକ୍ରମ ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ତଥା ୨ ସହ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

ଭୋକର କରୁଣ ଚିତ୍ର

## ସନ୍ତାନଙ୍କୁ ପୋଷି ନପାରି ସିଡବ୍ଲୁସି ହାତରେ ଟେକିଦେଲେ ବାପା

ସୁନ୍ଦରଗଡ଼,୨୪।୬ (ସଂଚାର ବ୍ୟୁରୋ): ସମାଜରେ ଦାରିଦ୍ର୍ୟ ଓ ଅଭାବ କେତେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ, ତାହାର ଏକ ହୃଦୟବିଦାରକ ଚିତ୍ର ସୁନ୍ଦରଗଡ଼ ଜିଲ୍ଲାରୁ ସାମ୍ନାକୁ ଆସିଛି। ଦିନ ମଜୁରି କରି ପରିବାର ଚଳାଉଥିବା ଜଣେ ଅସହାୟ ବାପା ଶେଷରେ ନିଜର ତିନି ଜଣ ସନ୍ତାନଙ୍କୁ ପୋଷଣ କରିବାରେ ଅସମର୍ଥ ହୋଇ ସେମାନଙ୍କୁ ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି) ହାତରେ ହସ୍ତାନ୍ତର କରିଛନ୍ତି। ଏହି ଘଟଣା ସୁନ୍ଦରଗଡ଼ ଜିଲ୍ଲାର କିଞ୍ଜିରକେଲା ଥାନା ଅଞ୍ଚଳରେ ଘଟିଛି। ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତ ବ୍ୟକ୍ତି ଜଣେ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ମାତ୍ର ଦୁଇ ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀ ଅନ୍ୟ ଜଣେ



ଯୁବକଙ୍କ ସହ ଘର ଛାଡ଼ି ଚାଲିଯାଇଥିଲେ। ସେହିଦିନଠାରୁ ତିନି ଜଣ ଛୋଟ ଛୋଟ ସନ୍ତାନଙ୍କ ଲାଳନ-ପାଳନର ସମସ୍ତ ଦାୟିତ୍ୱ ଏକାକୀ ବାପାଙ୍କ ଉପରେ ପଡ଼ିଥିଲା। ଦିନକୁ ଯେତିକି ମଜୁରି ମିଳୁଥିଲା, ସେଥିରେ ଘର ଚଳାଇବା ସହ ତିନି ପିଲାଙ୍କ ଖାଦ୍ୟ, ପାଠପଢ଼ା ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। ଅଭାବ ଏପରି ଚରମ ସୀମାରେ ପହଞ୍ଚିଥିଲା ଯେ, ପିଲାମାନଙ୍କୁ ଦୁଇ ମୁଠା ଖାଇବା ଦେବା ମଧ୍ୟ ତାଙ୍କ ପକ୍ଷରେ ସମ୍ଭବ ହେଉନଥିଲା। ଶେଷରେ ନିଜ ସନ୍ତାନଙ୍କ ଭବିଷ୍ୟତ ଓ ସୁରକ୍ଷାକୁ ଆଖି ଆଗରେ ରଖି ସେ ଏକ କଠିନ ନିଷ୍ପତ୍ତି ନେଇଥିଲେ। ଆଜି ସେ ନିଜର ୧୦ ବର୍ଷର ବଡ଼ ଝିଅ, ୮ ବର୍ଷର ସାନ ଝିଅ ଏବଂ ୫ ବର୍ଷର ପୁଅଙ୍କୁ ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି)ଙ୍କ ହାତରେ ହସ୍ତାନ୍ତର କରିଛନ୍ତି। ବର୍ତ୍ତମାନ ତିନି ଜଣ ଶିଶୁଙ୍କୁ ସିଡବ୍ଲୁସି ନିଜ ତତ୍ତ୍ୱାବଧାନରେ ରଖିଛି। ନିୟମ ଅନୁଯାୟୀ ସେମାନଙ୍କ ରହିବା, ଖାଇବା, ଶିକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଏହି ଘଟଣା କେବଳ ଗୋଟିଏ ପରିବାରର ଦୁଃଖଦ କାହାଣୀ ନୁହେଁ, ବରଂ ଦାରିଦ୍ର୍ୟ, ବେରୋଜଗାରୀ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଜଣେ ବାପାଙ୍କ ପାଇଁ ନିଜ ସନ୍ତାନଙ୍କଠାରୁ ଅଲଗା ହେବା ଯେତିକି କଷ୍ଟଦାୟକ, ତାହା ସହଜରେ ଅନୁମାନ କରାଯାଇପାରେ। କିନ୍ତୁ ଅଭାବ ଓ ଅସହାୟତା ତାଙ୍କୁ ଏଭଳି କଠିନ ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି। ଏହି ଘଟଣା ପ୍ରଶାସନ ଓ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ବାସ୍ତବ ସ୍ଥିତିକୁ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସମୟ ଥାଉଥାଉ ଯଦି ଏଭଳି ଦରିଦ୍ର ଓ ଅସହାୟ ପରିବାରଙ୍କ ପାଖରେ ସରକାରୀ ସହାୟତା ପହଞ୍ଚିପାରନ୍ତା, ତେବେ ବୋଧହୁଏ ଜଣେ ବାପାଙ୍କୁ ନିଜ ସନ୍ତାନଙ୍କଠାରୁ ଅଲଗା ହେବାର ଏହି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡି ନଥାନ୍ତା।

# ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ

## ବ୍ୟାଙ୍କ-ଆଇଟି ଶେୟାର ମୂଲ୍ୟରେ ବୃଦ୍ଧି

### ସେନ୍‌ସେକ୍ସ ୭୯୧ ପଏଣ୍ଟ ବୃଦ୍ଧି




ନୂଆଦିଲ୍ଲୀ, ୨୪।୬: ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଓ ବ୍ୟାଙ୍କ ତଥା ଆଇଟି ସେୟାର ମୂଲ୍ୟରେ ବୃଦ୍ଧି ଘଟିବାରୁ ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୭୯୧ ପଏଣ୍ଟ ବୃଦ୍ଧି ପାଇ ୭୬,୯୯୧.୨୨ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୧୯୭ ପଏଣ୍ଟ୍ ବୃଦ୍ଧି ପାଇ ୨୪,୦୨୧ ପଏଣ୍ଟ୍‌ରେ ବନ୍ଦ ହୋଇଛି।

ଗତକାଲି ଉଭୟ ସୂଚକାଙ୍କରେ ବଡ଼ ଧରଣର ହ୍ରାସ ଘଟିଥିବା ଓ ନିବେଶକମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଥିଲେ। ଆଜି ସେଥିରେ ବ୍ୟାପକ ସୁଧାର ଘଟିଛି। ଆଜି ସେୟାର ବଜାର କାରବାରରେ ହୋଇଥିବାର ବୃଦ୍ଧିର ଏକ ବଡ଼ କାରଣ ହେଉଛି ଅଶୋଧିତ ତୈଳ ଦରରେ ହ୍ରାସ ଯାହା ବ୍ୟାରେଲ ପ୍ରତି ୭୫.୯୦ ଡଲାରକୁ ହ୍ରାସ ପାଇଛି। ଗତ ଫେବ୍ରୁଆରିରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଏହାର ତେଲର ସର୍ବନିମ୍ନ ସ୍ତର। ଯଦି ଏହି ସ୍ତରରେ ତାହା ରହିବ ତେବେ ଭାରତର ଅଭିବୃଦ୍ଧି ବଢ଼ିବା ଓ ମୁଦ୍ରାସ୍ଫୀତି ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହେବ। ସେଥିପାଇଁ ନିବେଶକମାନେ ଉତ୍ସାହିତ ହୋଇ ବିଭିନ୍ନ କମ୍ପାନିର ସେୟାର କ୍ରୟ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ସୁଧ ହାର ବଢ଼ିବାର ସମ୍ଭାବନା କମ୍ ଥିବା ନେଇ ଦେଇଥିବା ମନ୍ତବ୍ୟ ମଧ୍ୟ କାରବାର ଆଗକୁ ଗତି କରିବାରେ ସହାୟକ ହୋଇଥିଲା। ସୁଧ ନ ବଢ଼ିଲେ ଋଣ ସୁଧ କମ୍ ରହିବ ଯାହା ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଅନ୍ୟ ଏକ ସକାରାତ୍ମକ ଦିଗ ହେଉଛି ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ମଧ୍ୟ ସକାରାତ୍ମକ ଢଙ୍ଗରେ ଶେଷ ହୋଇଛି।

ସେନ୍‌ସେକ୍ସର ଅଂଶ ଥିବା ଆଇସିଆଇସିଆଇ ବ୍ୟାଙ୍କ ସେୟାର ମୂଲ୍ୟରେ ଆଜି ୨.୬୯ ପ୍ରତିଶତ, ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୨.୪୧ ପ୍ରତିଶତ, ଆକ୍ସିସ୍ ବ୍ୟାଙ୍କରେ ୧.୫୮ ପ୍ରତିଶତ, କୋଟକ ମହିନ୍ଦ୍ରା ବ୍ୟାଙ୍କରେ ୧.୨୩ ପ୍ରତିଶତ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସେୟାରରେ ୧.୦୪ ପ୍ରତିଶତ ବୃଦ୍ଧି ହୋଇଥିଲା। ଲଗାତାର ଭାବେ ତଳକୁ ଖସୁଥିବା ଆଇଟି ସେୟାରଗୁଡ଼ିକରେ ମଧ୍ୟ ଆଜି ସୁଧାର ଘଟିଥିଲା। ଟେକ୍ ମହିନ୍ଦ୍ରା ସେୟାରେ ମୂଲ୍ୟ ୩.୨୫ ପ୍ରତିଶତ, ଇନ୍‌ଫୋସିସ୍‌ର ୨.୬୧ ପ୍ରତିଶତ, ଟିସିଏସ୍‌ର ୨.୩୬ ପ୍ରତିଶତ ଓ ଏଚ୍‌ସିଏଲ୍ ଟେକ୍‌ର ୦.୩୧ ପ୍ରତିଶତ ବଢ଼ିଥିଲା। ଆଜି ଇଣ୍ଡିଗୋ, ଟ୍ରେଣ୍ଟ୍, ବଜାଜ ଫାଇନାନ୍ସର ସେୟାର ମୂଲ୍ୟ ବଢ଼ଇ ବଢ଼ଇଥିଲା। ତେବେ ଏନ୍‌ଟିପିସି, ଟାଟା ଷ୍ଟିଲ୍, ମାରୁତି ସୁଜୁକି, ବିଇଏଲ୍ ଓ ଭାରତୀ ଏୟାରଟେଲ୍ ସେୟାର ମୂଲ୍ୟରେ ହ୍ରାସ ଘଟିଥିଲା।




# ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ

ନୂଆଦିଲ୍ଲୀ,୨୪ର୬ଃ ବର୍ତ୍ତମାନ କେନ୍ଦ୍ର ସରକାରBSଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ ସାର୍ଟିଫିକେଟ୍' ର ବୈଧତା ୧ ବର୍ଷରୁ ବୃଦ୍ଧି କରି୩ ବର୍ଷକରିବା ନେଇ ବିଚାର କରୁଛନ୍ତି। ୧ ଏପ୍ରିଲ୍ ୨୦୨୦ ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ। ମାତ୍ର କିଛି ଟଙ୍କାର ଏହି ସାର୍ଟିଫିକେଟ୍ ନଥିଲେ ବା ଏହାର ଅବଧି ସରିଯାଇଥିଲେ ଆପଣଙ୍କୁ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଏହି ସର୍ଟିଫିକେଟ ନଥିଲେ ପ୍ରଥମ ଥର ପାଇଁ ୧,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରିବାରମ୍ବାର ଭୁଲ୍ କଲେପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଆପଣଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ୍ୟ କରାଯାଇପାରେ।

ନୂଆ ବ୍ୟବସ୍ଥା ଅନୁଯାୟୀ, ଗାଡ଼ିର ପ୍ରଦୂଷଣ ମାନକ ଏବଂ ବୟସ ଅନୁଯାୟୀ ପିୟୁସିସିର ବୈଧତା ସ୍ଥିର କରାଯିବ। ପୁରୁଣା ଗାଡ଼ିଗୁଡ଼ିକୁ ଏବେ ଅଧିକ ଥର ପଲ୍ୟୁସନ ଚେକ୍ କରିବାକୁ ପଡ଼ିବଃ କେନ୍ଦ୍ର ସରକାର ୨୦୨୦ ରେ BS-V କୁ ବାଦ୍ ଦେଇ ସିଧାସଳଖ BS-VI ଲାଗୁ କରିଥିଲେ, କାରଣ ଏହି ଗାଡ଼ିଗୁଡ଼ିକ ପରିବେଶ ପାଇଁ ବହୁତ ସୁରକ୍ଷିତ। ପୁରୁଣା BS-IV ଗାଡ଼ି ତୁଳନାରେ ଏଗୁଡ଼ିକ୮୨% କମ୍ ପାର୍ଟିକ୍ୟୁଲେଟ୍ ମ୍ୟାଟର୍‌ଏବଂ୨୫% କମ୍ ନାଇଟ୍ରୋଜେନ୍ ଅକ୍ସାଇଡ୍‌ନିର୍ଗତ କରିଥାଏ। ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକୁ ବାରମ୍ବାର ପଲ୍ୟୁସନ ଚେକ୍ କରିବାରୁ କୋହଳ କରିବାକୁ ସରକାର ପ୍ରସ୍ତୁତି କରୁଛନ୍ତି।

# ବଜାଜ୍ ଅଟୋରେ ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୨୪।୬:ବଜାଜ୍ ଅଟୋର କମ୍ପ୍ୟୁଟରଗୁଡ଼ିକରେ ସାଇବର ଆକ୍ରମଣ ହୋଇଛି। ରାନସମ୍‌ୱେୟାର ଆକ୍ରମଣ ଫଳରେ ବଜାଜ୍ ଅଟୋ ଏବଂ ଏହାର ଶତ ପ୍ରତିଶତ ସହାୟକ କମ୍ପାନି ବଜାଜ୍ ଅଟୋ ଟେକ୍ନୋଲୋଜି ଲିମିଟେଡର କମ୍ପ୍ୟୁଟର ବ୍ୟବସ୍ଥା ପ୍ରଭାବିତ ହୋଇଛି ବୋଲି କମ୍ପାନି ମଙ୍ଗଳବାର ସୂଚନା ଦେଇଛି। ବୈଷୟିକ ଦଳ ଏବଂ ସାଇବରସୁରକ୍ଷା ବିଶେଷଜ୍ଞମାନେ ଏହାକୁ ପ୍ରତିହତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେଇଛନ୍ତି।ଷ୍ଟକ ଏକ୍ସଚେଞ୍ଜକୁ କମ୍ପାନି ଦେଇଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଭାରତୀୟ ସମୟ ପୂର୍ବାହ୍ଣ ପ୍ରାୟ ୮ଟା ସମୟରେ ଏହି ଆକ୍ରମଣ ହୋଇଥିଲା। ଆକ୍ରମଣକୁ ପ୍ରତିହତ କରିବା ପାଇଁ ତୁରନ୍ତ ପ୍ରୋଟୋକଲ୍ ଅନୁସାରେ ପଦକ୍ଷେପ ନିଆଯାଇଥିଲା। ଉଭୟ ବଜାଜ୍ ଅଟୋ ଓ ବଜାଜ୍ ଅଟୋ ଟେକ୍ନୋଲୋଜି ଲିମିଟେଡ୍‌ରେ ହୋଇଥିବା ଆକ୍ରମଣରେ କୌଣସି ଡାଟା ଚୋରି କିମ୍ବା ପ୍ରଭାବିତ ହୋଇଛି କି ନାହିଁ ତାହା କୁହାଯାଇନାହିଁ। ସେହିଭଳି କମ୍ପାନିର ଉତ୍ପାଦନ ଓ ବ୍ୟବସାୟିକ କାର୍ଯ୍ୟ ପ୍ରଭାବିତ ହୋଇଛି କି ନାହିଁ ତାହା ସ୍ପଷ୍ଟ କରିନାହିଁ। ସୂଚନା ପ୍ରଯୁକ୍ତି ଆଇନ-୨୦୦୦ ଅନୁଯାୟୀ, ଏ ସଂପର୍କରେ କମ୍ପାନି ଭାରତୀୟ କମ୍ପ୍ୟୁଟର ଏମର୍ଜେନ୍ସି ରେସପନ୍ସ ଟିମ୍ (ସର୍ଟ-ଇନ୍)କୁ ମଧ୍ଯ ଅବଗତ କରିଛି ବୋଲି କହିଛି।



# ଲଗାତର ଦ୍ୱିତୀୟ ଦିନ ବି କମିଲା ସୁନା-ରୁପା ଦର

## ମାସକରେ ସୁନା କମିଲାଣି ୧୨,୫୭୩ ଟଙ୍କା

ଭୁବନେଶ୍ୱର,୨୪।୬ଃ ଗତକାଲି ସୁନା ଓ ରୁପା ମୂଲ୍ୟରେ ବଡ଼ ହ୍ରାସ ହେବା ପରେ ଆଜି ବୁଧବାର (ଜୁନ୍ ୨୪) ମଧ୍ୟ ଏହି ଦୁଇ ମୂଲ୍ୟବାନ ଧାତୁର ଦାମ କମିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍‌ଅ ନୁଯାୟୀ, ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୧୦୫ ଟଙ୍କା ହ୍ରାସ ପାଇ ୧.୪୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତକାଲି ସୁନା ଦର ୧.୪୫ ଲକ୍ଷ ଟଙ୍କା ଥିଲା। ସେହିପରି, ରୂପା ଦର କିଲୋଗ୍ରାମ ପ୍ରତି ୭୯୪ ଟଙ୍କା ହ୍ରାସ ପାଇ ୨.୨୭ ଲକ୍ଷ ଟଙ୍କା ହୋଇଯାଇଛି। ଏହି ମାସରେ ସୁନା ଦର ପ୍ରାୟ ୧୨,୫୭୩ ଟଙ୍କା ଏବଂ ରୁପା ଦର ପ୍ରାୟ ୩୬,୬୭୧ ଟଙ୍କା ପର୍ଯ୍ୟନ୍ତ କମିସାରିଲାଣି। ଚଳିତ ବର୍ଷର ଆରମ୍ଭରୁ ସୁନା ଓ ରୁପା ଦରରେ ବହୁତ ଉତ୍ଥାନ-ପତନ ଦେଖିବାକୁ ମିଳିଛି। ୨୯ ଜାନୁଆରୀ ୨୦୨୬ରେ ସୁନା ଓ ରୁପା ସେମାନଙ୍କ ସର୍ବୋଚ୍ଚ ସ୍ତରରେ ଥିଲା। ସେହି ଠାରୁ ବର୍ତ୍ତମାନ ସୁନା ପ୍ରାୟ ୩୧,୧୨୬ ଟଙ୍କା ଏବଂ ରୁପା ପ୍ରାୟ ୧.୫୮ ଲକ୍ଷ ଟଙ୍କା ଶସ୍ତା ହୋଇଛି। ଭୁବନେଶ୍ୱର ବଜାରରେ ମଧ୍ୟ ସୁନା ଓ ରୁପା ଦରରେ ନିମ୍ନମୁଖୀ ହୋଇଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା (୧୦ ଗ୍ରାମ) ଦର ପ୍ରାୟ ୧.୪୪ ଲକ୍ଷ ଟଙ୍କା ପାଖାପାଖି ରହିଛି। ସେହିପରି ୧ କିଲୋଗ୍ରାମ ରୁପା ଦର ପ୍ରାୟ ୨.୨୬ ରୁ ୨.୨୭ ଲକ୍ଷ ଟଙ୍କା ମଧ୍ୟରେ କାରବାର କରୁଛି।



# ପୁଣି ଏୟାର ଇଣ୍ଡିଆକୁ ଫେରିଲେ ପ୍ରଦୀପ ଖରୋଲା


## ଚେୟାରମ୍ୟାନଙ୍କ କାର୍ଯ୍ୟକାରୀ ପରାମର୍ଶଦାତା ନିଯୁକ୍ତ



ନୂଆଦିଲ୍ଲୀ,୨୪।୬ଃଏୟାର ଇଣ୍ଡିଆରେ ଏକ ବଡ଼ ପ୍ରଶାସନିକ ପରିବର୍ତ୍ତନ ହୋଇଛି। ଏଥିରେ ବିମାନ କମ୍ପାନୀର ପୂର୍ବତନ ସିଏମଡି ତଥା ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ପୂର୍ବତନ ସଚିବ ପ୍ରଦୀପ ସିଂହ ଖରୋଲା ପୁଣି ଏୟାର ଇଣ୍ଡିଆକୁ ଫେରିଛନ୍ତି। ଖରୋଲାଙ୍କୁ ଏୟାର ଇଣ୍ଡିଆର ଚେୟାରମ୍ୟାନ ଏନ.ଚନ୍ଦ୍ରଶେଖରନଙ୍କ ଏକଜ୍ୟୁକୁଟିଭ ଆଡଭାଇଜର ନିଯୁକ୍ତ କରାଯାଇଛି। ଏହା ସହିତ ଖରୋଲା ଏୟାରଇଣ୍ଡିଆ ମ୍ୟାନେଜମେଣ୍ଟ କମିଟିରେ ପୂର୍ଣ୍ଣକାଳୀନ ସଦସ୍ୟ ରୂପେ ସାମିଲ ହୋଇଯାଇଛନ୍ତି।

ଏୟାର ଇଣ୍ଡିଆ ସିଇଓ ତଥା ଏମଡି କ୍ୟାମ୍ପବେଲ ୱିଲସନ୍ କମ୍ପାନୀ କର୍ମଚାରୀଙ୍କୁ ପଠାଇଥିବା ଏକ ଅନ୍ତରୀଣ ବାର୍ତ୍ତାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଖରୋଲା ତୁରନ୍ତ ପ୍ରଭାବ ବରିଷ୍ଠ ପ୍ରବନ୍ଧନ ଟିମ୍ ର ଅଂଶ ହୋଇଯାଇଛନ୍ତି। ଉଲ୍ଲେଖଯୋଗ୍ୟଯେ ପ୍ରଦୀପ ସିଂହ ଖରୋଲା ଏୟାର ଇଣ୍ଡିଆ ପାଇଁ କୌଣସି ନୂଆ ନାମ ନୁହନ୍ତି। ଯେତେବେଳେ ଏହି କମ୍ପାନୀ ସରକାରୀ ନିୟନ୍ତ୍ରଣରେ ଥିଲା ୨୦୧୭-୨୦୧୯ ପର୍ଯ୍ୟନ୍ତ ସେ ଏୟାର ଇଣ୍ଡିଆର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର (ସିଏମଡି) ଥିଲେ। ଏହା ପରେ ସେ ବେ ସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ ଅବସ୍ଥାପିତ ଥିବା ବେଳେ ଏୟାର ଇଣ୍ଡିଆର ଘରୋଇକରଣ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଜାନୁୟାରୀ ୨୦୨୨ରେ ଟାଟା ସମୂହ ଏୟାର ଇଣ୍ଡିଆକୁ କ୍ରୟ କରିବା ପରଠାରୁ ଏହା ଲଗାତାର କ୍ଷତି ସମେତ ଅନ୍ୟ ସମସ୍ୟାର ସମ୍ମୁଖୀନ ହେଉଛି। ନିକଟରେ କମ୍ପାନୀ ସିଇଓ ପଦବୀରୁ କ୍ୟାମ୍ପବେଲ ୱିଲସନ୍ ଇସ୍ତଫା ଦେଇଛନ୍ତି ଓ ଆଗାମୀ କିଛି ମାସରେ ସେ କମ୍ପାନୀ ଛାଡିବେ।

ଏଣୁ ୱିଲସନ କହିଛନ୍ତି ଯେ ଚେୟାରମ୍ୟାନଙ୍କ ଏକଜ୍ୟୁକୁଟିଭ ଆଡଭାଇଜର ରୂପେ ଖରୋଲା ଏୟାର ଇଣ୍ଡିଆ ମ୍ୟାନେଜମେଣ୍ଟ କମିଟିର ପୂର୍ଣ୍ଣକାଳୀନ ସଦସ୍ୟ ହେବେ। ଯେହେତୁ ମୋର କାର୍ଯ୍ୟକାଳ ଏବେ ଶେଷ ସମୟରେ ପହଞ୍ଚିଛି ଏଣୁ ନୂଆ ସିଇଓ ଆସିବା ପର୍ଯ୍ୟନ୍ତ ନେତୃତ୍ୱ ସମର୍ପଣରେ ଖରୋଲାଙ୍କ ଅଭିଜ୍ଞତା ମୂଲ୍ୟବାନ ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ ଟାଟା ସନସ୍ ଚେୟାରମ୍ୟାନ ଏନ.ଚନ୍ଦ୍ରଶେଖରନ ଏବେ ଏୟାର ଇଣ୍ଡିଆ ବୋର୍ଡର ମଧ ଚେୟାରମ୍ୟାନ ଅଛନ୍ତି। ଏୟାର ଇଣ୍ଡିଆ ଗତ କିଛି ସପ୍ତାହରେ ନିଜର କ୍ଷତି ଓ ଖର୍ଚ୍ଚ ହ୍ରାସ କରିବା ପାଇଁ କିଛି ପଦକ୍ଷେପ ନେଇଛି। ଏଥିରେ କମ୍ପାନୀ କିଛି ଉଡାଣରେ ମାଗଣା ଭୋଜନ ଆରମ୍ଭ କରିଥିବା ବେଳେ କିଛି ରୁଟରେ ଫ୍ଲାଇଟ୍ କାଟ୍ କରିଛି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୯୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୦୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

## ଡାକ୍ତରୀ ଯାଞ୍ଚ ବେଳେ ୱାରେଣ୍ଟି ଫେରାର

ମାଲକାନଗିରି,୨୪।୬ (ସଂଚାର ବ୍ୟୁରୋ): ମାଲକାନଗିରି ଆଦର୍ଶ ଥାନା ପୁଲିସ ହେପାଜତରୁ ଜଣେ ୱାରେଣ୍ଟି ଅଭିଯୁକ୍ତ ଫେରାର ହୋଇଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଫେରାର ଅଭିଯୁକ୍ତଙ୍କ ନାମ ବିଶ୍ୱନାଥ ମାଡକାମୀ ଓ ତାଙ୍କ ଘର ମାଲକାନଗିରି ବ୍ଲକ ଅନ୍ତର୍ଗତ ଶିଶ୍ରିମାଲ ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ୨୦୨୦ ମସିହାରେ ମାଲକାନଗିରି ଅବକାରୀ ବିଭାଗ ଏକ ଗଞ୍ଜେଇ ଚାଲାଣ ମାମଲାରେ ବିଶ୍ୱନାଥଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକ୍ତି ପାଇଥିଲେ ମଧ୍ୟ ନିୟମିତ ଭାବେ ଅଦାଲତରେ ହାଜର ହେଉନଥିଲେ। ବାରମ୍ବାର ନୋଟିସ ଜାରି ସତ୍ତ୍ୱେ ସେ କୋର୍ଟରେ ଉପସ୍ଥିତ ହେଉନଥିବା ବେଳେ କୋର୍ଟଙ୍କ ଆଦେଶ ଅମାନ୍ୟ କରିବା ହେତୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା। ୱାରେଣ୍ଟ ବଳରେ ପୁଲିସ ତାଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ ପୂର୍ବରୁ ଡାକ୍ତରୀ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ତେବେ ସେଠାରେ ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଅଭିଯୁକ୍ତ ଜଣକ ସୁଯୋଗ ନେଇ ପୁଲିସ ହେପାଜତରୁ ଖସି ପଳାଇବାରେ ସଫଳ ହୋଇଥିବା ଜଣାପଡ଼ିଛି।

## ରବି ସିଂ ମାଝୀଙ୍କ ପୁଣ୍ୟ ତିଥିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର, ରାଇଘର,୨୪।୬ (ସଂଚାର ବ୍ୟୁରୋ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରବି ସିଂ ମାଝୀଙ୍କ ପୁଣ୍ୟ ତିଥି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ର ରାଇଘର ବ୍ଲକ ର ଚିତ୍ରି କୋଟ ଠାରେ ସ୍ୱର୍ଗତ ରବି ସିଂ ଫୋଟ ଚିତ୍ର ରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ଅମର ଆତ୍ମା ର ସଦଗତି କାମନା କରିଥିଲେ। ଏହା ସହ ଉମରକୋଟ ରେ ଥିବା ରବିସିଂ ମାଝୀ ଙ୍କ ଝରଗାଁ ରୋଡ଼ ସ୍ଥିତ ପ୍ରତିମୂର୍ତ୍ତି କୁ ସାଂସଦ ଶ୍ରୀ ବଳଭଦ୍ର ମାଝୀ ମାଲ୍ୟାର୍ପଣ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ବରିଷ୍ଠ ବିଜେପି ନେତ୍ରୀ ପ୍ରତିସ୍ମିତା ମହାପାତ୍ରଙ୍କ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଅଧା ଗଢ଼ା ହୋଇପଡ଼ିଛି ପାର୍କ, କିନ୍ତୁ ଦୁଇଟି କଲ୍ୟାଣୀ ମଣ୍ଡପ ଶିଳାନ୍ୟାସ କାହା ସ୍ୱାର୍ଥରେ ?



ନିଶ୍ଚିନ୍ତକୋଇଲି,୨୪।୬ (ସଂଚାର ବ୍ୟୁରୋ): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତରେ ଏବେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି। ଏହି ପଞ୍ଚାୟତରେ ଯେଉଁମାନେ ବର୍ତ୍ତମାନ ରାଜନୈତିକ ବଡ଼ପଣ୍ଡା ଏବଂ ବ୍ଲକ ଜେଇ ଅଛନ୍ତି ସେମାନେ ଏକରକମ ଲାଲେଲାଲ ହେବାରେ ଲାଗିଛନ୍ତି ଅବଶ୍ୟ ତାହାର ୫୦ଶତକଡ଼ା ଭାଗ ଆଗ କଟକସଦର ନିର୍ବାଚନ ମଣ୍ଡଳୀର ମୁଖିଆଙ୍କ ପକେଟକୁ ଗଲାପରେ ଆଉ ଯାହା ରହୁଛି ତୋର ଅଧେକୁ ମୋର ଅଧେ ନ୍ୟାୟରେ ସରକାରୀ ରାଜ୍ୟ ରାଜକୋଷରୁ ଲୁଟ୍ କରିଚାଲିଛନ୍ତି। ତେବେ ଏଠାରେ କହିବାର ଅର୍ଥ ହେଉଛି ଏହି ପଞ୍ଚାୟତରେ ବହୁ ପ୍ରକଳ୍ପ ମୁଖ୍ୟତଃ ପଞ୍ଚାୟତର ଏକ ପାର୍କ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିବା ସହିତ ଅନେକ ପ୍ରକଳ୍ପ ଖାଲି ଫଳକ ଏବଂ ଅଧାଗଢ଼ା ତିଆରିରେ ବିଲ୍ ହୋଇଯାଇଛି। ତେବେ ବୁଧବାର ଦିନ ଏହି ପଞ୍ଚାୟତରେ ତିଳକଣା ଏବଂ ଦେମାଣ୍ଡୋ ଠାରେ ଦୁଇଟି କଲ୍ୟାଣୀ ମଣ୍ଡପ ନିର୍ମାଣ ହେବା ପାଇଁ କଟକ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ ଶିଳାନ୍ୟାସ କରିଛନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହିତ ଏବେ ଏହି ପ୍ରକଳ୍ପ କାହା ସ୍ୱାର୍ଥରେ ବୋଲି ଚର୍ଚ୍ଚା ଯାର ଧରିଲାଣି। ତେବେ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ପଞ୍ଚାୟତରେ ପୂର୍ବରୁ ବହୁ ଦୁର୍ନୀତି ହୋଇଛି ଆଉ ଯେଉଁମାନେ ଏହି ଦୁର୍ନୀତିରେ ଲିପ୍ତ ଅଛନ୍ତି ସେହିମାନଙ୍କୁ ପୁର୍ନବାର ଦୁର୍ନୀତି କରିବା ପାଇଁ ବିଧାୟକ ଶ୍ରୀ ସେଠୀ ମଉକା ଦେଉଛନ୍ତି। ଯେଉଁମାନେ ପଞ୍ଚାୟତରେ ଉନ୍ନତି କଥା ଚିନ୍ତା ନକରି କେବଳ ଚାତକ ଭଳି ଚାହିଁ ରହିଥାନ୍ତି କେମିତି ରାଜ୍ୟ ରାଜକୋଷରୁ ଅର୍ଥ ମଞ୍ଜୁର ହେବ ଏବଂ ସେହି ଅର୍ଥକ ୩୦ଶତକଡା କାମ କରି ଆଉ ୭୦ଶତକଡ଼ା ଟଙ୍କା ତୋର ଅଧେକୁ ମୋର ଅଧେ ନ୍ୟାୟରେ ଭାଗ ବଣ୍ଟା କରି ନିଜ ପକେଟ୍‌କୁ ଗରମ କରିବା ସେଣିକି ପଞ୍ଚାୟତରେ କିଛି କାମ ହେଉ ବା ନହେଉ। ତେବେ ତିଳକଣା ପଞ୍ଚାୟତରେ ଏହି ନୂତନ ପ୍ରକଳ୍ପ କେତେଦୂର ସଠିକ୍ ଭାବେ ହୋଇପାରୁଛି ତାହା ଦେଖିବାକୁ ବାକି ରହିଲା ?

## ପାଇରୋଲାଇଜର ପ୍ଲାଣ୍ଟ ପରିଦର୍ଶନ କଲେ ସାଂସଦ



ନବରଙ୍ଗପୁର,ଉମରକୋଟ,୨୪।୬(ସଂଚାର ବ୍ୟୁରୋ): ଅବହେଳାରେ ଅଚଳ ପାଇରୋଲାଇଜର ପ୍ଲାଣ୍ଟ, ପରିଦର୍ଶନରେ ଆସି ସାଂସଦ ଅସନ୍ତୋଷ- ଶିଳ୍ପ ପ୍ରୋତ୍ସାହନ ଅଭାବରୁ କଳଙ୍କି ଖାଉଛି ପାଇରୋଲାଇଜର ପ୍ଲାଣ୍ଟ, ପରିଦର୍ଶନରେ ଆସି ପ୍ଲାଣ୍ଟ ର ଅବସ୍ଥା ଦେଖି ବିରକ୍ତି ପ୍ରକାଶ କରିଛନ୍ତି ନବରଙ୍ଗପୁର ସାଂସଦ। ଶିଳ୍ପବିହୀନ ଅଞ୍ଚଳରେ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଉମରକୋଟ ଠାରେ ଥିବା ପାଇରୋଲାଇଜର ପ୍ଲାଣ୍ଟ, ଯାହାକି ୨୦୨୧-୨୨ ମସିହାରୁ ୫୦ ଲକ୍ଷ ଟଙ୍କା ବିନିମୟରେ ଭାରତ ବର୍ଷର ପ୍ରଥମ ଭ୍ରମ୍ୟମାଣ ପାଇରୋଲାଇଜର ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା, ଏହା ଦ୍ୱାରା ଏଣେ ତେଣେ ପଡ଼ି ରହୁଥିବା କାଠି କୁଟା ପାଳ ଏବଂ ମକା ନାଡ଼ରୁ ରନ୍ଧନ ଗ୍ୟାସ, ଜୈବିକ ସାର, ପିତୁ ଭଳି ବହୁ ସାମଗ୍ରୀ ବାହାରି ପାରିଥାନ୍ତା ଏବଂ ଏହି କ୍ଷୁଦ୍ର ଶିଳ୍ପରୁ କିଛି ଲୋକଙ୍କୁ ରୋଜଗାର ମଧ୍ୟ ମିଳିପାରନ୍ତା ହେଲେ ପ୍ରଶାସନର ଅବହେଳା ଯୋଗୁଁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଏବେ କଳଙ୍କି ଖାଇଗଲାଣି।ଆଜି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପ୍ଲାଣ୍ଟ ପରିଦର୍ଶନ କରି ସ୍ଥିତି ଦେଖି ବିରକ୍ତି ପ୍ରକାଶ କରିଥିଲେ। ଶୀଘ୍ର ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି।

### ବେଆଇନ ଭାବେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଅଭିଯୋଗ

## ବିଡିଓ ଓ ତହସିଲଦାରଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ



ମାଲକାନଗିରି,୨୪।୬ (ସଂଚାର ବ୍ୟୁରୋ): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମପଞ୍ଚାୟତର ଏମ୍.ଭି.-୧୧ ଗ୍ରାମରେ ଅନିୟମିତ ଭାବେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀମାନେ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପୂର୍ବରୁ ଗ୍ରାମବାସୀ, ସରପଞ୍ଚ କିମ୍ବା ୱାର୍ଡ ସଭ୍ୟମାନଙ୍କୁ କୌଣସି ସୂଚନା ଦିଆଯାଇ ନଥିଲା। ଜଣେ ଠିକାଦାର ମନମୁଖୀ ଭାବରେ ଏକତରଫା ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏ ସମ୍ପର୍କରେ ପଚାରିବାରୁ ଗ୍ରାମବାସୀଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଅଭିଯୋଗ ଅନୁଯାୟୀ, ଗ୍ରାମ ପୋଖରୀ ହୁଡ଼ାକୁ ଲାଗିଥିବା ଜଳାଶୟ କିସମ ଜମିରେ ଏହି ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଗ୍ରାମବାସୀମାନେ କନିଷ୍ଠ ଯନ୍ତ୍ରୀ ଓ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରିବା ପରେ ଜାଣିବାକୁ ପାଇଥିଲେ ଯେ, ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୌଣସି ସୂଚନା ନ ଦେଇ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାକୁ ନେଇ ଗୌଡ଼ଗୁଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ପାଣ୍ଡ୍ରି ପଡ଼ିଆମୀ, ୱାର୍ଡ ସଭ୍ୟା ସସ୍ମିତା ବାରୋଇ ଓ ଅନ୍ୟାନ୍ୟ ଗ୍ରାମବାସୀ ମିଳିତ ଭାବେ ବିଡିଓ ଓ ତହସିଲଦାରଙ୍କ ନିକଟରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଭାନୁମତୀ ଟୁଡୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିର୍ମାଣ କାର୍ଯ୍ୟ ପାଇଁ ବିଭାଗୀୟ ସ୍ତରରେ ଜମି ଚିହ୍ନଟ କରାଯାଇ ନଥିଲା କିମ୍ବା କୌଣସି ଅନୁମୋଦନ ଦିଆଯାଇ ନଥିଲା। ବିଭାଗକୁ ଅବଗତ ନ କରି କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ବର୍ତ୍ତମାନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ● ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ପ୍ରଶାସନର କଡ଼ା ଆଭିମୁଖ୍ୟ

## ଜିଲ୍ଲାପାଳଙ୍କ ସମୀକ୍ଷା ପରେ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ



ମାଲାନଗିରି,୨୪।୬ (ସଂଚାର ବ୍ୟୁରୋ): ଜିଲ୍ଲାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରଶଂସନୀୟ ତଥା ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୮୮ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ସର୍ଦ୍ଦାରଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ଏବଂ ବିଦ୍ୟାଳୟ ପରିଚାଳନାରେ ଅନିୟମିତତା ଅଭିଯୋଗରେ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ଏବଂ ସରକାରୀ ନିୟମର ସଠିକ୍ ଅନୁପାଳନ ତଦାରଖ କରିବା ପାଇଁ ଗତ ୨୨ ଜୁନ୍ ୨୦୨୬ ରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ କାଲିମେଳା ବ୍ଲକ ଶିକ୍ଷା ଅଧିକାରୀ ମିଳିତ ଭାବେ ଏହି ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଥିଲେ। ସରକାରୀ ପାଣ୍ଠିର ସଠିକ୍ ବିନିଯୋଗ ଏବଂ ମଧ୍ୟାହ୍ନ ଭୋଜନ ର ସ୍ୱଚ୍ଛତା ଉପରେ ପ୍ରଶାସନ ସର୍ବଦା ଗୁରୁତ୍ୱ ଦେଇଆସୁଥିବା ବେଳେ, ଏହି ସମୀକ୍ଷା ସମୟରେ ବିଦ୍ୟାଳୟର କ୍ୟାସବୁକ୍ ଏବଂ କନସମ୍ପସନ ରେଜିଷ୍ଟର ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ କରାଯାଇ ନଥିବା ପ୍ରଶାସନିକ ଅଧିକାରୀମାନେ ଚିହ୍ନଟ କରିଛନ୍ତି।

## ବିଏଲଓ ଓ ରାଜନୈତିକ ଦଳର ଏଜେଣ୍ଟଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ମାଲକାନଗିରି,୨୪।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ବିଭିନ୍ନ ମତଦାନ କେନ୍ଦ୍ରରେ ଆଜି ବୁଥ ସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳର ବୁଥ ସ୍ତରୀୟ ଏଜେଣ୍ଟ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି କ୍ରମରେ ଖଇରପୁଟ ବ୍ଲକ ଅନ୍ତର୍ଗତ ୭୬ ନମ୍ବର ଆଣ୍ଡ୍ରାହାଲ ବୁଥ୍‌ରେ ମଧ୍ୟ ଏହି ମିଟିଂ ଆୟୋଜନ କରାଯାଇଥିଲା। ଏହି ବୈଠକରେ ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଉପରେ ବ୍ୟାପକ ଆଲୋଚନା କରାଯାଇଛି। ଏହା ସହିତ ସେଠାରେ ଉପସ୍ଥିତ ସମସ୍ତ ଏଜେଣ୍ଟମାନଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଥିଲା। ଭୋଟର ତାଲିକାକୁ ସ୍ୱଚ୍ଛ ଓ ସଠିକ୍ କରିବା ପାଇଁ ସମ୍ପୃକ୍ତ ବୁଥ୍‌ର ମୃତ, ଅନୁପସ୍ଥିତ ଏବଂ ଡୁପ୍ଲିକେଟ ମତଦାତାଙ୍କ ନାମ ପାଠ କରାଯାଇଥିଲା। ଏହା ପରେ ଏହି ମୃତ ଓ ନକଲି ଭୋଟରଙ୍କ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଇ ସମସ୍ତ ରାଜନୈତିକ ଦଳର ବୁଥ ସ୍ତରୀୟ ଏଜେଣ୍ଟମାନଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏକ ସୁରୁଖୁରୁ ଓ ସ୍ୱଚ୍ଛ ମତଦାନ ପ୍ରକ୍ରିୟା ପାଇଁ ଏହି ବୈଠକ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।



## ହେମଗିର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

### ● ଦାବି ପୂରଣ ନହେଲେ ଖଣି ଖାଦାନ ବନ୍ଦ



ସୁନ୍ଦରଗଡ଼,୨୪।୬ (ସଂଚାର ବ୍ୟୁରୋ): ଜିଲ୍ଲା ହେମଗିର ବ୍ଲକ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ହେମଗିର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଅଖିଳ ଭାରତ ଯୁବ ସଂଘ ହେମଗିର ବ୍ଲକ କମିଟି ପକ୍ଷରୁ ସ୍ଥାନୀୟ ଯୁବକ, ଯୁବତୀ ନିଯୁକ୍ତି ଓ ବିଭିନ୍ନ ସମସ୍ୟାର ଦାବି ନେଇ ହେମଗିର ତହସିଲ ସ୍ଥିତ ଓସିପିଏଲ, ବେଦାନ୍ତ, ଆଦାନୀ, ଏମସିଏଲ, ଏନଟିପିସି, ଡିବିଏଲ କମ୍ପାନୀ ଘେରାଉ କରି ଖଣି କର୍ତ୍ତୃପକ୍ଷଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କମ୍ପାନୀ କର୍ତ୍ତୃପକ୍ଷ ଦାବି ଗୁଡିକ ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କମ୍ପାନୀ କୈଣସି ଦାବି ପୂରଣ କରିନଥିବାରୁ ମଙ୍ଗଳବାର ଦିନ ଗଣଧାରଣା ଦିଆଯାଇଛି। ଯେ ପର୍ଯ୍ୟନ୍ତ ଦାବି ପୂରଣ ନହୋଇଛି ସେପର୍ଯ୍ୟନ୍ତ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଂଘ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି କୁହାଯାଇଛି। ଦାବି ଗୁଡିକ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ହେମଗିର ତହସିଲ ସ୍ଥିତ ସମସ୍ତ ଖଣି ଖାଦାନ ସହ ସମସ୍ତ ହେମଗିର ବନ୍ଦର ଡାକରା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ମାଲକାନଗିରି ଜିଲ୍ଲାସ୍ତରୀୟ ମାସିକ ଶିକ୍ଷା ସମୀକ୍ଷା ବୈଠକ



ମାଲାନଗିରି,୨୪।୬ (ସଂଚାର ବ୍ୟୁରୋ): ଆଜି ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁନ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତ୍ତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି, ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ, ବ୍ୟୟ ଅଟକଳ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍ ଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହେଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଆଗାମୀ ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ସ୍ୱତନ୍ତ୍ର ଯୋଜନା ' ଆସ୍ୱାୟାର' ସମ୍ବନ୍ଧରେ ବିସ୍ତୃତ ବିବରଣୀ ରଖିଥିଲେ।

### ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମକୁ ନେଇ ଅସନ୍ତୋଷ

## ଜନ ପ୍ରତିନିଧିଙ୍କୁ ଉପେକ୍ଷା କଲେ ବିଡିଓ: ଦଳୀୟ ନେତ୍ରୀ ଅସନ୍ତୁଷ୍ଟ




ଆନନ୍ଦପୁର,୨୪।୬(ସଂଚାର ବ୍ୟୁରୋ): ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମକୁ ନେଇ ବିବାଦ। ଜନପ୍ରତିନିଧୀଙ୍କୁ ଉପେକ୍ଷା ଅଭିଯୋଗ। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କୁ ଆସିବାର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ "ବିକାଶର ଧାରା, ଓଡ଼ିଶା ସାରା" କାର୍ଯ୍ୟକ୍ରମକୁ ନେଇ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଦିନ ବ୍ଲକ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନିର୍ବାଚିତ ଜନପ୍ରତିନିଧୀମାନଙ୍କୁ ଯଥୋଚିତ ଗୁରୁତ୍ୱ ଦିଆଯାଇନଥିବା ଏବଂ ଅନେକଙ୍କୁ କାର୍ଯ୍ୟକ୍ରମରୁ ଦୂରେ ରଖାଯାଇଥିବା ଅଭିଯୋଗ ହୋଇଛି। ଗାଁ ଗାଁରେ ସରକାରୀ ଯୋଜନା ଓ ବିକାଶ କାର୍ଯ୍ୟକୁ ପହଞ୍ଚାଇବାରେ ମୁଖ୍ୟ ଭୂମିକା ନେଉଥିବା ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦଳୀୟ ନେତୃବୃନ୍ଦ ମଧ୍ୟ ଏହାକୁ ନେଇ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନାରେ ସମନ୍ୱୟର ଅଭାବ ରହିଥିଲା ଏବଂ ନିର୍ବାଚିତ ପ୍ରତିନିଧୀଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଇନଥିଲା। ଏହାକୁ ନେଇ ବିଡିଓଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଛି। "କାହା ଛତ୍ରଛାୟା ତଳେ ରହି ବିଡିଓଙ୍କ ମନମାନି ବଢ଼ୁଛି?" ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ ସଫଳତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲେ ମଧ୍ୟ, ଜନପ୍ରତିନିଧୀଙ୍କ ଅସନ୍ତୋଷ ଏବେ କାର୍ଯ୍ୟକ୍ରମର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜୋକଲଣ୍ଡାରେ ହାତୀଙ୍କ ଉପଦ୍ରବ



ନୀଳଗିରି,୨୪।୬(ସଂଚାରବ୍ୟୁରୋ): ବାଲେଶ୍ୱର ଜିଲା ନୀଳଗିରି ର କୁଲଡିହା ଅଭୟାରଣ୍ୟ ର ହାତୀ ପ୍ରତିଦିନ ପାହାଡ ପାଦଦେଶରେ ଥିବା ଗ୍ରାମ ରେ ପଶି ଆମ୍ବ ପଣସ କଦଳୀ ଧାନ ଖାଇବା ସହ ଘର ଭାଙ୍ଗୁଛି। ଲୋକେ ନିରାପଦରେ ରାତିରେ ଶୋଇ ପାରୁ ନାହାନ୍ତି. ଗତକାଲି ଯୋକଲଣ୍ଡା ଗ୍ରାମର ଶ୍ରୀକାନ୍ତ ଭୂୟାଁ ଆମ୍ବ ବଗିଚାରେ ହାତୀ ପଶି ଆମ୍ବ ଖାଇବା ସହିତ ଗଛ ଉପାଡି ଦେଇଛି କେତେକ ଗଛ ଭାଙ୍ଗି ଦେଇଛି। ଆଉ କେତେକ ଗଛ ରେ ଦାନ୍ତ ମାରି ଗଛକୁ ଚିରି ଦେଇଛି ଦୁଇ ସହ ଗଛ ମଧ୍ୟରୁ ପ୍ରତି ବର୍ଷ ଭାଙ୍ଗି ଭାଙ୍ଗି ଆଉ ପ୍ରାୟ ପଚାଶ ଭିତରେ ରହିଛି ସ୍ୱାଦିଷ୍ଟ ଆମ୍ବ ଚାଷି ଚାଷ କରି ପ୍ରତି ବର୍ଷ ବେଶ ଭଲ ଦୁଇ ପଇସା ରୋଜଗାର କରୁଥିଲେ। ହେଲେ ପ୍ରତି ବର୍ଷ ହାତୀ ଆସି ଫଳ ଖାଇବା ସହିତ ଗଛ ସବୁ ଭାଙ୍ଗି ପକାଉଛି, ଜଗନ୍ନାଥପୁର ଜୋକଲଣ୍ଡା ଯାହୁଁରି ଗୋକୁଳପାଣି ଗ୍ରାମରେ ପ୍ରତିଦିନ ରାତିରେ ପଶି ଆମ୍ବ କଦଳି ଫସଲ କୁ ନଷ୍ଟ କରୁଛି। ଫସଲ କୁ ରକ୍ଷକ୍ଷ କରିବା ପାଇଁ ସୌର ବାଡ଼ ଲଗାଇବା ପାଇଁ ସହାୟତା ଯୋଗାଇବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ୬୦ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ




ମାହାଙ୍ଗା,୨୪।୬(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅଞ୍ଚଳକୁ ବ୍ରାଉନ ସୁଗାର ନେଇ ଆସିଥିବା ଜଣେ ଚୋରା ବେପାରୀଙ୍କୁ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗର ଏକ ଟିମ ପିଛା କରି ଛତ୍ରତୋଟା ନିକଟରେ ଧରି କାବୁ କରିବା ସହ ତାଙ୍କ ଠାରୁ ୬ ଲକ୍ଷ ଟଙ୍କା ମୂଲ୍ୟର ୬୦ ଗ୍ରାମ ବାଉନ ସୁଗାର ଜବତ କରାଯାଇଛି। ସୂଚନା ମୁତାବକ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ରାଜକିଶୋର ନାୟକ କୌଣସି ସୂତ୍ରରୁ ଖବର ପାଇ ସାଲେପୁର ଠାରୁ ଏକ ଏକ୍ସଟ୍ରିମ ବାଇକୁ ପିଛା କରି ମାହାଙ୍ଗା ବ୍ଲକ ଛତ୍ରତୋଟା ବଜାର ଠାରେ ଗାଡି ଚାଳକକୁ ଅଟକାଇ ଥିଲେ। ଯାଞ୍ଚ କଲା ପରେ ତା ଠାରୁ ୬୦ ଗ୍ରାମ ବ୍ରାଉନ ସୁଗାର ସହ ଗାଡିଟିକୁ ଜବତ କରି କଟକ ଲାଲବାଗ ଥାନା ଫଟବିନ ସାହିର ଅବଦୁଲ କରିମଙ୍କୁ ଗିରଫ କରିଥିଲେ। ଗିରଫ ବ୍ୟବସାୟୀ ମାହାଙ୍ଗାର ବିଭିନ୍ନ ଅଞ୍ଚଳକୁ ପୁର୍ବରୁ ବହୁ ସମୟ ବ୍ରାଉନ ସୁଗାର ଚାଲାଣ କରୁଥିବା ଅବକାରୀ ବିଭାଗ ନିଶ୍ଚିନ୍ତକୋଇଲି ଅବକାରୀ ଅଧିକାରୀ ରାଜକିଶୋର ନାୟକ ସୂଚନା ଦେଇଛନ୍ତି। ଗିରଫ ବ୍ରାଉନସୁଗାର ବ୍ୟବସାୟୀଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇ ସାଲେପୁର କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ବିଶେଷ କରି ଏବେ ଲଳିତଗିରି ପର୍ଯ୍ୟଟନ ସ୍ଥଳୀ, ମଧୁପୁର, ଆନନ୍ଦ ବଜାର, ବଉଳା ଲାଲବେଗୀ ଆଦି ସ୍ଥାନ ମାନଙ୍କରେ ବ୍ୟାପକ ମାତ୍ରାରେ ବ୍ରାଉନ ସୁଗାର ଚୋରା ଚାଲାଣ ହେଉଥିବା ଜଣାଯାଇଛି।

## ବିପଦସଙ୍କୁଳ ଅବସ୍ଥାରେ ୧୦ରୁ ଅଧିକ ପରିବାର



ବାଲିଆପାଳ,୨୪।୬(ସଂଚାର ବ୍ୟୁରୋ): ବର୍ଷ ବର୍ଷ ଧରି ନଦୀ ଓ ସମୁଦ୍ର ଜୁଆର ପାଣିର ଭୟ ଭିତରେ ଜୀବନ ବିତାଉଛନ୍ତି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ୨୨ ନମ୍ବର ୱାର୍ଡ ବଟପାହି ଗ୍ରାମ ନିକଟସ୍ଥ ନଦୀକୂଳରେ ବସବାସ କରୁଥିବା ୧୦ରୁ ଅଧିକ ପରିବାର। ଜୁଆର ପାଣି ଆସିଲେ ଘର ଚୁଲି ପର୍ଯ୍ୟନ୍ତ ପାଣି ପଶିଯାଉଥିବା ବେଳେ, ଭାଙ୍ଗିଯାଉଛି ନଦୀବନ୍ଧ ଏବଂ ଧୋଇ ନେଉଛି ଘରର କାନ୍ଥ। ତଥାପି ଜୀବନ ଜୀବିକାର ତାଗିଦରେ ଏହି ପରିବାରଗୁଡ଼ିକ ସେଠାରେ ରହିବାକୁ ବାଧ୍ୟ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନିର୍ବାଚନ ସମୟରେ ନେତାମାନେ ଭୋଟ ମାଗିବାକୁ ଆସୁଥିଲେ ମଧ୍ୟ ପରେ ଏହି ଅଞ୍ଚଳର ଦୁଃଖ ଓ ଦୁର୍ଦ୍ଦଶା ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଆଜି ପର୍ଯ୍ୟନ୍ତ ଏଠାରେ ଭଲ ରାସ୍ତା, ପିଇବା ପାଣି ଭଳି ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ହୋଇପାରିନାହିଁ। ସରକାରୀ ଯୋଜନାର ସୁଫଳରୁ ମଧ୍ୟ ଏହି ଅଞ୍ଚଳବାସୀ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ଗ୍ରାମ ନିକଟରେ ବହିଯାଉଥିବା ନଦୀ ଉପରେ ସମୁଦ୍ର ଜୁଆରର ପ୍ରଭାବ ପଡୁଥିବାରୁ ପ୍ରତି ପୂର୍ଣ୍ଣିମା ଓ ଅମାବାସ୍ୟାରେ ଜୁଆର ପାଣି ଘର ନିକଟକୁ ମାଡ଼ି ଆସେ। ଲୁଣା ପାଣିରେ ଘର କାନ୍ଥ ଦୁର୍ବଳ ହେଉଥିବା ବେଳେ ନଦୀବନ୍ଧ ମଧ୍ୟ ଦିନକୁ ଦିନ କ୍ଷୟିତ ହେଉଛି। ବନ୍ଧ ଖାଇଯିବା ଫଳରେ ସେଠାରେ ଥିବା ଟ୍ରାନ୍ସଫର୍ମର ମଧ୍ୟ ବିପଦଜନକ ସ୍ଥିତିରେ ପହଞ୍ଚିଛି। ଅନ୍ୟପଟେ, ଯାତାୟାତ ପାଇଁ ଉପଯୁକ୍ତ ରାସ୍ତା ନଥିବାରୁ ଅଞ୍ଚଳବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବଟପାହି ସ୍କୁଲକୁ ଯାଉଥିବା ଛୋଟ ଛୋଟ ପିଲାମାନେ ପ୍ରତିଦିନ ବିପଦପୂର୍ଣ୍ଣ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ବର୍ଷା ଦିନରେ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡୁଛି କ୍ଷସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିବା କହିଛନ୍ତି। ଏହି ଅଞ୍ଚଳରେ ଶୀଘ୍ର ନଦୀବନ୍ଧର ପଥର ପିଚିଂ କରାଯାଇ ବନ୍ଧକୁ ସୁଦୃଢ଼ କରାନଗଲେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## 'ବିକାଶର ଧାରା ଓଡ଼ିଶା ସାରା' ସହରୀ ବିକାଶର ନୂଆ ଦିଗନ୍ତ




ଧାମନଗର,୨୪।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ ସଫଳତା ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) କଲ୍ୟାଣ ମଣ୍ଡପ ପରିସରରେ ବୁଧବାର "ବିକାଶ ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏନଏସି ପ୍ରତିନିଧି କୈଳାସ ମହାପାତ୍ର, ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ସରୋଜ ମହାପାତ୍ର, ଏନଏସି ଅଧିକାରୀ ସନ୍ତୋଷ ନାୟକ ଏବଂ ଏନଏସି ଉପାଧ୍ୟକ୍ଷା ଓସିମ ଏସଦାନି କାଦରୀ ପ୍ରମୁଖ ଯୋଗଦେଇ ସହରୀ ବିକାଶ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଧାମନଗର ଏନଏସି ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ରାସ୍ତା ଓ ଡ୍ରେନେଜ ବ୍ୟବସ୍ଥାର ଉନ୍ନତି, ଆଧୁନିକ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ, ସିସିଟିଭି ନଜରଦାରୀ ବ୍ୟବସ୍ଥା, ପରିମଳ ଓ ପରିଚ୍ଛନ୍ନତା ସେବା ଭଳି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦିତ ହୋଇଛି। ଏହା ସହିତ ସାଧାରଣ ଲୋକଙ୍କ ଜୀବନଯାପନକୁ ଅଧିକ ସୁବିଧାଜନକ ଓ ସୁରକ୍ଷିତ କରିବା ପାଇଁ ଅନେକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଆହାର ଯୋଜନା, ସ୍ୱଚ୍ଛ ଭାରତ ମିଶନ, ସୁଯୋଗ ପଟ୍ଟା ବଣ୍ଟନ ଯୋଜନା, ଅମୃତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମ ପୋଖରୀ ଯୋଜନା, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ହରିଶ୍ଚନ୍ଦ୍ର ସହାୟତା ଯୋଜନା ଏବଂ ବେକାର ଯୁବକ-ଯୁବତୀଙ୍କ ପାଇଁ ଆତ୍ମନିର୍ଭରଶୀଳତା କାର୍ଯ୍ୟକ୍ରମ ମାଧ୍ୟମରେ ହଜାର ହଜାର ପରିବାର ଉପକୃତ ହେଉଥିବା ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସାଧୁ ପ୍ରସାଦ ବେହେରା ପରିଚାଳନା କରିଥିବା ବେଳେ ବହୁ ସଂଖ୍ୟାରେ ଜନସାଧାରଣ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଓ ଏନଏସି କର୍ମଚାରୀମାନେ ଯୋଗଦେଇଥିଲେ।

SANCHAR
ସଂଚାର ଗୁରୁବାର ୨୫ ଜୁନ୍ ୨୦୨୬
ସ୍ୱାସ୍ଥ୍ୟ



# ଅଦା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ କୋଲେଷ୍ଟ୍ରଲ କମାଇଥାଏ



ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡିବୁଟି ଭାବରେ ଗଣାଯାଇଛି। ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢ଼ାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସ ଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ପ୍ରତିଦିନ ଅଦାକୁ ବିଭିନ୍ନ ଉପାୟରେ ଖାଦ୍ୟରେ ସାମିଲ କରିପାରିବେ। ଅଦାରେ ଅନେକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍, ମିନେରାଲ୍ସ, ଭିଟାମିନ୍ ବି ୩, ଭିଟାମିନ୍ ବି ୬ ଏବଂ ପୋଟାସିୟମ୍ ମଧ୍ୟ ରହିଥାଏ, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଏଭଳି ପରିସ୍ଥିତିରେ, ଆଜି ଆମେ ଶୀତଦିନେ ଆପଣଙ୍କ ଖାଦ୍ୟରେ ଅଦାକୁ ଅନ୍ତର୍ଭୁକ୍ତ କରିବାର ଉପାୟ ବିଷୟରେ କହିବାକୁ ଯାଉଛୁ। ଏହାର ବ୍ୟବହାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

ଅଦାର କାଢ଼ା ତିଆରି କରିବା ପାଇଁ ଅଦା, ଗୋଲମରିଚ, ଲବଙ୍ଗ ଏବଂ ବଡ଼ ଗୁଜୁରାତି ଏକ ଗ୍ଲାସ ପାଣିରେ ମିଶାଆନ୍ତୁ। ତା'ପରେ ଆପଣ ଏହି ଜଳକୁ ଅଧା ହେବା ପର୍ଯ୍ୟନ୍ତ ଭଲ ଭାବରେ ଫୁଟାନ୍ତୁ। ଏହା ପରେ, ଏହି ଜଳକୁ ପୁଣି ଫିଲ୍ଟର୍ କରନ୍ତୁ ଏବଂ ଏହାକୁ ପିଅନ୍ତୁ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଏବଂ ଶୀତଦିନେ ଘଟୁଥିବା ଥଣ୍ଡା, କାଶ ଭଳି ସମସ୍ୟାରୁ ଆପଣଙ୍କୁ ଦୂରେଇ ରଖେ। ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି। କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଞ୍ଚାଇପାରେ। ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ। ମାଂସପେଶୀରେ ଯନ୍ତ୍ରଣା ସମସ୍ୟାରୁ ଆରାମ ମିଳିବ।

ଯଦି ଆପଣ ଆଚାର ଖାଇବାକୁ ଭଲ ପାଆନ୍ତି, ତେବେ ଆପଣ ରୁଟି କିମ୍ବା ଭାତ ସହିତ ଅଦା ଆଚାର ଖାଇପାରିବେ। ଆପଣ ଘରେ ଅଦା ଆଚାର ତିଆରି କରିପାରିବେ କିମ୍ବା ଆପଣ ଏହାକୁ ବଜାରରୁ କିଣି ପାରିବେ। ଅଦାର ସୁପ୍ ପ୍ରସ୍ତୁତ କରିବା ପାଇଁ ଚାହୁଁଥିଲେ ଆପଣ ଏଥିରେ ବ୍ରୋକଲି(ରଙ୍ଗବେରଙ୍ଗର ଫୁଲକୋବି) କିମ୍ବା ଛତୁ ମିଶାଇପାରିବେ। ଏହାଦ୍ୱାରା ସୁପର ପୋଷକତତ୍ତ୍ୱ ବୃଦ୍ଧି ହୁଏ। ଏହି ସୁପ୍ ଆପଣଙ୍କୁ ଅଧିକ ସମୟ କାମ କରିବାକୁ ଶକ୍ତି ଦେଇଥାଏ। ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ। କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦାକୁ ଶୁଖାଇ ଗୁଣ୍ଡ କରି ଖାଇପାରିବେ।

ଅଧିକାଂଶ ଲୋକ କ୍ଷୀର ସହିତ ଅଦା ଚାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି କୁହାଯାଏ। ଏପରି ପରିସ୍ଥିତିରେ ଅଦାକୁ ଏକ ଗ୍ଲାସ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ତା'ପରେ ତୁମେ ଏହି ପାଣିକୁ ଫିଲ୍ଟର୍ କରନ୍ତୁ। ଏହା ପରେ ଆପଣ ଏଥିରେ ଲେମ୍ବୁ ରସ ଏବଂ ମହୁ ମିଶାନ୍ତୁ। ଏହି ଚା'କୁ ଦିନକୁ ଦୁଇରୁ ତିନିଥର ପିଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



# ସ୍ମରଣଶକ୍ତି ବୃଦ୍ଧିର ରାମବାଣ ଅଖରୋଟ୍

ଡ୍ରାଏ ଫ୍ରୁଟ୍ସ ବା ଶୁଖିଲା ଫଳରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଥିବା ଆମେ ସମସ୍ତେ ଜାଣନ୍ତି। ଅଧିକାଂଶ ଲୋକେ ମଧ୍ୟ ଡ୍ରାଏ ଫ୍ରୁଟ୍ସ ଖାଇଥାନ୍ତି। ଡ୍ରାଏ ଫ୍ରୁଟ୍ସକୁ ଖାଇବା ଦ୍ୱାରା ବ୍ରେନ ପାୱାର ବଢ଼ିବା ସହ ଫେସ୍ ମଧ୍ୟ ଗ୍ଲୋ କରିଥାଏ। ଏଥିପାଇଁ ଡ୍ରାଏ ଫ୍ରୁଟ୍ସ ସମସ୍ତଙ୍କ ପାଇଁ ଉପଯୋଗୀ ହୋଇଥାଏ। ବିଶେଷ କରି ଶୀତଦିନରେ ଡ୍ରାଏ ଫ୍ରୁଟ୍ସ ଖାଇବା ସ୍ୟାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ଅନେକ ଡ୍ରାଏ ଫ୍ରୁଟ୍ସ ରହିଛି ସେଥି ମଧ୍ୟରୁ ଅଖରୋଟ ଅନ୍ୟତମ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଠିକ ରହିଥାଏ। ଅଖରୋଟରେ ଭିଟାମିନ୍, ଓମେଗା-୩, ଆଣ୍ଟିଅକ୍ସିଡାଣ୍ଟ, ଫାଇବର, କ୍ୟାଲସିୟମ ଏବଂ ପୋଟାସିୟମ ଭଳି ବହୁ ପରିମାଣରେ ଉପାଦାନ ରହିଥାଏ। ତେବେ ଅଖରୋଟ ଖାଇଲେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭ ଦାୟକ ହେବ, ଆସନ୍ତୁ ଜାଣିବା।

ହେଲ୍ଥ ଏକ୍ସପର୍ଟସଙ୍କ କହିବା ଅନୁସାରେ, ପ୍ରତିଦିନ ଦୁଇଟି ଅଖରୋଟ୍ ଖାଇବା ଦ୍ୱାରା ମାନସିକ ଅବସାଦ ନହୋଇ ବରଂ ମନରେ ସ୍ଥିରତା ଆସିବା ସହ କ୍ୟାନ୍ସରର ବିପଦ ବି ହ୍ରାସ ପାଏ। କ୍ୟାନ୍ସର ଭଳି ଘାତକ ରୋଗରୁ ନିଜକୁ ସୁରକ୍ଷିତ ରଖିବାକୁ ପ୍ରତିଦିନ ଅଖରୋଟ୍ ଖାଇବା ଏକ ବେଷ୍ଟ ଅପ୍ସନ। ଏକ୍ସପର୍ଟସଙ୍କ ମୁତାବକ, ପ୍ରତିଦିନ ଦୁଇଟି ଲେଖାଏଁ ଭିଜା ଅଖରୋଟ ଖାଇଲେ କ୍ୟାନ୍ସରର ବିପଦ ଅନେକ ମାତ୍ରାରେ ହ୍ରାସ ପାଏ। ତେଣୁ ଅଖରୋଟକୁ ଡେଲି ଡାଏଟରେ ସାମିଲ କରିବାକୁ ଭୁଲନ୍ତୁନାହିଁ। କେବଳ କ୍ୟାନ୍ସର ନୁହେଁ, ଅଖରୋଟରେ କ୍ୟାଲସିୟମ୍ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ପ୍ରତିଦିନ ୨୫ ଗ୍ରାମ ଅଖରୋଟ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରୁହେ। ଏହାସହ କୋରୋନାରୀ ଆର୍ଟରି ଡିଜିଜ୍ ଏବଂ ଷ୍ଟ୍ରୋକର ଆଶଙ୍କା ବି କମିଯାଏ। ଅଖରୋଟରେ ଓମେଗା -୩, ଫ୍ୟାଟି ଏସିଡର ମାତ୍ରା ଅଧିକ ମାତ୍ରାରେ ଥିବାରୁ ମାନସିକ ଅବସାଦକୁ କମାଇଥାଏ। ଏହାସହ ମାନସିକ କ୍ଷମତା ବି ବୃଦ୍ଧି ପାଏ। ପିଲାମାନଙ୍କୁ ବି ଅଖରୋଟ ପ୍ରତିଦିନ ଖାଇବାକୁ ଦେବା ଦରକାର। ମହିଳାମାନେ ଗର୍ଭବତୀ ଥିବା ସମୟରେ ପ୍ରତିଦିନ ଅଖରୋଟ୍ ଖାଇଲେ ଗର୍ଭସ୍ଥ ଶିଶୁର ମାନସିକ ବିକାଶ ବେଶ୍ ଭଲ ହୋଇଥାଏ। ଆଜିକାର ଧାଁଦୌଡ ଭିତରେ ଅନେକ ଥକିଯିବା ଭଳି ସମସ୍ୟା ସାମାନ୍ୟ ହେଲାଣି। ଯଦି ଆପଣ ବି ଏଭଳି ସମସ୍ୟା ଭୋଗୁଛନ୍ତି ତାହେଲେ ଆଜିଠୁ ହିଁ ଅଖରୋଟ ଖାଇବା ଆରମ୍ଭ କରିଦିଅନ୍ତୁ। ଭିଜା ଅଖରୋଟ ଖାଇବା ଦ୍ୱାରା ଶରୀରରେ ମେଲାଟୋନିନ୍ ହର୍ମୋନ୍ ତିଆରି ହୁଏ, ଯାହା ଭଲ ନିଦ ପାଇଁ ମଧ୍ୟ ବେଶ୍ ସହାୟକ ହୋଇଥାଏ। ଏହାସହ ଅଖରୋଟରେ ଭିଟାମିନ୍ ବି -୬ ମାତ୍ରା ପ୍ରଚୁର ଥିବାରୁ କେଶମୂଳ ମଜଭୁତ ହେବା ସହ କେଶର ଝଡ଼ିବା ବନ୍ଦ ହେବା ସହ କେଶ ମୁଲାୟମ୍ ଓ ଘନ ହୋଇଥାଏ। ତାହେଲେ ଆଉ ଡେରି କାହିଁକି। ମାତ୍ର ଦୁଇଟି ଅଖରୋଟ ଯଦି ଆପଣଙ୍କୁ ଏତେସବୁ ଉପାୟରେ ଫିଟ ରଖେ ତେବେ ଏହାକୁ ନିଶ୍ଚୟ ଭାବରେ ନିଜ ସକାଳ ଖାଇବା ଲିଷ୍ଟରେ ସାମିଲ କରନ୍ତୁ।



# ଗୋଲମରିଚ ଅନେକ ରୋଗର ମହୌଷଧୀ

ସମସ୍ତ ଲୋକେମାନେ ଚାହିଁଥାନ୍ତି ଯେ ସେ କିପରି ସୁସ୍ଥ ରହିବେ। ସୁସ୍ଥ ରହିବାକୁ ମଣିଷ ବହୁତ କିଛି କାର୍ଯ୍ୟ କରିଥାଏ। ଅସମ୍ଭବ ଜିନିଷକୁ ମଧ୍ୟ ସମ୍ଭବ କରାଇଥାଏ। ସ୍ୱାସ୍ଥ୍ୟ ଭଲ ରହିଲେ ସବୁ କାର୍ଯ୍ୟ ଠିକଠାକରେ ହୋଇଥାଏ ନଚେତ୍ ଅନେକ ସମସ୍ୟାକୁ ସାମ୍ନା କରିବାକୁ ପଡିଥାଏ। ଆଜିକାଲି ସମୟରେ ଯେଉଁ ରୋଗ ହେଉଛି ତାହା ଦୂର ହେବା ଖୁବ୍ କଷ୍ଟକର ହୋଇପଡୁଛି। ଶରୀର ଅସୁସ୍ଥ ହେଲେ କୌଣସି କାମରେ ମନ ଲାଗି ନଥାଏ। ତେଣୁ ଅଧିକାଂଶ ଲୋକେ ଶରୀରକୁ ସୁସ୍ଥ ରଖିବା ପାଇଁ ମର୍ଣ୍ଣିଂ ୱାକ୍, ସାଇକେଲ ରେସ୍ ଏବଂ ଡାଏଟ କରିଥାନ୍ତି। ସୁସ୍ଥ ରହିବାକୁ ହେଲେ ପୁଷ୍ଟିକର ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ଖାସ୍ କରି ଯଦି ଆମେ ଦିନ ଆରମ୍ଭରୁ ସ୍ୱାସ୍ଥ୍ୟ ଉପଯୋଗୀ ଜିନିଷ ଖାଇବା ତେବେ ତାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେଭଳି ଏକ ଜିନିଷ ସମ୍ପର୍କରେ କହିବୁ ଯାହା ଆପଣଙ୍କ କିଚେନରୁ ସହଜରେ ମିଳିବ। ଯାହା ଆପଣଙ୍କୁ ଅନେକ ଫାଇଦା ଦେବ। ତେବେ ଆସନ୍ତୁ ସେହି ଜିନିଷ ସମ୍ପର୍କରେ ଜାଣିବା। ଭାରତୀୟ ଖାଦ୍ୟରେ ଅନେକ ପ୍ରକାର ମସଲା ବ୍ୟବହାର କରାଯାଇଥାଏ। ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଗୋଲମରିଚ ବହୁଳ ବ୍ୟବହୃତ ହୋଇଥାଏ। ଏହି ମସଲାକୁ ଆପଣ ସମସ୍ତ ପ୍ରକାର ରୋଷେଇରେ ବ୍ୟବହାର କରି ପାରିବେ। ଏହା କେବଳ ସ୍ୱାଦକୁ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଗୋଲମରିଚ ଗରମ ହୋଇଥାଏ ସେଥିପାଇଁ ଶୀତଦିନେ ଆପଣମାନେ ଏହାକୁ ଆରାମରେ ବ୍ୟବହାର କରିପାରିବେ। ଗୋଲମରିଚରେ ଭିଟାମିନ ଏବଂ କ୍ୟାଲ୍ସିୟମ ରହିଛି। ଯାହା ବେଲି ଫ୍ୟାଟ୍ କମ କରିବାରେ ସହାୟକ କରିଥାଏ। ଯଦି ଓଜନ ହ୍ରାସ କରିବାର ଯାତ୍ରାକୁ ସହଜ କରିବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ଡାଏଟ୍ ଲିଷ୍ଟରେ ଏହାକୁ ଆଡ୍ କରିପାରିବେ।

ଏଥିରେ ଥିବା ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ମୁହଁରେ ଦେଖାଦେଉଥିବା ସମସ୍ୟାକୁ ଦୂର କରିବା ସହ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବର୍ତ୍ତମାନ ସମୟରେ ଗ୍ୟାସ ଏବଂ ଏସିଡିଟି ଖୁବ୍ ସାଧାରଣ କଥା ପାଲଟିଗଲାଣି। ଏହି ସବୁ ସମସ୍ୟା ପାଁ ଗୋଲମରିଚ ବେଷ୍ଟ ହୋଇଥାଏ। ଯାହା ଖାଦ୍ୟ ହଜମ କରିବାକୁ ସହଜ କରି ଦେଇଥାଏ। ଗୋଲମରିଚକୁ ମସ୍ତିଷ୍କ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଯାହା ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ। ଏଥିସହ ଗୋଲମରିଚ ଥଣ୍ଡା ଏବଂ କଫ ଜନିତ ସମସ୍ୟାରୁ ରକ୍ଷା କରିଥାଏ। ଲିଭର ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ଏତିକି ନୁହେଁ ଏଥିରେ ଥିବା ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ତେଣୁ ଆପଣମାନେ ସକାଳୁ ଗୋଲମରିଚ ଖାଇବାର ଅଭ୍ୟାସ କରନ୍ତୁ। ଯାହା ଚୁଟକିରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ।

# ଲମ୍ବା ଓ ମଜଭୁତ କେଶ ପାଇଁ ବ୍ୟବହାର କରନ୍ତୁ କଫି ମାସ୍କ

ଆମ ଭିତରୁ ଏମିତି ଅନେକ ଜଣ ଅଛନ୍ତି ଯେଉଁ ମାନଙ୍କର ସକାଳ ଆରମ୍ଭ ହୁଏ କେବଳ କଫିରୁ। ସ୍ୱାସ୍ଥ୍ୟ ଓ ସୁନ୍ଦରତା ପାଇଁ ମଧ୍ୟ କଫିର ଆବଶ୍ୟକତା ଅନେକ୍। ଆଜ୍ଞା ହଁ, ଏଥିରେ ଏମିତି କିଛି ଗୁଣ ଅଛି ଯାହା ତ୍ୱଚା ଓ କେଶର ସୁନ୍ଦରତା ପାଇଁ ସାହାଯ୍ୟ କରିଥାଏ। କଫିରେ ଥିବା କାଫ୍ରେଇନ୍ କେଶର ସୁନ୍ଦରତା ବଢାଇବା ସହ କେଶକୁ ମଜବୁତ୍ ରଖିଥାଏ। କେଶର ରୁକ୍ଷାପଣକୁ ମଧ୍ୟ ଦୁର କରିଥାଏ। କଫି ଏକ ପ୍ରକାରର ଭଲ କଣ୍ଡିସନର୍ ଓ ମସାଜର୍ ହୋଉଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ୍ କେଶ ମୂଳକୁ ସୁସ୍ଥ ରଖିଥାଏ। କଫି ବହୁତ୍ ଗୁଡିଏ ସୌନ୍ଦର୍ଯ୍ୟ ସମାଧାନର ଉପାୟ। ଏହି ଉପାୟରେ ଆପଣ ନିଜେ ଘରେ ବସି ନିଜର ସୁନ୍ଦରତା ନିଖାରି ପାରିବେ। ଆସନ୍ତୁ ଜାଣିବା କେଶ ପାଇଁ କଫିର ଆବଶ୍ଯକତା। କଫି କେଶର ଗ୍ରୋଥ୍ ବଢାଇଥାଏ ଓ କେଶକୁ କୋମଳ ମଧ୍ୟ କରିଥାଏ। ୧ ଚାମଚ୍ କଫି ପାଉଡରେ ୨ ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କେଶରେ ଲଗାନ୍ତୁ ଓ କିଛି ସମୟ ମସାଜ୍ କରନ୍ତୁ। ୧୫ ରୁ ୩୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ନିଅନ୍ତୁ। ଏପରି ସପ୍ତାହକୁ ଦୁଇ ଥର କରନ୍ତୁ। ପ୍ରଥମେ କଫିକୁ ଫୁଟାଇବା ପରେ ଥଣ୍ଡା କରିବା ପାଇଁ ରଖିଦେବା। ତାପରେ ଏହା ସହ ୧ଚାମଚ୍ କଫି ପାଉଡର୍ ଓ ୨ଚାମଚ୍ ହେୟାର୍ କଂଡିସନର୍ ମିଶାଇବା। ତା'ପରେ ଏହାକୁ କେଶରେ ଲଗାଇବା ଏବଂ ଗୋଟେ ଘଣ୍ଟା ପରେ ଧୋଇନେବା।





# ବ୍ରୋକଲି ହାଡ଼ ଏବଂ କ୍ୟାନସର ସମସ୍ୟାକୁ ଦୂରକରେ

ବର୍ତ୍ତମାନ ସମୟରେ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ଖରାପ ପାଣିପାଗ ଏବଂ ଖାଦ୍ୟପେୟ ହେଉଛି ଏହାର ମୁଖ୍ୟ କାରଣ। ଭଲ ସ୍ୱାସ୍ଥ୍ୟ ପାଇଁ ଭଲ ଖାଦ୍ୟର ଆବଶ୍ୟକତା ରହିଛି ନଚେତ୍ ସ୍ୱାସ୍ଥ୍ୟକୁ ଖରାପ କରିଦେଇଥାଏ। ଆମ ସୁସ୍ଥ ଶରୀର ଗଠନ ପାଇଁ ସମସ୍ତ ପନିପରିବାର ଆବଶ୍ୟକତା ରହିଛି। ଯାହା ଆମକୁ ଅନେକ ପୋଷକ ତତ୍ତ୍ୱ ଯୋଗାଇଥାଏ। ସମସ୍ତ ପନିପରିବାରେ କିଛି ନା କିଛି ବିଶେଷ ଗୁଣ ରହିଛି। ଯାହା ଆମ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେହିଭଳି ସୁପରଫୁଡ୍ ସମ୍ପର୍କରେ ଜଣାଇବୁ। ସମସ୍ତ ପନିପରିବା ଭଳି ବ୍ରୋକଲି ମଧ୍ୟ ଆମ ଶରୀର ପାଇଁ ଉପଯୋଗୀ। ଯାହା ସାଧାରଣତଃ କୋବି ଭଳି ଦେଖାଯାଇଥାଏ। କିନ୍ତୁ ସେଇଟା କୋବି ନୁହେଁ। ଦେଖିବାକୁ ଠିକ୍ ଫୁଲ କୋବି ଭଳି ଏବଂ ନୀଳ ରଙ୍ଗର। ଯାହାର ଚାହିଦା ବର୍ତ୍ତମାନ ସମୟରେ ଖୁବ୍ ବଢ଼ିଛି। ଯାହାକୁ ଶୀତଦିନେ ଖୁବ୍ ସହଜରେ ମାର୍କେଟରୁ ମିଳିଯାଇଥାଏ। କିନ୍ତୁ କିଛି ଲୋକ ଏହାକୁ ଖାଇବାକୁ ପସନ୍ଦ କରି ନଥାନ୍ତି। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ବ୍ରୋକଲିରେ ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଯାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ସାଲାଡ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପନିପରିବା ପର୍ଯ୍ୟନ୍ତ ଅନେକ ପ୍ରକାରର ପନିପରିବା ତିଆରିରେ ବ୍ରୋକୋଲି ବ୍ୟବହାର କରାଯାଏ। ବ୍ରୋକଲିରେ କେଉଁ ସବୁ ଉପାଦାନ ରହିଛି ଆସନ୍ତୁ ପ୍ରଥମେ ସେସମ୍ପର୍କରେ ଜାଣିବା। ବ୍ରୋକଲିରେ ଭରପୁର ମାତ୍ରାର ପ୍ରୋଟିନ୍, କ୍ୟାଲସିୟମ୍, କାର୍ବୋହାଇଡ୍ରୋଟ, ଆଇରନ, ଭିଟାମିନ ଏ, ସି ଏବଂ ଅନ୍ୟାନ୍ୟ ପୋଷକ ରହିଛି। ଏହା ସହିତ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍, ସେଲେନିୟମ୍, ଭିଟାମିନ୍ ବି, ଫାଇବର ଏବଂ ଫସଫରସ ଭଳି ଗୁଣ ମଧ୍ୟ ଏଥିରେ ରହିଛି। ଯାହା ସମସ୍ତ ବର୍ଗର ଲୋକଙ୍କ ପାଇଁ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି। ତେବେ ଆସନ୍ତୁ ଏହି ବ୍ରୋକଲିର ଚମତ୍କାରୀ ଗୁଣ ସମ୍ପର୍କରେ ଜାଣିବା।

ଡାଇବେଟିସ ରୋଗୀଙ୍କ ପାଇଁ ସବୁଜ ପନିପରିବା ଫଳପ୍ରଦ ହୋଇଥାଏ। ସେହି ସବୁ ମଧ୍ୟରୁ ବ୍ରୋକଲି ଅନ୍ୟତମ। ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ। ବ୍ରୋକଲି ଖାଇବା ଦ୍ୱାରା ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଭିଟାମିନ୍ ସି ଏବଂ ଜିଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଯାହା ଖାଇବା ଦ୍ୱାରା ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରେ। ପିଲାମାନଙ୍କ ପାଇଁ ଏହା ଉପଯୁକ୍ତ ଖାଦ୍ୟ ବୋଲି କୁହାଯାଇପାରେ। ବ୍ରୋକଲିରେ ଫାଇବର, ପୋଟାସିୟମ୍ ଏବଂ ପ୍ରୋଟିନରେ ଭରପୁର। ଯାହା ଖାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ କରି ରଖିଥାଏ। ଫଳରେ ଓଜନ ଯାତ୍ରାକୁ ସହଜ କରିଥାଏ। ଏତିକି ନୁହେଁ ବରଂ ଲିଭର ସମସ୍ୟା ପାଇଁ ଏହା ଶକ୍ତିଶାଳୀ ହୋଇଥାଏ। ତେଣୁ ଏହାକୁ ଆପଣ ଡାଏଟ ପ୍ଲାନରେ ଆଡ୍ କରିପାରିବେ। କ୍ୟାନସର ଭଳି ମାରାତ୍ମକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଏହି ସବୁ ସମସ୍ୟା ଥିଲେ ଏହାକୁ ନିଶ୍ଚିନ୍ତ ଖାଆନ୍ତୁ। କ୍ୟାଲସିୟମର ଅଭାବ ଥିଲେ ହାଡ଼ ଜନିତ ସମସ୍ୟା ଦେଖିବାକୁ ମିଳିଥାଏ। ଯାହା ଏବେ ଘରେ ଘରେ ଖୁବ୍ ସାଧାରଣ କଥା ହୋଇଗଲାଣି। ଏହି ସବୁ ସମସ୍ୟା ଦେଖାଦେଉଥିଲେ ସେସବୁ ପାଇଁ ଚିନ୍ତା କରନ୍ତୁ ନାହିଁ। ଯେଉଁଥି ପାଇଁ ପ୍ରଭାବଶାଳୀ ହୋଇଥାଏ ବ୍ରୋକଲି। ହାଡ଼ ଜନିତ ସମସ୍ୟାଠାରୁ ମୁକ୍ତି ଦେବା ସହ ହାଡ଼କୁ ମଜବୁତ କରେ। ତେଣୁ ବ୍ରୋକଲି ଖାଇବାର ଅଭ୍ୟାସ କରନ୍ତୁ।

# ହାତଗୁଞ୍ଜା ନଦେଲେ ରେଜେଷ୍ଟ୍ରି ହୋଇପାରୁନାହିଁ ଜମି

## ଅଫିସର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି



**ବାଲିଆପାଳ,୨୪।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାର କାର୍ଯ୍ୟାଳୟ ମାନଙ୍କରେ ଲାଞ୍ଚ କାରବାର ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବାଲିଆପାଳ ସବରେଜିଷ୍ଟ୍ରି ଅଫିସରେ ସବରେଜିଷ୍ଟ୍ରାର ମନୀଷା ମିଶ୍ର ଠିକ୍ ସମୟରେ ଅଫିସ ନ ଆସିବା, ବିଭିନ୍ନ ଆଳ ଦେଖାଇ ଜମିଜମାକୁ ରେଜେଷ୍ଟ୍ରି ନକରାଇ ଲୋକଙ୍କ ବାରମ୍ବାର ଫେରାଇବା ଏବଂ ଖୋଲାଖୋଲି ଭାବରେ ଲାଞ୍ଚ ମାଗୁଥିବା ନେଇ ଅଭିଯୋଗ ହୋଇଛି। ଯାହା ଫଳରେ ସାଧାରଣ ଲୋକେ ଜମି କିଣା ବିକା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ନିଖିରା ଗ୍ରାମର ୭୬ ବର୍ଷୀୟ ବରିଷ୍ଠ ନାଗରିକ ସୁଧିର କୁମାର ଦେ ନିଜ ନାମିତ ଜମି ମୌଜା ନିଖିରା,ଖାତା ନମ୍ବର ୧୩୧, ଖସଡା ନଂ ୧୦୮୩ ଏବଂ ୧୪୧୧ ସାତ ଡିସିମିଲ ଜାଗା କୁ ବିକ୍ରି କରିବା ପାଇଁ କ୍ରମାଗତ ଭାବେ ୮/୬,୧୭/୬,୧୮/୬ ତିନି ଥର ସ୍ଲଟ ବାବଦକୁ ୯୦୦ ଟଙ୍କା ଫୈଠ କରି ଖର୍ଚ୍ଚାନ୍ତ ହୋଇଥିଲେ। ଜମି ବିକ୍ରିର ଆବଶ୍ୟକତା ପାଇଁ ସେ ଜଣେ ବରିଷ୍ଠ ନାଗରିକ ଏବଂ ଅସୁସ୍ଥ ଥିଲେ ମଧ୍ୟ ବାରମ୍ବାର ରେଜେଷ୍ଟ୍ରି ଅଫିସକୁ ଆସିବାକୁ ପଡିଥିଲା। ପଗାରେ ପିତା କୃପ ଦେ ରହିଥିବା ବେଳେ ପିତାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ପ୍ରମାଣ ପତ୍ରରେ ପିତା ସ୍ୱର୍ଗତ କୃପାସିନ୍ଧୁ ଦେ ଉଲ୍ଲେଖ ରହିଥିଲା। ଏହା ବାଲିଆପାଳ ତହସିଲଦାରଙ୍କ ଠାରେ ସତ୍ୟପାଠର କପି ରହିଛି। ଏହାକୁ ସବରେଜିଷ୍ଟ୍ରାର ଗ୍ରହଣ ନକରି ୩୦୦୦ ଟଙ୍କା ଲାଞ୍ଚ ନଦେଲେ କରିବି ନାହିଁ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ଶ୍ରୀ ଦେ। ସେହିପରି ନଇଗାଡି ଗ୍ରାମର ଲକ୍ଷ୍ମୀଧର ସାହୁ, ସନ୍ତୋଷ ସାହୁ, ସନ୍ୟାସୀ ସାହୁ, ଦୁଇ ଥର ସ୍ଲଟ ଫୈଠ କରି ଦୁଇ ହଜାର ଟଙ୍କା ଦେବା ପରେ ତାଙ୍କର ରେଜେଷ୍ଟ୍ରି ହୋଇଛି ବୋଲି ଅଭିଯୋଗ ହୋଇଛି। ନିଜ ମନମାନିରେ ଅଫିସକୁ ଆସିବା ଏବଂ ମହୁରି ମାନଙ୍କ ଦ୍ୱାରା ଲାଞ୍ଚ କାରବାର କରାଇବା ପାଇଁ ବାଧ୍ୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଭଳି ଦୁର୍ନୀତିଗ୍ରସ୍ତ ଏବଂ ଲାଞ୍ଚ ଖୋର ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବସ୍ତା ବିଧାୟିକା ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଇମେଲ ମାଧ୍ୟମରେ ଦାବି କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି ଶ୍ରୀ ଦେ ଏବଂ ଶ୍ରୀ ସାହୁ । ଏବାବଦରେ ସବରେଜିଷ୍ଟ୍ରାରଙ୍କୁ ପଚାରିବାରୁ ସେମାନଙ୍କର କାଗଜ ପତ୍ରରେ ଭୁଲ ତଥ୍ୟ ରହିଥିଲା ତେଣୁ ତାଙ୍କୁ ବାରମ୍ବାର ଆସିବାକୁ ପଡିଥିଲା। ଲାଞ୍ଚ ମାଗିବା କଥା ମିଥ୍ୟା ଏବଂ ଭିତ୍ତିହୀନ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ପିତୃମାତୃହୀନ ଶିଶୁଙ୍କ ଉପସ୍ଥାପନା ଓ ପରାମର୍ଶ ଶିବିର



**ସୁବର୍ଣ୍ଣପୁର,୨୪।୬(ସଂଚାର ବ୍ୟୁରୋ):** ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଡୁଙ୍ଗୁରିପାଲି ବ୍ଲକ ମିଶନ ଶକ୍ତି ଗୃହ ଠାରେ ପିତୃ ମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କାମ୍ପ ଅନୁଷ୍ଠିତ ହୋଇଅଛି। ଏହି କାମ୍ପ ରେ ୩୮ ଜଣ ଶିଶୁ ଉପସ୍ଥିତ ରହିଥିଲେ। ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକ ଙ୍କ ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରାଯାଇ ତଥ୍ୟ ସଂଗ୍ରହ କରା ଯାଇଥିଲା। ସମସ୍ତ ଶିଶୁ ମାନଙ୍କ ତଥ୍ୟ ପରେ ସରକାରଙ୍କ ବିଭିନ୍ନ ଯୋଜନା ଥିବା ବ୍ୟବସ୍ଥା ରେ ସାମିଲ କରାଯାଇ ଥଇଥାନ କରାଯିବ। ଏହି କାର୍ଯ୍ୟକ୍ରମକୁ ଶିଶୁ ମଙ୍ଗଳ କମିଟି ର ସଭ୍ୟ କେଶବ ଚନ୍ଦ୍ର ମେହେର ଓ ବ୍ରଜେନ୍ଦ୍ର କୁମାର ବିଶି ପରିଚାଳନା କରିଥିବା ବେଳେ ସମସ୍ତ ଶିଶୁଙ୍କୁ ବାଇକ୍ତିଗତ ଭାବେ ଉପସ୍ଥାପନା କାର୍ଯ୍ୟ ତୁଲାଇ ଥିଲେ। ଏହି କାମ୍ପ କୁ ଶିଶୁ ଶିଶୁ ସୁରକ୍ଷା ବିଭାଗ ର ଥବିର କାଲସେ, ମୃତ୍ୟୁଞ୍ଜୟ ସାହୁ, ଜିତେନ୍ଦ୍ର ମଣ୍ଡଳ, ଅନିଲ ମହଲା ଓ ଚାଇଲଡ ହେଲ୍ପ ଲାଇନ ର ଅମିଶା କର୍ମ ଶିବିର କୁ ସହଯୋଗ କରିଥିଲେ ।

**● ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ**

## ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ



**ବାଲିକୁଦା,୨୪।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ବୁଧବାର ବହୁ ଆଡ଼ମ୍ବର ଓ ଉତ୍ସାହର ସହ ଉଦ୍‌ଯାପିତ ହୋଇଛି। ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ବିଡିଓ ବିଦ୍ୟାଧର ଦଣ୍ଡପାଟ, ଏବିଡିଓ ସ୍ମାରକ ରଞ୍ଜନ ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ ନାୟକ, ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ବିଶ୍ୱଜିତ ମଲ୍ଲିକ, ବିପିଏମ ଦୀପକ ମହାନ୍ତି ଓ ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ। ବିଏସଏ ରମେଶ ବହିରା କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଓ ବିକାଶମୂଳକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ନୂତନ ହିତାଧିକାରୀମାନଙ୍କୁ ସିଏମଏୱାଇ କାର୍ଡ, କୃଷକ ସ୍ୱାସ୍ଥ୍ୟ ବୀମା କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ଉଜ୍ଜ୍ୱଳା ଗ୍ୟାସ ସଂଯୋଗ, ଦିବ୍ୟାଙ୍ଗ ଓ ବୃଦ୍ଧାଭତ୍ତା ପ୍ରଦାନ କରାଯାଇଥିଲା। ଏହା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କୁ ଋଣ ମଞ୍ଜୁରିପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା।

### ବାଲିପାଟଣାରେ ବିଜେଡିର ବିଶାଳ 'ନାରୀ ଅଧିକାର ଅଭିଯାନ'

## ବିଜେପି ସରକାର ବିରୋଧରେ ବିଜେଡ଼ିର ରଣହୁଙ୍କାର



**ବାଲିପାଟଣା,୨୪।୬(ସଂଚାର ବ୍ୟୁରୋ):** ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ 'ନାରୀ ଅଧିକାର ଅଭିଯାନ'ସମାବେଶ ସହ ଅନୁଷ୍ଠିତ ହୋଇଯାଇଅଛି। ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ମହିଳା ନେତ୍ରୀ ଭାଗ୍ୟଲକ୍ଷ୍ମୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମରେ ଦଳର ବହୁ ଶୀର୍ଷ ନେତୃବୃନ୍ଦ ସାମିଲ ହୋଇ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ରଣହୁଙ୍କାର ଭରିଛନ୍ତି। ସମାବେଶକୁ ସମ୍ବୋଧିତ କରି ବକ୍ତାମାନେ ବିଜେପି ଶାସନ କାଳରେ ରାଜ୍ୟର ଆଇନ ଶୃଙ୍ଖଳା ଓ ପ୍ରଶାସନିକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ସବୁଠୁ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦିନକୁ ଦିନ ନାରୀ ନିର୍ଯ୍ୟାତନା ମାମଲା ବୃଦ୍ଧି ପାଉଥିବା ବେଳେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ସମାବେଶରେ ସ୍ଥାନୀୟ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକଙ୍କ ଭୂମିକାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ତାଙ୍କୁ କଡ଼ା ଭାଷାରେ ନିନ୍ଦା କରାଯାଇଛି।ରାଜ୍ୟସଭା ନିର୍ବାଚନରେ ବିଶ୍ୱାସଘାତକତା ପାଇଁ ଆଗାମୀ ଦିନରେ ଜୟଦେବବାସୀ ତାଙ୍କୁ ଉଚିତ ଜବାବ ଦେବେ ଏବଂ ତାଙ୍କର ରାଜନୈତିକ ଭବିଷ୍ୟତ ଶୂନ ହୋଇଯିବ ବୋଲି ଚେତାବନୀ ଦିଆଯାଇଛି।

## ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବିରେ ଧାରଣା

**ଜୟପୁର,୨୪।୬(ସଂଚାର ବ୍ୟୁରୋ):** ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତୁରନ୍ତ ଧାନ ଉଠାଇବା ଦାବି ରେ ଧାରଣା ଦିଆଯାଇଛି। କୋଟପାଡ ବ୍ଲକ ବୋବେୟା ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବି ରେ ଧାରଣା ଦିଆଯାଇଛି। ମାଁ ମାଉଲି କୃଷକ ସଂଘ ତରଫରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବି ପତ୍ର ଦେଇ ଧାରଣା ଦିଆଯାଇଛି। ବୋବେୟା ମଣ୍ଡିରୁ ୩ ହାଜର କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ଦୀର୍ଘ ୧୫ ଦିନ ହେବ ପଡ଼ି ରହିଥିବା ବେଳେ ଦୁଇ ଦିନ ଭିତରେ ଟୋକେନ ଶେଷ ହୋଇ ଯିବ। ସେ ନେଇ ଚିନ୍ତାରେ ଅଛନ୍ତି ଚାଷୀ। ମିଲର ମାନେ ପ୍ରଥମେ ଘରେ ରଖିଥିବା ଧାନ କୁ ଉଠାଉ ନେଉଛନ୍ତି। ଲ୍ୟାମ୍ପସ କର୍ତ୍ତୃପକ୍ଷ ନିରପ ରହୁଥିବା ବେଳେ ୧୫ ଦିନ ହେବ ମଣ୍ଡିରେ ଧାନ ପଡ଼ି ରହିଥିବା ବେଳେ ମିଲରଙ୍କ ଦେଖା ମିଳୁ ନାହିଁ। ଚାଷୀ ଲେପଟ ରାଇର ଶୀକାର ନହୋଇ ଚାଷୀଙ୍କ ଧାନ ଯେପରି ଉଚିତ ଦରରେ ବିକ୍ରୟ ହେବ ସେଥି ପ୍ରତି ଗୁରୁତ୍ୱ ଦେବାକୁ କୃଷକ ସଂଘ ସଭାପତି ଜଗଦିଶ ବିଷୋୟୀ ଦାବି ହୋଇଛି। ଦାବି ଗୁରୁତ୍ୱ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ୩ ଦିନ ଭିତରେ ମଣ୍ଡିରୁ ଧାନ ଉଠିବ ବୋଲି ପ୍ରତିଶୃତି ଦେବାରୁ ଧାରଣାରୁ ଓହରିଥିଲେ ଚାଷୀ।

## ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



**୨୭ରୁ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ**

**ସୁବର୍ଣ୍ଣପୁର,୨୪।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା କଲେକ୍ଟରେଟର ମିନି ସମ୍ମିଳନୀ କକ୍ଷଠାରେ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ଅବସରରେ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୂପୁରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଟାଉନ ହଲଠାରେ ଏକ ପ୍ରଦର୍ଶନୀ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଦର୍ଶନୀରେ ମୋଟ ୨୨ଟି ଷ୍ଟଲ୍ ରହିବ ଏବଂ ସେଥିମଧ୍ୟରୁ ୬ଟି ଷ୍ଟଲ୍ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ଆସନ୍ତା ଜୁନ୍ ୨୭ ତାରିଖ ସନ୍ଧ୍ୟାରେ ଜିଲ୍ଲାପାଳ ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରିବେ ଏବଂ ଏହା ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ପ୍ରଦର୍ଶନୀର ସୁପରିଚାଳନା ପାଇଁ ସମସ୍ତ ଲାଇନ ବିଭାଗ ସମନ୍ୱୟ ଓ ସହଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଦର୍ଶନୀ ଅବସରରେ ଉଦ୍ୟୋଗୀତା, ଋଣ ସହାୟତା, ବ୍ୟାଙ୍କିଂ ସୁବିଧା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ବିପଣନ, ବ୍ରାଣ୍ଡିଂ, ଡିଜିଟାଲାଇଜେସନ ଓ ଉଦ୍ୟୋଗୀତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହା ସହିତ ଉଦ୍ୟୋଗୀତା ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ।

### ଜଳବିଭାଜିକା ବିଭାଗ ସମୀକ୍ଷା: ସମୟସୀମାରେ ପ୍ରକଳ୍ପ ସମାପ୍ତି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

**ନୂଆପଡ଼ା,୨୪।୬(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ସ୍ୱୟଂପ୍ରଭା ସିଂହ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ଯଥା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଏବଂ କୃଷିବନୀକରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ଜଳଧାରା ଯୋଜନା ଅନ୍ତର୍ଗତ ଖନନ କରାଯାଇଥିବା ୧୫୪ ଗୋଟି ପୋଖରୀର ଅଡ଼ିବନ୍ଧରେ ଘାସ ଲଗାଇବା କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଅବସରରେ ଜିଲ୍ଲାର ପାଞ୍ଚଟି ବ୍ଲକର ପାଞ୍ଚ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ସହକାରୀ ନିର୍ଦ୍ଦେଶକ, ଦେବେନ୍ଦ୍ର କୁମାର ନାୟକଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ନାଗରିକ ସହାଭାଗିତା କାର୍ଯ୍ୟକ୍ରମ

## ବିକାଶମୂଳକ ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା




**ସୁବର୍ଣ୍ଣପୁର,୨୪।୬(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ଜନ ସମ୍ପର୍କ ଏବଂ ନାଗରିକ ସହାଭାଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ଭାରତ ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ସମସ୍ତ ପ୍ରକାରର ଉନ୍ନତି ଏବଂ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ହେବା ସହିତ ଜିଲ୍ଲାର ବିଭିନ୍ନ ସଂଗଠନରୁ ଆସିଥିବା ପ୍ରତିନିଧିମାନଙ୍କର ମତାମତ ନିଆଯାଇଥିଲା। ବିକାଶର ଧାରା ଓଡିଶା ସାରା ର ଏହି କାର୍ଯ୍ୟକ୍ରମ ଅବସରରେ ମାନନୀୟ ସାଂସଦ ବଲାଙ୍ଗୀରଙ୍କ ପ୍ରତିନିଧି ସାନନ୍ଦ ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଏବଂ ସାମାଜିକ କର୍ମୀ ବେଣୁଧର ଦାସ ଉପସ୍ଥିତ ଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଏକ ସଭାଗୃହ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସୁବର୍ଣ୍ଣପୁରର ବିକାଶରେ ସହାୟକ ହୋଇପାରିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ମାନ୍ୟବର ବିଧାୟକ କହିଥିଲେ ଯେ ସରକାର ସମସ୍ତଙ୍କୁ ନେଇ ଚାଲିବ ଏବଂ ସମସ୍ତଙ୍କର ମତାମତ ଏ ବାବଦରେ ନିହାତି ଆବଶ୍ୟକ। ସଭାଗୃହ ବୈଠକରେ ସୁବର୍ଣ୍ଣପୁରର ରିଙ୍ଗ ରୋଡ଼ ପ୍ରକଳ୍ପକୁ ପୂର୍ଣ୍ଣ କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ସେହିପରି ସୁବର୍ଣ୍ଣପୁରରେ ନୂତନ ମତ୍ସ୍ୟ ମହାବିଦ୍ୟାଳୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଏବଂ ସୁବର୍ଣ୍ଣପୁର-ସମ୍ବଲପୁର ଚାରି ଟିକିଆ ରାସ୍ତା ସମ୍ପର୍କରେ ଆଲୋଚନା ହୋଇଥିଲା।

## ରେଆର ଦ୍ୱାରା ଅଭିଭାବକ ସମ୍ମିଳନୀ



**ସୁବର୍ଣ୍ଣପୁର,୨୪।୬(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ଦ୍ୱାରା ଅଭିଭାବକ ସମ୍ମିଳନୀ ଧୋବମୁଣ୍ଡା ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେଆର ର ସହପ୍ରତିଷ୍ଠାତା ଅମ୍ବୁଜ ବିହାରୀ ଶତପଥୀ, ଅଭିଭାବକ ସଂଘର ସଭାପତି ସିମାଞ୍ଚଳ ଦାଶ, ସମ୍ପାଦିକା ହରିପ୍ରିୟା ପାଣିଗ୍ରାହୀ, ବୋର୍ଡ ସଦସ୍ୟା ସନ୍ତୋଶିନୀ ରାଉତ ଯୋଗଦେଇ ଭିନ୍ନକ୍ଷମ ଶିଶୁ ମାନଙ୍କ ବୃଦ୍ଧି ଓ ବିକାଶ ପାଇଁ ରେଆର ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହିତ ଥଇଥାନ କେନ୍ଦ୍ର କୁ ପ୍ରତିଦିନ ଶିଶୁ ମାନଙ୍କୁ ଆଣିବା, ଘରେ ପ୍ରତିଦିନ ଅଭ୍ୟାସ କରିବା ଓ ବିଦ୍ୟାଳୟକୁ ଯିବା ପାଇଁ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋଚନା କରଯାଇଥିଲା। ଯାତାୟାତ ର ସୁବିଧା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଉଅଥିବା ସମ୍ପର୍କରେ ସୂଚନା ପ୍ରଦାନ କରଯାଇଥିଲା। ଏହା ସହିତ ଘରେ ପ୍ରତିଦିନ ସମସ୍ତ ଅଭ୍ୟାସ କରିବା ପାଇଁ ମତାମତ ଦିଆଯାଇଥିଲା। ରେଆର ର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ପାଖରେ ରହିଥିବା ପିତାମାତାଙ୍କୁ ତଥ୍ୟ ସଂଗ୍ରହ କରିବ। ପାଇଁ ସୂଚନା ଦିଆଯାଇଥିଲା ଯଦ୍ୱାରା ସମସ୍ତ ଶିଶୁ ମାନେ ସେବା ପାଇ ପାରିବେ। ଫିଜିଓ ଥେରାପିଷ୍ଟ ପ୍ରୀତିମୟୀ ମିଶ୍ର ଡେ କେୟାର ଥେରାପି କେନ୍ଦ୍ର କୁ ଆସିବାର ଲାଭ ସମ୍ପର୍କରେ ଉପସ୍ଥାପନ କରିଥିବାବେଳେ ଆବଶ୍ୟକ ପରାମର୍ଶ ବିଷୟରେ କାଉନ୍ସେଲର ସୁରଭି ବିଶି ଆଲୋଚନା କରିଥିଲେ। କାର୍ଯ୍ୟ କ୍ରମ ରେ କୁଲୁ ଦନ୍ତା ସ୍ୱାଗତ କରିଥିବା ବେଳେ ସତ୍ୟନାରାୟଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।


## ୩୦ ବର୍ଷ ପରେ ବି ହୋଇପାରୁନି ରାସ୍ତା ମରାମତି



**ବୈଶିଙ୍ଗା,୨୪।୬(ସଂଚାର ବ୍ୟୁରୋ):** ସାରାଦେଶରେ ବା ରାଜ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କୋଟି କୋଟି ଟଙ୍କାର ଅର୍ଥ ମଞ୍ଜୁରୀ ହେବାପରେ ଗ୍ରାମାଞ୍ଚଳରେ ଏହା କିପରି ରୂପାନ୍ତରିତ ହେଉଛି, ଠିକାଦାର କିପରି କାମ କରୁଛି, ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେଉଛି କି ନାହିଁ, ଏ ସବୁ ଦେଖିବା ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖରେ ସମୟ ନାହିଁ। ଫଳରେ ଅଳ୍ପ କିଛି ଦିନ ପରେ ଏହି ରାସ୍ତାଗୁଡିକ ର ଅବସ୍ଥା ଏମିତି ଖରାପ ହୋଇ ଯାଉଛି ଯେ ବିନା ମରାମତିରେ ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ଏହାର ନଗ୍ନ ଉଦାହରଣ ପାଲଟିଛି ଖୁଣ୍ଟାପୁର-ଅସ୍ତପୁରା ଗ୍ରାମ୍ୟ ସଡ଼କ। ପଣସିଆ-ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ଖୁଣ୍ଟାପୁର ସ୍କୁଲ ଛକ ଠାରୁ ଅସ୍ତପୁରା ନିକଟରେ ବୈଶିଙ୍ଗା -ରୁପସା ଏମ୍.ଡି.ଆର..୭୦କୁ ସଂଯୋଗ କରୁଥିବା ଦେଢ କି.ମି.ରାସ୍ତା ଟିକୁ ପ୍ରାୟ ୩୦ ବର୍ଷ ତଳେ ପିଚୁ ରାସ୍ତା ତିଆରି କରାଯାଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ବଡ ବଡ ମେଟାଲ ସବୁ ଉଠିଯାଇ ରାସ୍ତାରେ ବିଛୁଡି ହୋଇପଡି ଥିବାରୁ ଗାଡି, ବାଇକ୍ ଚାଲିବା ତ ଦୂରର କଥା ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏହି ୩୦ ବର୍ଷ ମଧ୍ୟରେ କେତେ ସାଂସଦ, ବିଧାୟକ ଓ ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ବିଦାୟ ହୋଇଯାଇଛନ୍ତି, ମାତ୍ର ଏହି ରାସ୍ତା ପ୍ରତି କାହାରି ଦରଦ ଥିବା ଭଳି ପରିଲକ୍ଷିତ ହୋଇନାହିଁ। ଏହି ୩୦ ବର୍ଷ ମଧ୍ୟରେ ବିଜୁ ଜନତାଦଳ ୨୫ ବର୍ଷ କ୍ଷମତାସୀନ ଥାଇ ମଧ୍ୟ ଏହି ରାସ୍ତା ପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ ପାଲଟିଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ପ୍ରଥମ କରି ଶାସନ ଭାର ଗ୍ରହଣ କରିବା ର ଦଶ ମାସ ପୂର୍ତ୍ତି ହୋଇଥିବାବେଳେ ଏହି ରାସ୍ତାର ଅବସ୍ଥା ସୁଧୁରିବା ନେଇ ଖୁଣ୍ଟାପୁର ଗ୍ରାମବାସୀ ବହୁ ଆଶାବାଦୀ ଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ମରାମତିର ଆବଶ୍ୟକତା କୁ ଉପଲବ୍ଧି କରି ନିର୍ମାଣ ପ୍ରତି ଗୁରୁତ୍ୱ ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ।

### ନୀଳଗିରି ୨ ଜିଲ୍ଲା ପରିଷଦ ସଭ୍ୟଙ୍କ ପଦ ରଦ୍ଦ

## ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ



**ନୀଳଗିରି,୨୪।୬(ସଂଚାର ବ୍ୟୁରୋ):** ବିଜେଡିଛାଡି ବିଜେପିରେ ମିଶିଥିବା ୨ ଜିଲ୍ଲା ପରିଷଦ ସଭ୍ୟଙ୍କ ପଦ ରାଜ୍ୟ ନିର୍ବାଚନ କମିଶନ ରଦ୍ଦ କରିଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରିବ୍ଲକରେ ୧୩ନମ୍ବର ଜୋନ(ମିତ୍ରପୁର) ର ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଓ ୧୧ ନମ୍ବର ଜୋନ(ବର ମପୁର)ର ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂଙ୍କ ସଭ୍ୟପଦ ରଦ୍ଦ ହୋଇଛି।୨ଜଣ ଜିଲ୍ଲାପରିଷଦ ସଭ୍ୟ ଜୁନ ୨୮ ତାରିଖ ୨୦୨୫ମସିହାରେ ବିଜେଡି ଛାଡି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଓ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଙ୍କ ଉପସ୍ଥିତ ରେ ନୀଳଗିରି କଲ୍ୟାଣ ମଣ୍ଡପ ରେ ବିଜେପି ରେ ମିଶିଥିଲେ।ଏହାପରେ ସଭ୍ୟପଦ ରଦ୍ଦ ପାଇଁ ନୀଳଗିରିବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଇଂସୁକାନ୍ତ ନାୟକ ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ପରେ ନବୀନ ପଟ୍ଟନାୟକ ନିର୍ଦ୍ଦେଶରେପୂର୍ବତନ ବିଧାୟକ ଶ୍ରୀ ନାୟକ ରାଜ୍ୟ ନିର୍ବାଚଜନ କମିଶନଙ୍କ ପାଖରେ ଏକ ମାମଲା ଦାୟର କରିଥିଲେ।ଆଜି ଅର୍ଥାତ ବୁଧବାର ରାଜ୍ୟ ନିର୍ବାଚନ କମିଶନ ଏଭଳିଗୁରୁତ୍ୱ ପୂର୍ଣ୍ଣ ରାୟ ଶୁଣାଇ ଜିଲ୍ଲା ପରିଷଦ ଆକ୍ଟ ୩୩(ବି) ନିୟମ ଅନୁଯାୟୀ ୨ଜଣଜିଲ୍ଲା ପରିଷଦ ଙ୍କ ସଭ୍ୟ ପଦ ରଦ୍ଦକରିଛନ୍ତି।ଏନେଇ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଙ୍କୁ ପଚାରିବାରୁ ସତ୍ୟ ର ବିଜୟ ହୋଇଛି ବୋଲି କହିଛନ୍ତି।

## ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବ ର୍ୟାଲି ଓ ମାନବ ଶୃଙ୍ଖଳ ଅନୁଷ୍ଠିତ

**ନୂଆପଡ଼ା,୨୪।୬(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬ ପାଳନ ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ନୂଆପଡ଼ାରେ ଏକ ବିଶାଳ ଯୁବ ରାଲି ଏବଂ ମାନବ ଶୃଙ୍ଖଳ ଆୟୋଜିତ ହୋଇଯାଇଛି। ସକାଳ ୭ଟା ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଆୟୋଜିତ ଏହି ଯୁବ ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିଟି ଜିଲ୍ଲାପାଳ ଅଫିସରୁ ବାହାରି ଏକତା ଛକ ପର୍ଯ୍ୟନ୍ତ ଯାଇଥିଲା। ଏକତା ଛକ ଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ ଗଠନ କରି ନିଶା ବିରୋଧୀ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ରାଲି ସମୟରେ ନିଶାଦ୍ରବ୍ୟ ସେବନର କୁପ୍ରଭାବ, ଅବୈଧ ନିଶା କାରବାରରଠ ନିରାକରଣ ଏବଂ ନିଶାମୁକ୍ତ ସମାଜ ଗଠନ ନେଇ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦିଆଯାଇଥିଲା।

### 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ଝାରସୁଗୁଡ଼ା,୨୪।୬(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ଅର୍ଡ଼ା ଗ୍ରାମପଞ୍ଚାୟତ ପରିସରରେ ଆଜି ସରକାରଙ୍କ ଏକ ସ୍ୱତନ୍ତ୍ର 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରଗତି, ଭିତ୍ତିଭୂମିର ବିକାଶ ଏବଂ ସାଧାରଣ ଜନତାଙ୍କ ନିକଟରେ ସରକାରୀ ଯୋଜନାର ସଫଳ ରୂପାୟନ ପହଞ୍ଚାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ



**କଳାହାଣ୍ଡି,୨୪।୬(ସଂଚାର ବ୍ୟୁରୋ):** ଧର୍ମଗଡ଼ ବ୍ଲକ ପରିସରରେ ବ୍ଲକ ସ୍ତରୀୟ "ସୁଭଦ୍ରା ଶକ୍ତି ସମାବେଶ ଓ ସୁଭଦ୍ରା ଶକ୍ତି ସମ୍ବାଦ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତିକରଣ, ସ୍ୱାବଲମ୍ବନ ଏବଂ ସୁଭଦ୍ରା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ଼ ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ପୂରଲେଙ୍କିଆ ସୋରେନ, ଡା. ଦେବଦତ୍ତ ପଣ୍ଡା ଏବଂ ବିପିଏମ ଚିଦାନନ୍ଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅତିଥିମାନେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ଦିଗରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହିତ ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁଯୋଗ ନେବା ପାଇଁ ଆହ୍ୱାନ କରିଥିଲେ। ସମାବେଶରେ ଉପସ୍ଥିତ ମହିଳାମାନଙ୍କ ସହ ସିଧାସଳଖ ସମ୍ବାଦ ମାଧ୍ୟମରେ ସେମାନଙ୍କର ମତାମତ ଓ ଅନୁଭୂତି ମଧ୍ୟ ଶୁଣାଯାଇଥିଲା। ଏହି ଅବସରରେ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର କାର୍ଯ୍ୟକୁ ଅଧିକ ଡିଜିଟାଲ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ ବଣ୍ଟନ କରାଯାଇଥିଲା।

ଏହାଦ୍ୱାରା ପୋଷଣ, ଶିଶୁ ବିକାଶ ଓ ମାତୃ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟର ଅନଲାଇନ ପରିଚାଳନା ଏବଂ ସରକାରୀ ସେବା ପହଞ୍ଚାଇବାରେ ସୁବିଧା ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।ସମଗ୍ର କାର୍ଯ୍ୟକ୍ରମକୁ ସୁଭଦ୍ରା ସଂଯୋଜକ ଆଲୋକ ନେଗୀ ସୁଚାରୁ ଭାବେ ପରିଚାଳନା କରିଥିଲେ।